

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି


The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର, ୨୫ ଅପ୍ରେଲ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 25 APRIL 2022
Vol.No. 33 ■ No. 107 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ
ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର
ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


# ଧାରା ୩୭୦ ହଟିବାର ୩ ବର୍ଷ ପରେ ଜମ୍ମୁରେ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ, ୨୪/୦୪ : ଆଜି ଜମ୍ମୁ କଶ୍ମୀର ଗସ୍ତ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଜମ୍ମୁ କାଶ୍ମୀରରୁ ଧାରା ୩୭୦ ହଟିବାର ପ୍ରାୟ ୩ ବର୍ଷ ପରେ ପ୍ରଥମଥର ପାଇଁ ଜମ୍ମୁ ଗସ୍ତ କରିଛନ୍ତି ମୋଦି । ସେହିପରି ରାଜ୍ୟ ମାନ୍ୟତା ହରାଇବା ପରେ ଏହା ହେଉଛି ମୋଦିଙ୍କ ପ୍ରଥମ ଜମ୍ମୁ କଶ୍ମୀର ଗସ୍ତ । ପଞ୍ଚାୟତିରାଜ ଦିବସ ଅବସରରେ ସାମ୍ବା ଜିଲ୍ଲା ପଲ୍ଲୀରୁ ଦେଶବ୍ୟାପୀ ଗ୍ରାମସଭା ଗୁଡ଼ିକୁ ସମ୍ବୋଧନ କରିଛନ୍ତି ମୋଦି। ତେବେ ଫୋକସରେ ଥିଲା ଜମ୍ମୁ ଓ କଶ୍ମୀର। ଏହି କେନ୍ଦ୍ର ଶାସିତ ଅଞ୍ଚଳର ବିକାଶ ପାଇଁ ୨୦ ହଜାର କୋଟି ଟଙ୍କାର ପ୍ରକଳ୍ପ ଉଦ୍ ?ଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ । ଯେଉଁଥିରେ ସାମିଲ ଅଛି ପ୍ରାୟ ୯ କିଲୋମିଟର ଦୀର୍ଘ ବନିହାଲ୍-କାଜିଗୁଣ୍ଡ୍ ଟନେଲ୍ ଏବଂ ଚେନାବ୍ ନଦୀରେ ନିର୍ମାଣ ହେବାକୁ ଥିବା ୮୫୦ ଓ ୫୪୦ ମେଗାୱାଟର ୨ଟି ଜଳ ବିଦ୍ୟୁତ୍ ?ପ୍ରକଳ୍ପ । ଏଥିସହ ଦେଶର ପ୍ରତି ଜିଲ୍ଲାରେ ୭୫ଟି ଜଳାଶୟର ପୁନରୁଦ୍ଧାର ପାଇଁ ଅମୃତ ସରୋବର ଅଭିଯାନର ମଧ୍ୟ ଶୁଭାରମ୍ଭ କରିଛନ୍ତି ମୋଦି। ଆଜିର କାର୍ଯ୍ୟକ୍ରମରେ ହଜାର ହଜାର ପଞ୍ଚାୟତସ୍ତରୀୟ ଜନପ୍ରତିନିଧି ଓ ସାଧାରଣ ଲୋକ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ସହ ମଞ୍ଚରେ ଉପସ୍ଥିତ ଥିଲେ ଜମ୍ମୁ ଓ କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, କେନ୍ଦ୍ର ମନ୍ତ୍ରୀ ଗିରିରାଜ ସିଂ ଓ ଜିତେନ୍ଦ୍ର ସିଂ ପ୍ରମୁଖ । ତେବେ ନିକଟ ଭବିଷ୍ୟତରେ ଜମ୍ମୁ ଓ କାଶ୍ମୀରରେ ବିଧାନସଭା ନିର୍ବାଚନ ଆୟୋଜନ ହୋଇପାରେ ବୋଲି କୁହାଯାଉଥିବାରୁ, ମୋଦିଙ୍କ ଆଜିର ଗସ୍ତ ବେଶ୍ ଗୁରୁତ୍ୱ ବହନ କରୁଛି ।

# ଶେଷରେ କୋର୍ଟରେ ଆତ୍ମସମର୍ପଣ କଲେ ଆଶିଷ ମିଶ୍ରା



ନୂଆଦିଲ୍ଲୀ, ୨୪/୦୪ : ଲଖିମପୁର ଖେରୀ ହିଂସା ମାମଲାରେ ମୁଖ୍ୟ ଅଭିଯୁକ୍ତ ଆଶିଷ ମିଶ୍ରା ଶେଷରେ ଆତ୍ମସମର୍ପଣ କରିଛନ୍ତି। ରବିବାର ସେ ଅଦାଲତତର ବିଚାରପତିଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି। ଜଣେ ଜେଲ ଅଧିକାରୀ ଏହି ସୂଚନା ଦେଛନ୍ତି। ଆଜି ଅପରାହ୍ଣ ୩ଟା ୨୫ରେ ଆଶିସ ମିଶ୍ରା ଲଖିମପୁର ଖେରୀ ଜିଲ୍ଲାରେ ଥିବା କୋର୍ଟରେ ସେ ଆତ୍ମସମର୍ପଣ କରିଛନ୍ତି । ଆଇନଶୃଙ୍ଖଳା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ଗତ ଏପ୍ରିଲ ୧୮ ତାରିଖୋରେ ଆଶିଷ ମିଶ୍ରାଙ୍କ ଜାମିନ ରଦ୍ଦ କରି ଆତ୍ମସମର୍ପଣ ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସପ୍ତାହକ ମଧ୍ୟରେ ଆତ୍ମସମର୍ପଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇ ଥିଲେ। ତେବେ ଧାର୍ଯ୍ୟ ସମୟକୁ ଗୋଟିଏ ଦିନ ପୁରିବାକୁ ଥିବା ବେଳେ ତା'ପୂର୍ବରୁ ଆଶିଷ ମିଶ୍ରା ଆତ୍ମସମର୍ପଣ କରିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ଆଶିଷ ମିଶ୍ରା ହେଉଛନ୍ତି କେନ୍ଦ୍ର ଗୃହ ରାଜ୍ୟମନ୍ତ୍ରୀ ଅଜୟ ମିଶ୍ରା ଟେନିଙ୍କ ପୁଅ। ଲଖିମପୁର ଖେରିରେ କୃଷକଙ୍କ ଉପରେ ଗାଡି ଚଢ଼ାଇବା ମାମଲରେ ଆଶିଷ ମିଶ୍ରାଙ୍କ ନାଁ ସାମ୍ନାକୁ ଆସିଥିଲା। ସେ ହିଁ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ପ୍ରମାଣିତ ହେବା ପରେ ଉତ୍ତରପ୍ରଦେଶ ପୁଲିସ ତାଙ୍କୁ ଗିରଫ କରିଥିଲା। ଏହାପରେ ଆଶିଷ ମିଶ୍ରାଙ୍କୁ ଆହ୍ଲାବାଦର ହାଇକୋର୍ଟରେ ଜାମିନ ମିଳିଥିଲା। ତେବେ ଆହ୍ଲାବାଦ ହାଇକୋର୍ଟର ଏହି ଜାମିନକୁ ଏବେ ସୁପ୍ରିମକୋର୍ଟ ଖାରଜ କରି ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ଆଶିଷ ମିଶ୍ରାଙ୍କ ଜାମିନ ଆବେଦନ ଉପରେ ହାଇକୋର୍ଟ ପୁନର୍ବିଚାର କରିବା ଉଚିତ୍। ପୀଡିତ ପକ୍ଷଙ୍କ ଓକିଲ ଦୁଶାନ୍ତ ଦବେ ଅନୁରୋଧ କରିଛନ୍ତି ଯେ ସୁପ୍ରିମକୋର୍ଟ ହାଇକୋର୍ଟର ପ୍ରଧାନ ବିଚାରପତିଙ୍କୁ କୁହନ୍ତୁ ଯେ, ଏଥର ଏହି ମାମଲାରେ ଅନ୍ୟ କୌଣସି ବେଞ୍ଚ ନିଷ୍ପତି ନିଅନ୍ତୁ। ଏହାର ଉତ୍ତରରେ ସିଜେଇଆ କହିଛନ୍ତି ଏଭଳି ନିର୍ଦ୍ଦେଶ ପାସ୍ ? କରିବା ଠିକ୍ ହେବ ନାହିଁ। ସୂଚନାଯୋଗ୍ୟ, ଗତବର୍ଷ ଅକ୍ଟୋବର ୩ରେ ଚାଷୀମାନେ ଉତ୍ତର ପ୍ରଦେଶର ଲଖିମପୁର ଖେରିରେ ବିକ୍ଷୋଭ କରୁଥିବା ବେଳେ ସେମାନଙ୍କ ଉପରେ ଗାଡ଼ି ମଡ଼ାଇ ଦିଆଯାଇଥିଲା। ଏଥିରେ ୪ ଜଣ ଚାଷୀଙ୍କ ମୃତ୍ୟୁ ଘଟିଥିବା ବେଳେ ଏହା ପରେ ପ୍ରବଳ ହିଂସାକାଣ୍ଡ ଘଟିଥିଲା। ଫଳରେ ଆଉ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଜଣେ ସାମ୍ବାଦିକ ମଧ୍ୟ ଏହି ପୂରା ଘଟଣାରେ ଜୀବନ ହରାଇଥିଲେ। ଅଭିଯୋଗ ହୋଇଥିଲା ଯେ କେନ୍ଦ୍ର ଗୃହରାଜ୍ୟ ମନ୍ତ୍ରୀ ଅଜୟ ମିଶ୍ରା ଟେନିଙ୍କ ପୁଅ ଆଶିଷ ମିଶ୍ର ଓରଫ ମୋନୁ ତାଙ୍କ ଜିପ୍ ଆନ୍ଦୋଳନ କରୁଥିବା ଚାଷୀଙ୍କ ଉପରେ ଚଢ଼ାଇ ଦେଇଥିଲେ। ଏହି ମାମଲାରେ ଉତ୍ତରପ୍ରଦେଶ ଏସ୍ଏ ?ଆଇଟି ୫୦୦୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଥିଲା। ଏଥିରେ ଏସଆଇଟି ଆଶିଷ ମିଶ୍ରାଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଇଥିଲା।

## ୭ ଦିନରେ ୧୦୯୬ଟି ସ୍କୁଲ୍ ଗାଡ଼ିକୁ ଫାଇନ୍

ଭୁବନେଶ୍ୱର, ୨୪/୦୪ (ନି.ପ୍ର): ସ୍କୁଲ ପିଲାଙ୍କୁ ନେଉଥିବା ବସ୍ ବା ଅନ୍ୟ ଗାଡ଼ି ଗୁଡ଼ିକର ଫିଟ୍‌ନେସ୍ ଉପରେ ଗୁରୁତର ଦେଉଛି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)। ସେଥିପାଇଁ ବେଶ୍ କିଛି ଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ଜୋରଦାର ଚଢ଼ାଉ ଚାଲିଛି। ଗତ ୭ ଦିନର ଚଢ଼ାଉରେ ୧୦୯୬ ଟି ସ୍କୁଲ୍ ଗାଡ଼ି ନିୟମ ଉଲ୍ଲଂଘନ କରି ଦଣ୍ଡିତ ହୋଇଥିବା ପରିବହନ ଓ ସଡ଼କ ସୁରକ୍ଷା ଯୁଗ୍ମ କମିଶନର ସଞ୍ଜୟ ବିଶ୍ୱାଳ ସୂଚନା ଦେଇଛନ୍ତି। ସେ ଏକ ପ୍ରେସ ରିଲିଜରେ ମାଧ୍ୟମର କହିଛନ୍ତି, ଏହି ୧୦୯୬ଟି ଗାଡ଼ି ମଧ୍ୟରୁ ଫିଟ୍‌ନେସ୍ ସାର୍ଟିଫିକେଟ ବିନା ୮୨୦ଟି ଗାଡ଼ି ଚାଲୁଥିଲା। ସେହିପରି ୩୮୭ଟି ଗାଡ଼ିର ବୈଧ ଅନୁମତି ନାହିଁ। ଏହାସହ ୩୧୧ ଡ୍ରାଇଭରଙ୍କ ବୈଧ ଡ୍ରାଇଭିଂ ଲାଇସେନ୍ସ ନାହିଁ। ସେ ଆହୁରି କହିଛନ୍ତି, ସ୍କୁଲ ପିଲାଙ୍କ ପରିବହନ ପ୍ରସଙ୍ଗକୁ ହାଲୁକା ଭାବେ ଗ୍ରହଣ କରାଯାଇପାରିବ ନାହିଁ। ଛାତ୍ରମାନଙ୍କ ଅସୁବିଧା ପାଇଁ ସଂପୃକ୍ତ ସ୍କୁଲ ବସ୍ ଅପରେଟର ଏବଂ ସ୍କୁଲ ମ୍ୟାନେଜମେଣ୍ଟ ଦାୟୀ ରହିବେ। ସେହିପରି ଏସ୍‌ଟିଏ ପକ୍ଷରୁ ବସ୍ ଗୁଡ଼ିକର ଫିଟ୍‌ନେସ୍ ଉପରେ ଗୁରୁତ୍ୱ ଦେବା ଓ ସମସ୍ତ ମୋଟର ଯାନ ନିୟମ ପାଳନ କରିବା ପାଇଁ ବିଦ୍ୟାଳୟ ଗୁଡ଼ିକୁ ନିବେଦନ କରାଯାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଅନୁପଯୁକ୍ତ ବସ୍ ଉପରେ ନଜର ରଖନ୍ତୁ ବୋଲି ନିବେଦନ କରାଯାଇଛି।

## ଏମ୍ସର କର୍ମଚାରୀଙ୍କ ଉପରେ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର, ୨୪/୦୪ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ( ଏମସ )ର ଜଣେ କର୍ମଚାରୀ ପ୍ରବୀଣ ପାଠକଙ୍କ ଉପରେ ଶନିବାର ମରଣାନ୍ତକ ଆକ୍ରମଣ ହୋଇଛି । ଏ ନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁସାରେ ଆଇଟିଇଆର କଲେଜ ନିକଟରେ ୮ ଜଣ ଲୁଟ ଉଦ୍ୟମ କରି ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ । ପ୍ରବୀଣଙ୍କ ମୁଣ୍ଡ ସମେତ ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି । ଖଣ୍ଡଗିରି ପୁଲିସ ଏହି ମାମଲାର ତଦନ୍ତ କରୁଥିବା ଜଣା ପଡିଛି ।

# ସାମ୍ନାକୁ ଆସିଲା ମୃତ ମେଡିକାଲ୍ ଛାତ୍ରଙ୍କ ଚାଟିଂ




ବଲାଙ୍ଗିର, ୨୪/୦୪ (ନି.ପ୍ର): ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍‌ପିଟାଲର ଛାତ୍ର ନିଶାନ୍ତ କୁମାରଙ୍କ ମୃତ୍ୟୁକୁ ଦୁଇ ଦିନ ବିତିଲାଣି। ହେଲେ ଏପର୍ଯ୍ୟନ୍ତ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନାହିଁ। ସେପଟେ ଆଜି ସାମ୍ନାକୁ ଆସିଛି ମୃତ ଛାତ୍ର ନିଶାନ୍ତଙ୍କ ମୋବାଇଲ୍ ଚାଟିଂ। ବିଦେଶରେ ଥିବା ଜଣେ ବନ୍ଧୁଙ୍କ ସହ ତାଙ୍କ ମୋବାଇଲ୍ ଚାଟିଂ ସାମ୍ନାକୁ ଆସିଛି। କଲେଜରେ କିଭଳି ରାଗିଂ ଚାଲିଥିଲା ଚାଟିଂରେ ଉଲ୍ଲେଖ ରହିଛି। ଖେଳ ପଡ଼ିଆକୁ ଜୋର୍ ଜବରଦସ୍ତ ଡାକୁଥିଲେ ସିନିୟର। କିନ୍ତୁ ଜୁନିଅରଙ୍କୁ ଖେଳିବା ପାଇଁ ଆଦୌ ଅନୁମତି ଦେଉନଥିଲେ। ପାର୍କ ଯିବାକୁ ମଧ୍ୟ ଜୁନିଅରଙ୍କୁ ଅନୁମତି ନଥିବା ଚାଟିଂରେ ଉଲ୍ଲେଖ ରହିଛି। କଲେଜ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିବାକୁ ଡରୁଥିବା ଲେଖିଛନ୍ତି ନିଶାନ୍ତ। ମେଡିକାଲ କଲେଜ ଆଣ୍ଡ ହସ୍‌ପିଟାଲର ନ୍ୟୁ ବଏଜ ହଷ୍ଟେଲରେ ରହୁଥିଲେ ନିଶାନ୍ତ। ୨୨ ତାରିଖ ମଧ୍ୟାହ୍ନ ଭୋଜନ କରିବା ପରେ ଛାତ ଉପରକୁ ଯାଇଥିଲେ। ତା'ପରେ ଛାତରୁ ଡେଇଁ ପଡ଼ିଥିବା ଆଲୋଚନା ହେଉଛି। ସେ କେଉଁ କାରଣ ପାଇଁ ଆତ୍ମହତ୍ୟା କଲେ, ତାହା ଏପର୍ଯ୍ୟନ୍ତ ଜଣାପଡ଼ିନଥିବା ବେଳେ ପରିବାର ଲୋକ ଆଣିଥିଲେ ରାଗିଂ ଅଭିଯୋଗ। ଏବେ ଚାଟିଂ ସାମ୍ନାକୁ ଆସିବା ପରେ କଲେଜ କର୍ତ୍ତୃପକ୍ଷ ପାଇଁ ଅଡୁଆ ବଢ଼ିବ ବୋଲି ଆଲୋଚନା ହେଉଛି।

# ବିଶିଷ୍ଟ ସାହିତ୍ୟିକା ପଦ୍ମଶ୍ରୀ ବୀଣାପାଣି ମହାନ୍ତିଙ୍କ ପରଲୋକ



ଭୁବନେଶ୍ୱର, ୨୪/୦୪ (ନି.ପ୍ର): ବିଶିଷ୍ଟ ସାହିତ୍ୟିକା ପଦ୍ମଶ୍ରୀ ବୀଣାପାଣି ମହାନ୍ତିଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ସେ ପଦ୍ମଶ୍ରୀ ସହ ଅତିବଡ଼ି ଜଗନ୍ନାଥ ଦାସ ସମ୍ମାନ, ସାହିତ୍ୟ ଏକାଡେମୀ ଓ ଶାରଳା ସମ୍ମାନରେ ସମ୍ମାନିତ ହୋଇଥିଲେ। ପାଟଦେଈ, କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ ପୁସ୍ତକ ପାଇଁ ସୁଖ୍ୟାତି ପାଇଥିଲେ ପଦ୍ମଶ୍ରୀ ବୀଣାପାଣି ମହାନ୍ତି। ତାଙ୍କ ବିୟୋଗରେ ଶୋକଛାୟା ଖେଳି ଯାଇଛି। ପଦ୍ମଶ୍ରୀ ବୀଣାପାଣି ମହାନ୍ତିଙ୍କ ଜନ୍ମ ୧୯୩୬ ମସିହାରେ ହୋଇଥିଲା। ସେ ୧୯୫୩ ମସିହାରେ ମାଟ୍ରିକ୍ ଓ ୧୯୫୭ ମସିହାରେ ବିଏ ପାସ୍ କରିଥିଲେ। ୧୯୫୯ ମସିହାରେ ▶▶ପୃଷ୍ଠା ୭

# ସ୍ତ୍ରୀ ଓ ଶାଳିକୁ ହତ୍ୟା କଲା ନୃଂଶସ ସ୍ୱାମୀ



ଭୁବନେଶ୍ୱର, ୨୪/୦୪ (ନି.ପ୍ର): ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଂଚଳରେ ଘଟିଥିବା ଡବଲ ମର୍ଡର ଘଟଣା ସାରା ରାଜ୍ୟରେ ଚାଂଚଲ୍ୟ ଖେଳାଇ ଦେଇଛି । ଆଉ ଯାହା ସାମନାକୁ ଆସିଛି ତାହା ସ୍ତବ୍ଧ କରିଦେବା ଭଳି । ସ୍ତ୍ରୀ ଓ ତାଙ୍କ ଭଉଣୀଙ୍କୁ ନିଜେ ସ୍ୱାମୀ ଅତି ନିର୍ମମ ଭାବେ ହତ୍ୟା କରିବା ପରେ ଶବକୁ ତିନି ଦିନ ପର୍ଯ୍ୟନ୍ତ ଘର ଭିତରେ ଲୁଚାଇ ରଖିଥିଲେ । ଡବଲ ମର୍ଡରକୁ ନେଇ ଚନ୍ଦ୍ରଶେଖରପୁରରେ ଖେଳିଗଲା ଚାଞ୍ଚଲ୍ୟ । ସ୍ୱାମୀ ଜଣକ ସ୍ତ୍ରୀକୁ ଅତି ନୃଂଶସ ଭାବେ ହତ୍ୟା କରିଥିବାବେଳେ ଶାଳିକୁ ବି ଛାଡିନି । ଗୋଟିଏ ଘର ଭିତରେ ଦୁଇଜଣଙ୍କୁ ହତ୍ୟା କରି ୩ ଦିନ ଧରି ଘର ଭିତରେ ଲୁଚାଇ ରଖିଥିଲା । ହତ୍ୟାକାଣ୍ଡର ପ୍ଲଟ ଏଭଳି ତିଆରି କରାଯାଇଥିଲା ଯାହାର ଆଭାସ ଆଖପାଖ ଓ ସାହିପଡିଶା ବି ପାଇପାରିନଥିଲେ । ପୁଲିସ ସାଇଣ୍ଟିଫିକ ଟିମ ସହ ତଦନ୍ତ ଆରମ୍ଭ କରିବାରୁ ବନ୍ଦ ଘର ଭିତରୁ ଦୁଇଟି ଶବ ଜବତ କରାଯାଇଥିଲା । ମୃତଦେହ ପଦାକୁ ଆସିବା ପରେ ଚତୁପାଶ୍ୱର୍ ଦୁର୍ଗନ୍ଧରେ ଫାଟି ପଡୁଥିଲା । ବିଜୟ ସେଠୀ, ଇଏ ହେଉଛି ସେହି ନୃଂଶସ । ଯିଏ ଧାରୁଆ ଅସ୍ତ୍ରରେ ନିଜ ସ୍ତ୍ରୀ ଗାୟତ୍ରୀ ଓ ଶାଳି ସରସ୍ୱତୀଙ୍କ ମୁଣ୍ଡକୁ ହାଣି ହତ୍ୟା କରିଥିବା ପୁଲିସ ଆଗରେ ମାନିଛି । ବିଜୟଙ୍କ ସହ ଘରେ ରହୁଥିଲେ ସ୍ତ୍ରୀ ଗାୟତ୍ରୀ ଓ ଏକ ଘରୋଇ ହସପିଟାଲରେ ନର୍ସ ଭାବେ କାମ କରୁଥିବା ▶▶ପୃଷ୍ଠା ୭

# ଲାଂଚ ନେଲା ବେଳେ ଭୁବନେଶ୍ୱରରୁ ଦିଲ୍ଲୀ ପୁଲିସକୁ ବାନ୍ଧିଲା ସିବିଆଇ




ଭୁବନେଶ୍ୱର, ୨୪/୦୪ (ନି.ପ୍ର): ଭୁବନେଶ୍ୱରରୁ ଦିଲ୍ଲୀ ପୁଲିସକୁ ବାନ୍ଧିଲା ସିବିଆଇ । ସାଢେ ୪ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଦିଲ୍ଲୀ ଅର୍ଥନୈତିକ ଅପରାଧ ଶାଖାର କନେଷ୍ଟବଳଙ୍କୁ ବାନ୍ଧିଛନ୍ତି ସିବିଆଇ ଅଧିକାରୀ । ଉଦୟ କୁମାର ସାହୁ ନାମକ ଜଣେ ବ୍ୟକ୍ତିଙ୍କ ଠାରୁ ଲାଞ୍ଚ ନେଲା ବେଳେ ସିବିଆଇ ଦ୍ୱାରା ଗିରଫ ହୋଇଛନ୍ତି ଦିଲ୍ଲୀ ଇଓଡବ୍ଲୁର କନେଷ୍ଟବଳ ଅମିତ ଲାହୁଚା । ଏକ ମାମଲାରେ ସାକ୍ଷୀ ତାଲିକାରୁ ନାଁ ହଟାଇବା ପାଇଁ ଏହି ଲାଞ୍ଚ ଦାବି କରିଥିଲେ ଇଓଡବ୍ଲୁ କନେଷ୍ଟବଳ । ତେବେ ଦିଲ୍ଲୀ ଇଓଡବ୍ଲୁର ଇନସପେକ୍ଟରଙ୍କ ନିର୍ଦ୍ଦେଶରେ ଅମିତ ଲାହୁଚା ଲାଞ୍ଚ ନେବା ପାଇଁ ଆସିଥିବା ଜଣାପଡିବା ପରେ ତାଙ୍କ ଘରେ ମଧ୍ୟ ରେଡ କରିଛି ସିବିଆଇ । ଉକ୍ତ ଅଭିଯୁକ୍ତ ଏବେ ସିବିଆଇର ହେପାଜତରେ ରହିଥିବା ଜଣାପଡିଛି । ଲାଞ୍ଚ ନେବା ପୂର୍ବରୁ ଇଓଡବ୍ଲୁ ଇନସପେକ୍ଟର ସଜନ ସିଂ ଯାଦବ ଫୋନ୍ କରି ଉଦୟଙ୍କ ସହ କଥା ହୋଇଥିଲେ । ଏପରିକି ମାମଲାର ରଫାଦଫା ପାଇଁ ଟଙ୍କା ଦେବାକୁ ଧମକାଇଥିଲେ । ଲାଞ୍ଚ ନଦେଲେ ଉକ୍ତ ମାମଲାରେ ଉଦୟଙ୍କୁ ଅଭିଯୁକ୍ତ କରାଯିବ ବୋଲି କହିଥିଲେ । ଏପରିକି ପୂର୍ବରୁ ଆସି ଟଙ୍କା ଦେବାକୁ ମୁଣ୍ଡରେ ବନ୍ଧୁକ ଲଗାଇ ଧମକ ଦେଇଥିଲେ । ଆଉ ଶେଷରେ ଲାଞ୍ଚ ନେବାକୁ ଆସି ନିଜେ ସିବିଆଇ ଫାଶରେ ପଡିଛନ୍ତି ଦିଲ୍ଲୀ ପୋଲିସର କର୍ମଚାରୀ ।

# ଏପ୍ରିଲ୍ ୨୭ରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ବିଶାଳ ପାଇକ ଆଖଡ଼ା ଜନଗର୍ଜନ ସମାବେଶ

ଭୁବନେଶ୍ୱର, ଭୁବନେଶ୍ୱର, ୨୪/୦୪ (ନି.ପ୍ର): ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହ ବ୍ରିଟିଶମାନଙ୍କ ବିରୁଦ୍ଧରେ ଆରମ୍ଭ ହୋଇଥିଲା ଓଡ଼ିଶାର ଖୋର୍ଦ୍ଧାରୁ। ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁର୍ଖାଜୀ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଦିଲ୍ଲୀର ବିଜ୍ଞାନ ଭବନରେ ମତବ୍ୟକ୍ତ କରିଥିଲେ। ସେହି ଅନୁସାରେ ବର୍ତ୍ତମାନର ରାଷ୍ଟ୍ରପତି ରାମନାଥ କୋବିନ୍ଦ ଖୋର୍ଦ୍ଧାର ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମୃତି ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପ୍ରଦାନ ଓ ସିକ୍ ରେଜିମେଣ୍ଟ, ଗୁର୍ଖା ରେଜିମେଣ୍ଟ, ଆସାମ ରେଜିମେଣ୍ଟ ପରି ଓଡ଼ିଶା ପାଇକ ରେଜିମେଣ୍ଟ ଗଠନ ଦାବିରେ ଓଡ଼ିଶା ବୀର ମହାସଂଘ ପକ୍ଷରୁ ଆସନ୍ତା ଏପ୍ରିଲ ୨୭ ତାରିଖ ଦିନ ଖୋର୍ଦ୍ଧାର ପାଇକମାନଙ୍କର ଆରାଧ ଦେବୀ ବରୁଣେଇଠାରୁ ଏକ ବିରାଟ ପାଇକ ଆଖଡ଼ା ଜନଗର୍ଜନ ଶୋଭାଯାତ୍ରା ବାହାରି ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ ଛକରେ ଦିବା ୧୦ ଘଟିକା ସମୟରେ ପହଞ୍ଚିବ। ଏହି ସମାବେଶରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରୁ ହଜାର ହଜାର ପାଇକ ଆଖଡ଼ା ଦଳ, ବୁଦ୍ଧିଜୀବୀ, ଐତିହାସିକ ଓ ସ୍ୱାଭିମାନୀ ଓଡ଼ିଶାବାସୀ ଯୋଗଦାନ କରିବେ। ଏହି ଜନଗର୍ଜନ ସମାବେଶ ଦିବା ୧୦ଘଟିକା ସମୟରେ ମାଷ୍ଟର କ୍ୟାଣ୍ଟିନ ଛକରୁ ବାହାରି ରାମ ମନ୍ଦିର ଛକ ଦେଇ ପ୍ରଦର୍ଶନୀ ପଡ଼ିଆରେ ପହଞ୍ଚିବ ଓ ସେଠାରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହେବ ବୋଲି ଆଜି ହୋଟେଲ କେଶରୀଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ବୀର ମହାସଂଘର ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ସାଧାରଣ ସମ୍ପାଦକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକ୍ରମ ସଂଯୋଜକ ଶ୍ରୀ ନରେନ୍ଦ୍ର ପୃଷ୍ଟି ଓ ଡଃ ଅଶୋକ ସୁନ୍ଦରାୟ ଉପସ୍ଥିତ ଥିଲେ। ଏହି ସମାବେଶରେ ଓଡ଼ିଶାର ସ୍ୱାଭିମାନ ଓ ବୀରତ୍ୱପୂର୍ଣ୍ଣ ଅସ୍ମିତାର ସୁରକ୍ଷା ପାଇଁ ଓଡ଼ିଶାବାସୀ ବହୁ ସଂଖ୍ୟାରେ ଯୋଗଦାନ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି। ଏଥି ସହିତ ଯେଉଁ ପାଇକ ଆଖଡ଼ା ଦଳ ଓ ସ୍ୱାଭିମାନୀ ଓଡ଼ିଶାର ଭାଇଭଉଣୀମାନେ ଯୋଗଦାନ କରିବେ, ସେ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବା ପାଇଁ ଫୋନ୍ ନମ୍ବର ୬୩୭୧୫୦୧୧୨୬ ସହ ଯୋଗାଯୋଗ କଲେ ପାଇପାରିବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ସାରା ରାଜ୍ୟରେ ବର୍ଷୁଛି ନିଆଁ

## ୨୮ଟି ସହରରେ ୪୦ଡ଼ିଗ୍ରୀ କିମ୍ବା ତା'ଠାରୁ ଅଧିକ ଦିନ ତାପମାତ୍ରା ରେକର୍ଡ



ଭୁବନେଶ୍ୱର, ୨୪/୦୪ (ନି.ପ୍ର): ସାରା ରାଜ୍ୟରେ ନିଆଁ ବର୍ଷୁଛି । ରାଜ୍ୟର ୨୮ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ତା ଠାରୁ ଅଧିକ ରେକର୍ଡ କରାଯାଇଛି । ସେହିପରି ୮ଟି ସ୍ଥାନରେ ତାପମାତ୍ରା ୪୨ ଡିଗ୍ରୀ ସେଲସିୟସ କିମ୍ବା ତା ଠାରୁ ଅଧିକ ରେକର୍ଡ କରାଯାଇଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ୪୩.୮ ଡ଼ିଗ୍ରି ସହ ସୋନପୁର ରାଜ୍ୟର ଉତ୍ତପ୍ତ ସହର ହୋଇଥିବା ବେଳେ ୪୩.୩ ଡ଼ିଗ୍ରି ସହ ଭୁବନେଶ୍ୱର ଦ୍ୱିତୀୟ ସହର ହୋଇଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଆସନ୍ତାକାଲିଠାରୁ କିଛି ଜିଲ୍ଲାରେ ତାପମାତ୍ରା ବଢ଼ିବାର ସମ୍ଭାବନା ରହିଛି । ଅନୁଗୁଳରେ ୪୩.୧, ତାଳଚେରରେ ୪୩.୦, ଝାରସୁଗୁଡାରେ ୪୨.୨, ବଲାଂଗୀରରେ ୪୨.୩, ବାରିପଦା ଓ ବୌଦ୍ଧରେ ୪୨.୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ସେହିପରି ▶▶ପୃଷ୍ଠା ୭

## ଦନ୍ତାହାତୀ ଆକ୍ରମଣରେ ବୃଦ୍ଧ ମୃତ

ଘସିପୁରା,୨୪/୦୪ (ନି.ପ୍ର): ଦନ୍ତାହାତୀ ଆକ୍ରମଣରେ ଦେଓଗାଁ ରେଞ୍ଜ ନାରଙ୍ଗପୁର ଗାଁର ଦୁଃଶାସନ ଜେନାଙ୍କ ମୃତ୍ୟୁ ଘଟିଛି । ଜାଳେଣି କାଠ ପାଇଁ ଗାଁ ନିକଟ ନୂଆବରିପାଳ ଜଙ୍ଗଲକୁ ଯାଇଥିବା ବେଳେ ଦଳି ଦେଲା ଦନ୍ତା । ସୂଚନା ଅନୁଯାୟୀ, ନାରଙ୍ଗପୁର ଗାଁର ଦୁଃଶାସନ ସକାଳୁ ଗାଁ ନିକଟସ୍ଥ ନୂଆ ବରିପାଳ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ ପାଇଁ ଆସିଥିବା ବେଳେ, ହଠାତ୍ ହାତୀ ହାବୁଡ ରେ ପଡ଼ି ଯାଇଥିଲେ । ହାତୀ ଦୁଃଶାସନଙ୍କୁ ଶୁଣ୍ଢ ରେ ଉଠାଇ କଚାଡ଼ି ଦେଇଥିଲା । ଘଟଣାସ୍ଥଳରେ ହିଁ ଦୁଃଶାସନଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।

## ବଡିଗେଟାରେ ସ୍ୱାସ୍ଥ୍ୟ ଶିବିର

ମାଲକାନଗିରି,୨୪/୦୪ (ନି.ପ୍ର): ଆଜାଦି କା ଅମୃତ ମହୋତ୍ସବ ଉପଲକ୍ଷେ କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ବଡିଗେଟା ପଚାଂୟତ ଗ୍ରାମ ଖେଳ ପଡିଆଠାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷା ଶୁଭାସିନୀ ସୋଢ଼ି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତା କାଟି ଏହି ସ୍ୱାସ୍ଥ୍ୟ ଶିବିରକୁ ଉଦଘାଟନ କରିଥିଲେ । ଏଥିସହ ପୂର୍ବତନ ବିଧାୟକ ମୁକୁନ୍ଦ ସୋଢ଼ି, ଜିଲା ପରିଷଦ ସଭ୍ୟା ମମତା ପଡିଆମି, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ମାଲା ମାଢ଼ି, ସିଡିପିଓ ଅର୍ଣ୍ଣପୂର୍ଣ୍ଣା ବୁରୁଦା, ବଡିଗେଟା ସରପଂଚ ଲିଲି ସୋଢ଼ୀ, ପୂର୍ବତନ ଜିଲା ପରିଷଦ ସହଦେବ ମାଟମ, ଇରମା କବାସୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ, ଲୋକପ୍ରତିନିଧି ପ୍ରମୁଖ ଉପସ୍ଥିତ ରହିଥିଲେ । ବିଭିନ୍ନ ବିଭାଗର ବରିଷ୍ଠ ଡାକ୍ତରମାନେ ରୋଗୀଙ୍କୁ ଚିକିତ୍ସା କରିବା ସହ ମାଗଣାରେ ଔଷଧ ବଣ୍ଟନ କରିଥିଲେ । ୭୦୦ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଛି । ପ୍ରାୟ ୫୦ ଲୋକଙ୍କର ଡିଜିଟାଲ୍ ସ୍ୱାସ୍ଥ୍ୟ କାର୍ଡ ଅନଲାଇନ୍ ଦ୍ୱାରା ପଞ୍ଜୀକରଣ କରାଯାଇଛି । ଓଆରଏସ, ରକ୍ତ ପରୀକ୍ଷା, ଆୟୁର୍ବେଦିକ ଚିକିତ୍ସା, ସ୍ୱାସ୍ଥ୍ୟ ସଂକ୍ରାନ୍ତ ପରାମର୍ଶକେନ୍ଦ୍ର ଅନୁଷ୍ଠିତ ହୋଇଥିଲା । କାଲିମେଳା ଚିକିତ୍ସାଧିକାରୀ ଡା. ଏମ୍ ଅବିଦ୍ ହୁସେନ୍ ଖାନଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛ । ସ୍ୱାସ୍ଥ୍ୟ କେନ୍ଦ୍ରରେ ବିପିଏମ ବିକାଶ କୁମାର ମିଶ୍ର, କୋଷାଧକ୍ଷ ସ୍ମିତାରାଣୀ ପଣ୍ଡା, ସୁକାନ୍ତ ସାହୁ, ପ୍ରଦୀପ ଗୌଡ, ମଦନ ମୋହନ ପାଢୀ, ସୌଷ୍ଟବ ମହାପାତ୍ରଙ୍କ ସମେତ ୨୦ ଜଣ ଆଶା, ୨୦ ଜଣ ମହିଳା ସ୍ୱାସ୍ଥ୍ୟ କର୍ମୀ ଏବଂ ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଦ୍ୱାଦଶ ବନଜ୍ୟୋତ୍ସ୍ନା ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ ୨୦୨୨ ଆରମ୍ଭ

କନ୍ଧମାଳ,୨୪/୦୪ (ନି.ପ୍ର): କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନର ଦ୍ୱାଦଶ ବନଜ୍ୟୋତ୍ସ୍ନା ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ ୨୦୨୨ ବନଜ୍ୟୋତ୍ସ୍ନାର ବରିଷ୍ଠ ଉପଦେଷ୍ଟା କୌଶିକ ସାହୁଙ୍କ ଅଧକ୍ଷତାରେ ଆରମ୍ଭ ହୋଇଯାଇଛି । ସ୍ଥାନୀୟ ଫୁଲବାଣୀ କରୋନେସନ ପଡ଼ିଆ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ତଥା ଉଦ୍ଘାଟକ ଭାବରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଗଦେଇ ସାହିତ୍ୟ ବିନା ବଂଚିବା ସମ୍ଭବ ନୁହେଁ, ତେଣୁ ସମସ୍ତେ ସାହିତ୍ୟ ପ୍ରତି ରୁଚି ରଖିବା ପାଇଁ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ସମ୍ପାଦକ ଡ. କାହ୍ନୁଚରଣ ଶତପଥୀ ପରିଚାଳନା କରିଥିଲେ । ଦିବସର ସମ୍ମାନୀତ ଅତିଥି ଭାବେ ଡ଼ଃ. ପୁଷ୍ପାଞ୍ଜଳି ମିଶ୍ର ଯୋଗଦେଇ ଦୀର୍ଘ ଦୁଇ ବର୍ଷ ହେଲା କରୋନା ଯୋଗୁଁ ଘରେ ରହି ସମସ୍ତେ ବନ୍ଦୀ ଜୀବନ ଯାପନ କଲା ପରି ମନେ କରୁଥିଲେ । କରୋନା ପରେ ଏହା ଫୁଲବାଣୀ ସହରରେ ପ୍ରଥମ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିବାରୁ ସେ ଖୁସି ପ୍ରକଟ କରିଛନ୍ତି । ମୁଖ୍ୟ ବକ୍ତା ଭାବରେ ସୁବର୍ଣ୍ଣପୁର ମହିଳା ମହାବିଦ୍ୟାଳୟର ଅଧକ୍ଷ ମଦନ ସୁନ୍ଦର କ୍ଷେତି ଯୋଗଦେଇ ସାହିତ୍ୟ ପ୍ରତି ସମସ୍ତଙ୍କ ରୁଚି ରହିବା ତଥା ପୁସ୍ତକ ପଠନର ମୂଲ୍ୟବୋଧ ଉପରେ ଆଲୋକପାତ କରି ଯୁବପିଢ଼ି ମାନଙ୍କୁ ଏବଂ ଅଭିଭାବକ/ ଅଭିଭାବିକା ମାନଙ୍କୁ ସଂସ୍କାରିତ ହେବାପାଇଁ ନିଜର ଓଜସ୍ୱିନୀ ବକ୍ତବ୍ୟ ମାଧ୍ୟମରେ ମାର୍ଗ ଦର୍ଶନ କରାଇଥିଲେ । ସେହିପରି ଅନ୍ୟତମ ଅତିଥି ଭାବରେ ବାଲିଗୁଡାମହାବିଦ୍ୟାଳୟର ବିଭୁତି ଭୂଷଣ ଆଚାର୍ଯ୍ୟ ଆଧୁନିକ ଯୁଗରେ ଯୁବ ପିଢ଼ି ପୁସ୍ତକ ଠାରୁ ଧିରେଧିରେ ଦୂରେଇ ଯିବାରୁ ଓଡିଆ ଭାଷା ସାହିତ୍ୟର ଯୁକ୍ତାକ୍ଷର ଓ ସଠିକ ଭାଷା ସାହିତ୍ୟ ଠାରୁ ଦୂରେଇ ଯାଇ ଅନୁସାରର ବ୍ୟବହାରରେ ଯୁକ୍ତାକ୍ଷରକୁ ଭୁଲିବାକୁ ଲାଗିଲେଣି ବୋଲି କହିଥିଲେ । ବନଜ୍ୟୋତ୍ସ୍ନାର ସଭାପତି ପ୍ରଶାନ୍ତ କୁମାର ବେହେରା, ସଭାପତି ସମ୍ଭାଷଣରେ, ବନଜ୍ୟୋତ୍ସ୍ନା ଦିର୍ଘ ୧୨ ବର୍ଷ ଧରି ଜିଲ୍ଲାରେ ବରିଷ୍ଠ ନାଗରିକ, ସାରାସ୍ୱତ ସାଧକ, ସମାଜସେବୀ, କୃତି ଛାତ୍ରଛାତ୍ରୀ, ବିଶିଷ୍ଟ ରକ୍ତଦାତା ଓ ଭିନ୍ନକ୍ଷମ ରକ୍ତଦାତା, ତଥା ଜିଲ୍ଲା ପାଇଁ ଅତୁଳନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷ ମାନଙ୍କୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କୁ ପ୍ରୋତ୍ସାହନ କରିବା ଭଳି କାର୍ଯ୍ୟ କରି ଆସୁଛି ବୋଲି କହିଥିଲେ । ଏହା ଆସନ୍ତାରେ ୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ପୁସ୍ତକ ମେଳା ସହ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହେବ । ତେଣୁ ଏ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ସାଂସ୍କୃତିକ ମଂଚ ଓ ପୁସ୍ତକ ଷ୍ଟଲ୍ ପ୍ରସ୍ତୁତ ହୋଇଛି । ଏଥିରେ ଶତାଧିକ ବିପଣି ଷ୍ଟଲ୍ ସହ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଜିଲ୍ଲା ତଥା ଜିଲ୍ଲା ବାହାରର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି । ଏହାସହ ବିଭିନ୍ନ ଦିବସରେ ଓଡ଼ିଆ ଭାଷା ପ୍ରତିଷ୍ଠାନ, ସାହିତ୍ୟ ଏକାଡେମୀ, ଓଡ଼ିଆ ସ୍ୱାଭିମାନ ମଂଚ, ଉତ୍କଳ ସମ୍ମିଳନୀ, କୁଇ ଭାଷା ସାହିତ୍ୟ ପ୍ରତିଷ୍ଠାନର ଆଲୋଚନା ବୈଠକ ସହ ରାଜ୍ୟସ୍ତରୀୟ କବି ସମ୍ମିଳନୀ, ଭୁବନେଶ୍ୱର ଡେପୁଟି ମେୟର ମଞ୍ଜୁଲତା କହଁର, ଭୁବନେଶ୍ୱର ଓଡ଼ିଶା ଭାଷା ପ୍ରତିଷ୍ଠାନ ସଂଯୋଜକ ଡ.ପ୍ରେମାନନ୍ଦ ମହାପାତ୍ର, ଉତ୍କଳ ସମ୍ମିଳନୀ ସଭାପତି ପ୍ରଫେସର ଡ.ଅଦ୍ୱୈତ ପ୍ରସାଦ ପାତ୍ର, ପୂର୍ବତନ ସାଂସଦ କବି ଡ. ପ୍ରସନ୍ନ ପାଟ୍ଟଶାଣୀ, କାଦମ୍ବିନୀ ର ସମ୍ପାଦିକା ଡ. ଇତି ସାମନ୍ତ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓଡ଼ିଶା ସଂସ୍କୃତି ବିଦ୍ୟାଳୟ କୁଳପତିଙ୍କ ସମେତ ବହୁ ସାରସ୍ୱତ ଡ. ବ୍ୟୋମକେଶ ତ୍ରିପାଠୀଙ୍କ ସମେତ ବହୁ ସାରସ୍ୱତ ସାଧକ ଓ ବରେଣ୍ୟ ବ୍ୟକ୍ତି ବିଶେଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ପ୍ରଥମ ଦିବସରେ ହିଁ ଅନୁଷ୍ଠାନ ତରଫରୁ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଅତିଥି ପରିଚୟ ପ୍ରଣତି ତ୍ରିପାଠୀ ଦେଇଥିଲେ । ଶେଷରେ ଅନୁଷ୍ଠାନର ସଦସ୍ୟ ଓମ ପ୍ରକାଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସଦସ୍ୟା ପ୍ରଣତି ତ୍ରିପାଠୀ, ବିରାଜୀନି ମହାପାତ୍ର, ବୈଜୟନ୍ତୀମାଳା ମହାପାତ୍ର, ଗୀତାଞ୍ଜଳି ପଟ୍ଟନାୟକ, ସୁନୀତି ଆଚାରୀ, ଶିବାନୀ ସୁଆର, ରୂପାମ୍ବିକା ତ୍ରିପାଠୀ, କଳ୍ପନା ରାଣୀ ପାତ୍ର ପ୍ରମୁଖ ସହଯୋଗ କରିଥିବାବେଳେ ଉପସଭାପତି ଶରତଚନ୍ଦ୍ର ମହାନ୍ତି, ପ୍ରକାଶ ପଟ୍ଟନାୟକ ସୁଜିତ୍ କୁମାର ବେହେରା ପ୍ରମୁଖ ବିଭିନ୍ନ ସହାୟତା କରିଥିଲେ ।

## ଦୁଇ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କଲା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍

ଧର୍ମଶାଳା,୨୪/୦୪ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ମଣ୍ଡଳପୁର ପଂଚାୟତସ୍ଥ ମଙ୍ଗଳପୁର ଗ୍ରାମର ଅକ୍ଷୟ ମଲ୍ଲିକ ଆଜି ଭୋର ସମୟରେ ଦୁଇ ଜଣ ଶିଶୁ ଶମ୍ରିକଙ୍କୁ ଠାବ କରିଥିଲେ । ସେମାନଙ୍କ ବୟସ ପାଖାପାଖି ୭ ବର୍ଷ ହେବ ବୋଲି ଅନୁମାନ କରାଯାଉଛି । ଏହି ଦୁଇ ଶିଶୁଙ୍କ ଘର ଚଢେଇଧରା ବୁରୁସାହିରେ ବୋଲି ଜଣାପଡିଛି । ସେମାନଙ୍କୁ ଘରେ ଛାଡି ଦେବାକୁ ଶିଶୁମାନେ ଅକ୍ଷୟଙ୍କୁ ଅନୁରୋଧ କରିଥିଲେ । ଏନେଇ ଅକ୍ଷୟ ଶିଶୁ ସୁରକ୍ଷା ଅଧିକାର କର୍ମୀ ମଂଟୁ ଦାସଙ୍କ ସହ ଯୋଗାଯୋଗ କରିଥିଲେ । ଏହା ପରେ ମଂଟୁ ଏନେଇ ଜିଲା ଶିଶୁ ସୁରକ୍ଷା ୟୁନିଟ୍, ସ୍ଥାନୀୟ ପୁଲିସ ଓ ଚାଇଲ୍ଡ ଲାଇନକୁ ଖବର ଦେଇଥିଲେ । ଜିଲା ଶିଶୁ ସୁରକ୍ଷା ୟୁନିଟ ର ଆଇନ ପରାମର୍ଶଦାତା ତପନ କୁମାର ପଣ୍ଡା ଓ ଯାଜପୁର ଚାଇଲ୍ଡ ଲାଇନର ସଦସ୍ୟ ସୁମିତ ଜେନା ଓ ସେକ୍ ଲିଆକତ ଅଲ୍ଲୀ ଘଟଣାସ୍ଥଳରେ ପଂହଚି ଦୁଇ ଶିଶୁଙ୍କୁ ଉଦ୍ଧାର କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଶିଶୁ ମଙ୍ଗଳ କମିଟିରେ ହାଜର କରାଇଥିବାର ସୂଚନା ମିଳିଛି । ଶିଶୁମାନଙ୍କ ଅଭିଯୋଗକୁ ଆଧାର କରି ବରୀ ବ୍ଲକ ମେଣ୍ଢ ଗ୍ରାମର ଘୁଷୁରୀଆ ସାହିର ବେଣୁଧର ଗେଡି ଓ ପ୍ରତାପ ଗେଡିଙ୍କ ବିରୋଧରେ ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ବରୀ-ରାମଚନ୍ଦ୍ରପୁର ଥାନାରେ ଏକ ଏତଲା ଦିଆଯାଇଛି । ଏଥିରେ ଶିଶୁମାନଙ୍କ ମୌଳିକ ଅଧିକାର କ୍ଷୁଣ୍ଣ କରିବା, ମାନସିକ ଓ ଶାରୀରିକ ଅତ୍ୟାଚାର କରିବା ଓ ଆଇନ ଉଲଂଘନ କରିବା, ଶିଶୁମାନଙ୍କୁ ଶିଶୁ ଶ୍ରମିକଭାବରେ ନିୟୋଜିତ କରିବା ଭଳି ଅଭିଯୋଗ ସମ୍ପର୍କରେ ଅବଗତ କରାଯାଇଛି । ସୂଚନା ଥାଉକି, ମେଣ୍ଢ ଗ୍ରାମରେ ହଜାର ହଜାର ସଂଖ୍ୟାରେ ଘୁଷୁରୀ ପାଳନ କରାଯାଉଥିବା ବେଳେ ଶତାଧିକ ଶିଶୁ ଶ୍ରମିକ ନିୟୋଜିତ ହେଉଛନ୍ତି । ଉକ୍ତ ଅଂଚଳରେ ନିୟୋଜିତ ହୋଇଥିବା ଶିଶୁଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ରଥଯାତ୍ରା ସମନ୍ୱୟ ବୈଠକ କେବେ ?

ପୁରୀ,୨୪/୦୪ (ନି.ପ୍ର): ମହାପ୍ରଭୁଙ୍କ ରଥଯାତ୍ରା ଚଳିତବର୍ଷ ଜୁଲାଇ ୧ରେ ଶ୍ରୀଗୁଣ୍ଡିଚା ଯାତ୍ରା ଆରମ୍ଭ ହେବ । ମେ ୩ରେ ଅକ୍ଷୟତୃତୀୟା । ସେହିଦିନ ରଥ ନିର୍ମାଣ ଶୁଭାରମ୍ଭ ହେବ । କରୋନା ପୂର୍ବରୁ ରଥଯାତ୍ରା ସମନ୍ୱୟ ବୈଠକ ୪ଥର ହେଉଥିଲା । ଶେଷ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଆଲୋଚନା ହେଉଥିଲା । ରଥଯାତ୍ରା ବୈଠକ ପୁରୀ ପାଇଁ ଏକ ମିନି ବିଧାନସଭା ସଦୃଶ ଭାବେ ଅନୁଷ୍ଠିତ ହେଉଥିଲା । ରଥଯାତ୍ରା ସମେତ ପୁରୀ ସହରର ସମସ୍ତ ସମସ୍ୟା ସଂପର୍କରେ ସଭ୍ୟମାନେ ଆଲେଚନା କରୁଥିଲେ । ପ୍ରଥମ ସମନ୍ୱୟ ବୈଠକ ଆରଡ଼ିସିଙ୍କ ଅଧକ୍ଷତାରେ ଆରମ୍ଭ ହେଉଥିଲା । ଅନ୍ୟ ବୈଠକରେ ଆଇନ ମନ୍ତ୍ରୀ ଓ ଶେଷ ବୈଠକରେ ମୁଖ୍ୟମନ୍ତ୍ରୀ ଅଧକ୍ଷତା କରୁଥଲେ ।

## ବଲାଙ୍ଗୀର ରେଳ ଉପଭୋକ୍ତା ସଂଘର ଦାୟିତ୍ୱ ଗ୍ରହଣ

ବଲାଙ୍ଗୀର ,୨୪/୦୪ (ନି.ପ୍ର): ବଲାଙ୍ଗୀର ରେ ନବ ନିର୍ବାଚିତ ରେଳ ଉପ ଭୋକ୍ତା ସଂଘ ଆଜି ସ୍ଥାନୀୟ ଅମଳା ଭବନ ଠାରେ ସନ୍ଧ୍ୟା ୬ ଟାରେ ଅନୁଷ୍ଠିତ ଦାୟିତ୍ୱ ଗ୍ରହଣ ସମାରୋହରେ ଦାୟିତ୍ୱ ଗ୍ରହଣ କରିଥିଲେ । ଗତଥର ସଭାପତି ଧର୍ମ ବ୍ରତ ରଥ ଓ ସମ୍ପାଦକ ଗୋପବନ୍ଧୁ ପୁରୋହିତ ନୂତନ କମିଟି ର ସଭାପତି ତରୁଣ କୁମାର ମିଶ୍ର, ସାଧାରଣ ସମ୍ପାଦକ ନାରାୟଣ ପାଢୀ ଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଉପସଭାପତି ଅଶୋକ କୁମାର ମିଶ୍ର, ସହ ସମ୍ପାଦକ ଦିବାକର ହୋତା ଓ କୋଷାଧ୍ୟକ୍ଷ ଅଶୋକ କୁମାର ଚାନ୍ଦ ନୂତନ କରି ଦାୟିତ୍ୱ ଗ୍ରହଣ କରିଥିଲେ । ଆଜିର ବୈଠକରେ ଉପଦେଷ୍ଟା କମିଟି ଓ କାର୍ଯ୍ୟକାରି କମିଟି ସଦସ୍ୟ ରୂପେ ବିକ୍ରମ କୁମାର ବହିଦାର, ବୃନ୍ଦାବନ ବରାଳ,ଧର୍ମ ବ୍ରତ ରଥ, ଗୋପବନ୍ଧୁ ପୁରୋହିତ,ନିତ୍ୟାନନ୍ଦ ମିଶ୍ର,ପ୍ରଭାକର ମିଶ୍ର ଗୋପଭୂଷଣ ନାଥ ଓ କାର୍ଯ୍ୟକାରିଣୀ କୁ ବିନୟ କୁମାର ମିଶ୍ର, ଛବି ଲାଲ ବେହେରା, ହିତେଶ୍ କୁମାର ସାହୁ, ମହେଶ୍ୱର ସାହୁ, ମନୋରଞ୍ଜନ ପୁରୋହିତ, ଯୁଧିଷ୍ଠିର ମିଶ୍ର ହୋଇଥିବା ବେଳେ ମୁଖପାତ୍ର ରୂପେ ରିତୁ ରାଜ ସିଂ ରହିଛନ୍ତି । ଆଜିର ବୈଠକରେ ସଂଘର ସମ୍ବିଧାନ ସଂଶୋଧନ କମିଟିର ଗଠନରେ ଭବାନୀ ଶଙ୍କର ଶତପଥୀ , ପ୍ରଭାକର ମିଶ୍ର ,ନିତ୍ୟାନନ୍ଦ ମିଶ୍ର ,ଯୁଧିଷ୍ଠିର ମିଶ୍ର ଙ୍କୁ ଦାୟିତ୍ୱ ରେ ରଖାଯାଇଛି ।

## ନାବାଳିକାକୁ ଦୁଷ୍କର୍ମ ମାମଲାର ରାୟ ଯୁବକକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର ,୨୪/୦୪ (ନି.ପ୍ର): ନାବାଳିକାକୁ ଦୁଷ୍କର୍ମ ମାମଲାରେ ପକ୍ସୋ କୋର୍ଟ ରାୟ ଶୁଣାଣି ହୋଇଛି । ଜୟପୁର ଫାଷ୍ଟ ଟ୍ରାକ ସ୍ପୋସାଲ କୋର୍ଟ ର ଆଡହକ ଅତିରିକ୍ତ ଦୈରଜଜ ପ୍ରଦିପ କୁମାର ସସମଲ ଏହି ରାୟ ଦେଇଛନ୍ତି । ୨୦୧୮ ମସିହାର ବି ସିଂପୁର ଥାନା ଅନ୍ତର୍ଗତ ୧୬ ବର୍ଷିଆ ନାବାଳିକାକୁ ଦୁଷ୍କର୍ମ ମାମଲାର ବିଚାର କରି ୧୪ ଜଣ ସାକ୍ଷ୍ୟ ପ୍ରମୁଖ କୁ ଭତ୍ତି କରି ଗୁମୁଡା ଗ୍ରାମର ବାବୁଲି ମୁଦୁଲି (୨୮)କୁ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତ ବାବୁଲିକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଅର୍ଥିକ ଜୋରିମାନା ରେ ଦଣ୍ଡିତ କରିଛନ୍ତି । ଜୋରିମାନା ଆନାଦୟ ହେଲେ ୧୨ ମାସ ଅଧିକା ସଶ୍ରମ କାରାଦଣ୍ଡ ଭୋଗିବାକୁ ତାଙ୍କ ରାୟ ରେ ଶୁଣାଣି କରିଛନ୍ତି । ବାବୁଲି ମୁଦୁଲି ନାବାଳିକାକୁ ବିବାହର ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରି ଆସୁଥିଲେ । ନାବାଳିକା ଗର୍ଭବତି ହେବାପରେ ପରିବାର କୁ ସବୁ କଥା ପ୍ରଘଟ କରିବାରୁ ୧୦.୩ .୨୦୧୮ରେ ଗ୍ରାମରେ ବୈଠକ ହୋଇଥିଲା । କିନ୍ତୁ ବାବୁଲିର ପରିବାର ପିଡିତାକୁ ଗ୍ରହଣ କରିବାରୁ ମନା କରିଥିଲ । ତେଣୁ ୧୩.୧୩.୨୦୧୮ ମସିହାରେ ନିଜେ ନାବାଳିକା ବିସଂପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ କୁ ଗୁରୁତର ସହ ନେଇ ମାମଲା ରୁଜୁ କରି ଗିରଫ କରି କୋର୍ଟ ଚାଲାଣ କରିଥିଲା । ମାମଲା ବିଚାରଣା ଚାଲୁଥିବା ସମୟରେ କୋର୍ଟ ଙ୍କ ନିଦ୍ଦେଷ କ୍ରମେ ନାବାଳିକା ପିଡିତାଙ୍କୁ ସରକାରଙ୍କ ତରଫରୁ ଜିଲା ଆଇନସେବା ପ୍ରଧିକରଣ ମାଧ୍ୟମରେ ୩ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯାଇଛି । ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ବି ଗାୟତ୍ରୀ ଦେବି ମାମଲାକୁ ପରିଚାଳନା କରିଥିଲେ ।

## ଡୁଆଝର ଛାତ୍ରୀ ନିବାସ ଭୁତକୋଠି

ନୂଆପଡ଼ା,୨୪/୦୪ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଡୁଆଝର ଗ୍ରାମଠାରେ ୨୦୧୧ ମସିହାରିବେକ ଛାତ୍ରୀ ନିବାସ ର ନିର୍ମାଣ ଆରମ୍ଭ ହେବାର ଆଜିକୁ ୧୧ ବର୍ଷ ବିତିଯାଇଥିଲେ ମଧ ଛାତ୍ରୀ ରହିବା ଦୂର କଥା ଏହା ଭୁତ କୋଠିରେ ପରିଣତ ହୋଇଛି । ଆଜି ପର୍ଯ୍ୟନ୍ତ ଜଣେ ମଧ ଛାତ୍ରୀ ରହି ନାହାନ୍ତି । ଲକ୍ଷ ଲକ୍ଷ ଅର୍ଥରେ ନିର୍ମିତ ବେହି ଛାତ୍ରୀ ନିବାସ କାହା ସ୍ୱାର୍ଥରେ । ୨୦୧୧ ମସିହାରେ ତତ୍କାଳୀନ ରାଜ୍ୟପାଳ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ ଏହି ଛାତ୍ରୀ ନିବସକୁ ଉଦଘାଟନ କରିଥିଲେ । ୧୧ ବର୍ଷ ମଧରେ ଅନେକ ଥର ହଷ୍ଟେଲ ମରାମତି ନେଇ ୫ ଲକ୍ଷ ଟଙ୍କା ଅର୍ଥ ବରାଦ ହୋଇଛି । କିନ୍ତୁ ଜଣେ ମଧ ଛାତ୍ରୀ ନରହି ଦିନକୁ ଦିନ ନିଜ ଲକ୍ଷ୍ୟରୁ ବହୁ ଦୂରରେ । ୧୦୦ ଶଯ୍ୟା ବିଶିଷ୍ଟ ବାଳିକା ହଷ୍ଟେଲ ରହିଛି । ୧୦ ଜଣ ଅନୁସୂଚିତ ଜାତି ଏବଂ ୯୦ ଜଣ ଛାତ୍ରୀ ଅନୁସୂଚିତ ଜନଜାତି ରହିବା ବ୍ୟବସ୍ଥା ରହିଛି । ପରବର୍ତୀ ପର୍ଯ୍ୟାୟରେ ପାଚେରୀ ନିର୍ମାଣ, ବିଦ୍ୟୁତ ସଂଯୋଗୀକରଣ, ମେଟ୍ରାନ ନିଯୁକ୍ତି, ସିସିଏ ରୋଷେୟା ସହ ମହିଳା କର୍ମଚାରି ନିଯୁକ୍ତି ହୋଇଛନ୍ତି । ହେଲେ ଛାତ୍ରୀଙ୍କର ଦେଖା ନାହିଁ । ଏହି ଆଦିବାସୀ ହଷ୍ଟେଲକୁ ଉଦଘାଟନ କରି ତୁରନ୍ତ ଛାତ୍ରୀଙ୍କୁ ରଖିବା ବ୍ୟବସ୍ଥା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି ଲୋକେ ।

## ବାଲ୍ୟ ବିବାହ ରୋକିଲା ଚାଇଲଡ ଲାଇନ

ମାଲକାନଗିରି,୨୪/୦୪ (ନି.ପ୍ର): ନବରଙ୍ଗପୁର ଜିଲା ରାଇଘର ଉଦୟପୁର ଅଂଚଳର ଜଣେ ନାବାଳିକା ଝିଅକୁ ଆଣି ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ମାନ୍ଦାପଲ୍ଲୀ ପଂଚାୟତ ପୁଲିମେଟଲା ଏମପିଭି ୭ ଗ୍ରାମରେ ବିବାହ ଅନୁଷ୍ଠିତ ହେଉଥିବା ବେଳେ ଖବର ପାଇ ଚାଇଲ୍ଡଲାଇନ ପକ୍ଷରୁ ଏହାକୁ ବନ୍ଦ କରାଯାଇଛି । ବିବାହ ବନ୍ଦ ସମୟରେ କାଲିମେଳା ସିଡିପିଓ ଅର୍ଣ୍ଣପୂର୍ଣ୍ଣା ବୁରୁଦା, ଶିଶୁ ସୁରକ୍ଷା ଅଧିକାରୀ କେ ମିଶାଇଲ ରାଜୁ, ଆଇସିଡିଏସ ସୁପରଭାଇଜର ଶୁକାନ୍ତି ମାଢ଼ି ପ୍ରମୁଖ ସାମିଲ ହୋଇଥିଲେ । ଏଭପିଭି- ୭ ଗ୍ରାମର ଜନୈକ ୨୬ ବର୍ଷୀୟ ପୁଅ ନବରଙ୍ଗପୁର ଜିଲା ରାଇଘର ଉଦୟପୁର ଅଂଚଳର ଜଣେ ଝିଅ ସହ ଉଭୟ ପରିବାରଙ୍କ ସହମତିରେ ବିବାହ ସ୍ଥିର ହୋଇଥିଲା । ଗତକାଲି ଏହି ବିବାହ ହେବା ନେଇ ସମସ୍ତ କାର୍ଯ୍ୟ ସାରିଥିଲା । ପ୍ରାୟ ୨ଦିନ ଆଗରୁ ଝିଅ ଓ ତାଙ୍କ ପରିବାର ଲୋକ ଏମପିଭି ୭ ଗ୍ରାମରେ ଆସି ରହିଥିଲେ । ବିବାହ କରୁଥିବା ଝିଅ ନାବାଳିକା ବୋଲି ଲାଇନକୁ ଖବର ଆସିବା ପରେ ଅଧିକାରୀମାନେ ପହଂଚି ଝିଅର ଜନ୍ମ ପ୍ରମାଣପତ୍ର ଯାଂଚ୍ କରିଥିଲେ । ଯାଂଚ୍ ପରେ ଝିଅକୁ ମାତ୍ର ୧୫ ବର୍ଷ ହୋଇଥିବା ଜଣାପଡିବା ପରେ ଏହି ବିବାହକୁ ବନ୍ଦ କରାଯାଇଛି । ଅନ୍ୟପକ୍ଷରେ ଝିଅର ପିତାମାତାଙ୍କୁ ଡାକି କାଲିମେଳା ସିଡିପିଓ କାଉନସେଲିଂ କରିଥିବା ଜଣାପଡିଛି । ଝିଅକୁ ୧୮ବର୍ଷ ନହେବା ପର୍ଯ୍ୟନ୍ତ ବିବାହ ନ କରିବା ପାଇଁ ବାପାମାଆ ଲିଖିତ ଭାବେ ଜଣାଇବା ପରେ ଝିଅକୁ ନେଇ ସମସ୍ତେ ନିଜ ଅଂଚଳକୁ ଫେରିଯାଇଥିବା ଜଣାପଡିଛି । ଏଥିରେ ଚାଇଲ୍ଡ ଲାଇନର ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ ।

## ଘରେ ନିଆଁ ଲଗାଇଲେ : ଲକ୍ଷାଧିକ ଟଙ୍କା ମୂଲ୍ୟର ସମ୍ପତ୍ତି ପୋଡି ପାଉଁଶ

ଧର୍ମଶାଳା,୨୪/୦୪ (ନି.ପ୍ର): ଗତକାଲି ବିଳମ୍ବିତ ରାତିରେ ଦୁଇ ବଖରା ଘର ପୋଡି ପାଉଁଶ ହୋଇଯାଇଛି । ଅଗ୍ନୀକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତି କ୍ଷୟକ୍ଷତିର ଆକଳନ କରାଯାଇଛି । ଏଭଳି ଘଟଣା ଘଟିଛି ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ମହେଶ୍ୱରପୁର ପଂଚାୟତ ଚାନ୍ଦପୁରସ୍ଥ ଆରମ୍ୟବାଗ ଗ୍ରାମରେ । ଜୋଲେଖା ବିବିଙ୍କ ୨ ବଖରା ଘର ବୋଲି ଜଣାପଡିଛି । କେହି ଦୃବୃତ ଘରେ ନିଆଁ ଲଗାଇ ଦେଇଥିବା ଅଗ୍ନିବିପନ୍ନ ପରିବାର ପକ୍ଷରୁ କହାଯାଇଛି । ସୂଚନା ମୁତାବକ, ଜୋଲେଖାଙ୍କ ପରିବାର ସମସ୍ତ ସଦସ୍ୟ ଗତକାଲି ଖାଇପିଇ ଶୋଇବାକୁ ଅନ୍ୟ ଏକ ଘରକୁ ଯାଇଥିଲେ । କେହି ଦୃବୃତ ରାତି ପ୍ରାୟ ୧ଟା ୩୦ ମିନିଟ ସମୟରେ ଘରେ ନିଆଁ ଲଗାଇ ଦେଇଥିଲେ । ପରିବାର ଲୋକେ ଚିତ୍କାର କରିବାରୁ ପଡୋଶୀମାନେ ଘଟଣାସ୍ଥଳରେ ପଂହଚି ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ । ଘର ଭିତରେ ଥିବା ଗ୍ୟାସ ଟାଙ୍କି ଫାଟିଯିବା ଫଳରେ ଲୋକେ ଭୟଭିତ ହୋଇଯାଇଥିଲେ । ତେବେ ଏହି ନିଆଁକୁ ଆୟତ କରିବା ସେମାନଙ୍କ ପକ୍ଷେ ସମ୍ଭବ ନ ହେବାରୁ ରସୁଲପୁର ଅଗ୍ନୀଶମ ବିଭାଗର ସହାୟତା ନେଇଥିଲେ । ଘଟଣାସ୍ଥଳରେ ଅଗ୍ନୀଶମ ବାହିନୀ ପଂହଚି ନିଆଁକୁ ଆୟତ କରିଥିଲେ ମଧ ଘରର ସମସ୍ତ ଆସବାସପତ୍ର ପୋଡି ପାଉଁଶ ହୋଇଯାଇଥିଲା । ଘରେ ଥିବା ଟିଭି, ଫ୍ରିଜ, ଆଲମୀରା,୨ଟି ଗ୍ୟାସ ଟାଙ୍କି, ଏକ ବାଇକ, ନଗଦ ୧୦ ହଜାର ଟଙ୍କା ସହ ଘରର ସମସ୍ତ ଆବଶ୍ୟକୀୟ କାଗଜପତ୍ର ପୋଡି ପାଉଁଶ ହୋଇଯାଇଥିବା ଜଣାପଡିଛି । ନିଆଁ ନିଭାଇବାକୁ ଉଦ୍ୟମ କରୁଥିବା ସମୟରେ ଜୋଲେଖାଙ୍କ ପୁଅ ଆହତ ହୋଇଥିବା ଜଣାପଡିଛି । ତେବେ ଏହି ଘଟଣାକୁ ନେଇ ପରିବାର ଲୋକେ ଧର୍ମଶାଳା ଥାନାରେ ଏତଲା ଦେଇଥିଲେ ମଧ ପୁଲିସ ସେମାନଙ୍କ ଏତଲାରେ କିଛି ପରିବର୍ତନ କରିବାକୁ କହିଥିଲେ । ଅଭିଯୋଗକାରୀ ଏହାକୁ ବିରୋଧ କରିବାରୁ ପୁଲିସ ଏତଲା ଗ୍ରହଣ କରି ନ ଥିଲା । ଯାହାକୁ ନେଇ ଅଗ୍ନୀବିପନ୍ନ ପରିବାର ଲୋକେ ବେସାହାରା ହୋଇପଡିଛନ୍ତି । ଅଭିଯୋଗ ମୁତାବକ, ଜୋଲେଖାଙ୍କ ଘର ନିକଟରେ ଏକ କଂସେଇଖାନା କରାଯାଇଛି । କଂସେଇଖାନାରେ ମାଲିକ ନଇମୁଦ୍ଦିନ ଦୈନନ୍ଦିନ ଏଠାରେ ଗୋ-ମାଂସ କାଟୁଛି । ମାଂସର ବର୍ଜ୍ୟବସ୍ତୁକୁ ଏତେତେଣେ ପଡିବା ସହ କିଛି କୁକୁରମାନେ ହାଡ ମାଂସକୁ ଜୋଲେଖାଙ୍କ ଘର ଆଗରେ ପକାଇ ଦେଇଥିଲେ । ଯାହାକୁ ନେଇ ଜୋଲେଖାଙ୍କ ପରିବା ଲୋକେ କଂସେଇଖାନାର ମାଲିକଙ୍କ ସହ ଆଲୋଚନା କରିଥିଲେ । କଂସେଇଖାନା ମାଲିକ ଉତ୍ୟକ୍ତ ହୋଇ ସେମାନଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ । ଯାହାକୁ ନେଇ ସେମାନେ ଧର୍ମଶାଳା ଥାନାରେ ୧୮ ତାରିଖ ଦିନ ଏତଲା ଦେଇଥିଲେ । ପରଦିନ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ପରିବାର ଲୋକେ ୧୯ ତାରିଖ ଦିନ ଯାଜପୁର ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଫେରାଦ ହୋଇଥିଲେ । ତେବେ ଏହି ସବୁ ପୁଲିସରେ ଅଭିଯୋଗ ହେବା ପରେ କଂସେଇଖାନା ମାଲିକ ଉତ୍ୟକ୍ତ ହୋଇ ଗତକାଲି ବିଳମ୍ବିତ ରାତିରେ ଏହି ଘରେ ନିଆଁ ଲଗାଇ ଦେଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ପୁଲିସ ଗୁରତ୍ୱ ଦେଇ ନ ଥିବା ପରିବାର ଲୋକେ ମଧ ପ୍ରକାଶ କରିଛନ୍ତି । ଘଟଣାକୁ ପାଖାପାଖି ୨୦ ଘଂଟା ବିତିଯାଇଥିଲେ ମଧ ପୁଲିସ କୌଣସି ପଦକ୍ଷେପ ନେଉ ନ ଥିବାରୁ ଅଗ୍ନୀବିପନ୍ନ ପରିବାର ମୁହଁ ଖୋଲିଛନ୍ତି । ତେବେ ଏହି ଅଗ୍ନୀବିପନ୍ନ ପରିବାରକୁ କି ନ୍ୟାୟ ମିଳୁଛି ତାହା ଦେଖିବାକୁ ବାକି ରହିଲା ।

## ଅବକାରୀ ପକ୍ଷରୁ ଚଢ଼ାଉ: ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ, ଦୁଇ ଗିରଫ

ଖୋର୍ଦ୍ଧା,୨୪/୦୪ (ନି.ପ୍ର): ଅବକାରୀ ବିଭାଗ ପକ୍ଷରୁ ପୃଥକ ପୃଥକ ସ୍ଥାନରେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ କରିବା ସହିତ ୨ ଜଣଙ୍କୁ ଗିରଫ କରିଛି । ଅବକାରୀ ବିଭାଗ ସୂଚନା ଅନୁଯାୟୀ ଟାଉନ ଥାନା ଅନ୍ତର୍ଗତ ଖୋର୍ଦ୍ଧା ବସ ଷ୍ଟାଣ୍ଡ ନିକଟରୁ ଅଶୋକ ରଣା (୨୫) ଙ୍କ ଠାରୁ ୧୪ କେଜି ଗଞ୍ଜେଇ ଜବତ କରିଥିବା ବେଳେ ନିରାକାରପୁର ଥାନା ଅନ୍ତର୍ଗତ ଉଗ୍ରତାରା ଛକ ନିକଟରୁ ଇଲିଆସ ଦୀପା (୨୨) ଙ୍କ ନିକଟରୁ ୧୨ କେଜି ୭୦୦ ଗ୍ରାମ ଗଞ୍ଜେଇ ଜବତ କରିଛି । ତେବେ ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ ଡ଼ଙ୍ଗରିକିଆ ଗ୍ରାମର ବୋଲି ଜଣାପଡିଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ୩୮ ହଜାର ଟଙ୍କା ହୋଇଥିବା ବେଳେ ଉଭୟ ଅଭିଯୁକ୍ତଙ୍କ ବିରୋଧରେ ଦୁଇ ଗୋଟି ମାମଲା ରୁଜୁ କରାଯାଇ ଆଜି କୋର୍ଟଚଲାଣ କରାଯାଇଥିବାର ଜଣାପଡିଛି ।

## ବଡ଼ଦାଣ୍ଡ ସଫେଇ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ : ଡ୍ରେନ ଭିତରେ କୁଢ କୁଢ ଅଳିଆ

ପୁରୀ,୨୪/୦୪ (ନି.ପ୍ର): ଶ୍ରୀମନ୍ଦିର ବଡ଼ଠାକୁର ଓ ବଡ଼ଦାଣ୍ଡକୁ ନେଇ ମହାବେପାର ଚାଲିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି । ବଡ଼ଦାଣ୍ଡ ସଫେଇ ନାମରେ ଜାଗୃତି ଅନୁଷ୍ଠାନ କେତେ ଟଙ୍କା ନେଉଛି , କେତେ ଦେଉଛି, କେତେ ଗାଡ଼ି ବ୍ୟବହାର ହେଉଛି ,କେତେ କର୍ମଚାରୀ ନିୟୋଜିତ ହେଇଛନ୍ତି । ତାହା ଜନସାଧାରଣ ଜାଣିବା ବଡ଼ କଷ୍ଟସାଧ ହୋଇପଡ଼ିଛି । ରାଜ୍ୟ ଅର୍ବାନ ଓ ହାଉସିଂ ବିଭାଗ ବଡ଼ଦାଣ୍ଡ ସଫେଇ ପାଇଁ ଜାଗୃତି ଅନୁଷ୍ଠାନକୁ ମାସକୁ କେତେ ଟଙ୍କା ଦେଉଛି, କଣ କଣ ସଫେଇ ହେଉଛି ତାହାର ଏକ ଫ୍ଲେକସ ବ୍ୟାନର ବଡ଼ଦାଣ୍ଡରେ ଟାଙ୍ଗିବା ପାଇଁ ସାଧାରଣରେ ଦାବି ହେଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଗତକାଲି ରାତି ୧ଟା ବେଳେ ଜାଗୃତିର ଏକ ଗାଡ଼ି ସିଂହଦ୍ୱାର ନିକଟରେ ରାସ୍ତା ଅବରୋଧ କରି ଛିଡ଼ା ହୋଇଥିବା ବେଳେ ଡ୍ରାଇଭର ଅଚିନ୍ତା ନିଦ୍ରାରେ ଷ୍ଟିୟରିଂ ଉପରେ ଶୋଇପଡ଼ିଥିବା ଦେଖିବାକୁ ମିଳିଥିଲା । ରାଜ୍ୟ ସରକାର ଜନତାଙ୍କ ଟିକସରେ ସଂପୃକ୍ତ ସଂସ୍ଥାକୁ କୋଟି କୋଟି ଟଙ୍କା ଦେଉଥିବା ବେଳେ ଜନତାଙ୍କ ଜାଣିବାର ଅଧିକାର ରହିଛି ବୋଲି ସଚେତନ ନାଗରିକମାନେ ଅଭିଯୋଗ କରିଛନ୍ତି । ସାଧାରଣ ବାଇକଟିଏ ସିଂହଦ୍ୱାରରେ ରହିବାକୁ ମନାହୋଇଥିବା ବେଳେ ଏତେ ବଡ଼ ଗାଡ଼ି କାହା ନିର୍ଦ୍ଦେଶରେ ସେଠାରେ ରହିଥିଲା ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ବ୍ରାହ୍ମଣୀ ପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବଲାଙ୍ଗୀର ,୨୪/୦୪ (ନି.ପ୍ର): ବିଦ୍ୟାଳୟର ସଭାପତି ଖୀରଧର କୁମ୍ଭାରଙ୍କ ଅଧକ୍ଷତାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଶିକ୍ଷକ ଅନିଲ କୁମାର ରଣା ସଭାର ଉଦ୍ଦେଶ୍ୟ ଜ୍ଞାପନ କରି କହିଥିଲେ କରୋନା ମହାମାରୀ ପରେ ସ୍କୁଲକୁ ଛାତ୍ର ଛାତ୍ରୀଙ୍କୁ ଆକର୍ଷିତ ତଥା ଶିକ୍ଷଣ ଅଭିବୃଦ୍ଧି ପାଇଁ ସରକାରଙ୍କ ଗାଇଡ ଲାଇନ ଅନୁସାରେ ଏହି ଉତ୍ସବ ପାଳିତ ହୋଇଅଛି । ଏଥିରେ ମୁଖ୍ୟ ଅତିଥି ରୂପେ ଗଇଁତଲା ସରପଞ୍ଚଙ୍କ ପ୍ରତିନିଧି, ସମ୍ମାନିତ ଅତିଥ ରୂପେ ଗଇଁତଲା ସମିତି ସଭ୍ୟଙ୍କ ପ୍ରତିନିଧି ଯୋଗଦେଇ ବିଦ୍ୟାଳୟର ଏପରି କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ । ବିଦ୍ୟାଳୟରେ ସ୍କୁଲ କୋଠରୀ ନ ଥିବା ପ୍ରଶାସନକୁ ଜଣାଇବା ପାଇଁ ଉଦ୍ୟମ କରିବେ ବୋଲି ମତ ରଖିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଆନନ୍ଦ ମଟାରୀ ଛାତ୍ର ଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ କୁଇଜ, ତର୍କ, ରଚନା, ହସ୍ତାକ୍ଷର ଲିଖନ, ଡ୍ରଇଂ, ଗଳ୍ପ କଥନ, ଗୀତ ତଥା ନାଚ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ବଣ୍ଟନ କରାଯାଇଥିଲା । ବିଦ୍ୟାଳୟର ପରିଚାଳନା କମିଟିର ସଭ୍ୟ ସଭ୍ୟା ୱାର୍ଡ ମେମ୍ବର ଗ୍ରାମବାସୀ ସହଯୋଗ କରିଥିବା ବେଳେ ଶିକ୍ଷକ ଲୋକନାଥ ବିଶ୍ୱାଲ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ର ଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ କଲଚରାଲ କାର୍ଯ୍ୟକ୍ରମ ବହୁ ସମୟ ପର୍ଯ୍ୟନ୍ତ ଗ୍ରାମବାସୀଙ୍କୁ ମନୋରଞ୍ଜନ କରିଥିଲା ।



# ଗ୍ରୀଷ୍ମରେ ଶୀତଳ ସ୍ପର୍ଶ ଦିଏ ରାଣୀକ୍ଷେତ



ଉତ୍ତରାଖଣ୍ଡର ଅନ୍ୟ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ ଭାବେ ରାଣୀ କ୍ଷେତ୍ରରେ ଲୋକପ୍ରିୟତା ରହିଛି । କେବଳ ଗ୍ରୀଷ୍ମ ଦିନେ ନୁହେଁ, ବରଂ ବର୍ଷର ଅନ୍ୟ ସମୟରେ ମଧ୍ୟ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ । ନେଦରଲ୍ୟାଣ୍ଡ ରାଜପରିବାର ଅନେକ ବର୍ଷ ତଳେ ଭାରତ ଭ୍ରମଣରେ ଆସିଥିଲେ । ରାଣୀକ୍ଷେତର ସୌନ୍ଦର୍ଯ୍ୟ ଦେଖିବା ପରେ ରାଜା କହିଥିଲେ, ପୃଥିବୀର ଏହି ସ୍ଥାନଟି ହେଲା ଭୂ-ସ୍ୱର୍ଗ । ସ୍ଥାନଟିର ନାମକରଣ ପଛରେ ଏକ ଲୋକକଥା ମଧ୍ୟ ରହିଛି । ପ୍ରାୟ ୧୨୦୦ ଶତାବ୍ଦୀର ଘଟଣା । ସିମଲାର ରାଣୀ ଗ୍ରୀଷ୍ମ ଅବକାଶ ନିମନ୍ତେ ଏଇ ଅଞ୍ଚଳକୁ ବୁଲିବାକୁ ଆସିଥିଲେ । ସ୍ଥାନଟି ତାଙ୍କୁ ଏତେ ପସନ୍ଦ ଆସିଲା ଯେ ଶେଷରେ ସେ ଏହି ଠାରେ ରହିବାକୁ ମନସ୍ଥ କଲେ । ସେ ସମୟରେ ସେଇ ଅଞ୍ଚଳରେ ସଂଖ୍ୟାଧିକ ଛୋଟ ଛୋଟ କ୍ଷେତ ଥିବାରୁ ସ୍ଥାନଟିର ନାମ 'ରାଣୀକ୍ଷେତ' କରାଯାଇଥିବା ସ୍ଥାନୀୟ ଲୋକ ପଥ୍ରକାଶ କରିଛନ୍ତି । ସମୁଦ୍ର ପତ୍ତନରୁ ୧୮୨୪ମିଟର ଉଚ୍ଚତାରେ ଥିବା ଏଇ ରାଣୀକ୍ଷେତର ଚତୁର୍ଦ୍ଦିଗ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ । ଭାରତରେ ଯେଉଁ ସମୟରେ ଇଂରେଜଶାସନ ଚାଲିଥିଲା, ସେତେବେଳେ ଗ୍ରୀଷ୍ମଦିନେ ଭାରତର ବିଭିନ୍ନ ପ୍ରାନ୍ତରେ ଅସହ୍ୟ ଗରମ ଅନୁଭୂତ ହେଉଥିଲା । ଇଂରେଜ ଶାସକମାନେ ଏଇ ଗରମର ପ୍ରକୋପରୁ ରକ୍ଷା ପାଇବା ପାଇଁ ଭାରତର ଶୀତଳ ସ୍ଥାନ ଗୁଡ଼ିକୁ ଠାବ କରିବାକୁ ଆରମ୍ଭ କଲେ । ତନ୍ମଧ୍ୟରୁ ଅନ୍ୟତମ ସ୍ଥାନ ଥିଲା 'ରାଣୀକ୍ଷେତ' । ଏବେ ମଧ୍ୟ ରାଣୀକ୍ଷେତର ମୁଖ୍ୟ ବଜାରରେ ସଂଖ୍ୟାଧିକ ବ୍ରିଟିଶ୍ ଢ଼ାଞ୍ଚାର ଘର ଓ ହୋଟେଲ ରହିଛି । ସହରର ଧାଁଧୁଡ଼, ଗାଡ଼ିମଟର ତଥା ବ୍ୟସ୍ତବହୁଳ ଜୀବନଶୈଳୀରୁ କିଛି ସମୟ ପାଇଁ ବିରତି ନେଇ ଏଭଳି ଶାନ୍ତ ବାତାବରଣ ଥିବା ସ୍ଥାନକୁ ବୁଲିଯିବା ମାନସିକ ଶାନ୍ତି ଦେଇଥାଏ । ରାଣୀ କ୍ଷେତରେ ପ୍ରଅମୁଖ ପର୍ଯ୍ୟଟନସ୍ଥଳଗୁଡ଼ିକ ହେଲା ହରବେରିୟମ୍, ଶୀତଳାଖେତ, ମଜଖଲି, ସୁରଇଖେତ, ହେଡ଼ାକାନ ମନ୍ଦିର, ଭାଲୁ ଖେତ ଇତ୍ୟାଦି । ଏହାର ନିକଟତମ ବିମାନ ବନ୍ଦର ପନ୍ତନଗର ବିମାନ ବନ୍ଦର ଅଟେ, ଯାହା ରାଣୀକ୍ଷେତଠାରୁ ୧୧୯ କିମି ଦୂରରେ ଅବସ୍ଥିତ । ରେଳମାର୍ଗରେ ଯିବାକୁ ଚାହୁଁଥିଲେ କାଠଗୋଦାମ ରେଳଷ୍ଟେସନ ଏହାର ନିକଟତମ ରେଳଷ୍ଟେସନ ଅଟେ ।



# ଶୀତତାପ ନିୟନ୍ତ୍ରଣ ଯନ୍ତ୍ର କିଣୁଥିଲେ...

*ଗ୍ରୀଷ୍ମର ପ୍ରକୋପକୁ ଦେଖି ଏବେ ଲୋକେ ଶୀତତାପ ନିୟନ୍ତ୍ରଣ ଯନ୍ତ୍ରକୁ ନିଜର ପ୍ରଥମ ଆବଶ୍ୟକତା ବୋଲି ମନେକରୁଛନ୍ତି । ଆଜିର ସମୟରେ ମଧ୍ୟବିତ୍ତ ବର୍ଗର ଲୋକେ ମଧ୍ୟ ଏସି କିଣିବାକୁ କୁଣ୍ଠାବୋଧ କରୁନାହାନ୍ତି । ତେବେ ଏସି କିଣିବା ପୂର୍ବରୁ କେତୋଟି ଦିଗ ପ୍ରତି ଧ୍ୟାନ ଦିଅନ୍ତୁ ।*

ପ୍ରଥମେ ନିଜ କକ୍ଷର ଆକାର ଦେଖିବା ପରେ ହିଁ ଏସି କିଣିବାକୁ ଚିନ୍ତା କରିବେ । ଏସି ଦୋକାନ ଯାଇ ମଧ୍ୟ ଏ ବାବଦରେ ସେଲ୍ସମ୍ୟାନଙ୍କ ସହ ପରାମର୍ଶ କରିପାରିବେ । ୧୦୦ ବର୍ଗ ଫୁଟ୍ ଘରେ ୦.୮ ଟନର ଏସି, ୧୫୦ ବର୍ଗ ଫୁଟ୍ ଘରେ ୧.୦ଟନର ଏସି, ୨୫୦ ବର୍ଗଫୁଟର ଘରେ ୧.୫ ଟନର ଏସି, ୪୦୦ ବର୍ଗଫୁଟର ଘରେ ୨.୦ ଟନର ଏସି ଲଗାଯିବା ଉଚିତ । ତେବେ ଅଧିକ ଗରମ ହେଉଥିବା ସ୍ଥାନରେ ଅଧିକ କ୍ଷମତାସମ୍ପନ୍ନ ଏସି ଲଗାଇବା ଆବଶ୍ୟକ ୱିଣ୍ଡୋ ଓ ସ୍ପିଲ୍, ଏସି କିଣିବା ପୂର୍ବରୁ ସେଥିରେ ନଏଜ ଲେଭଲ ବାବଦରେ ଭଲଭାବେ ଦୋକାନୀକୁ ପଚାରି ବୁଝିନେବେ । କେତେକ ଏସି ଚଳାଇବାବେଳେ ଖୁବ ଜୋରରେ ଶବ୍ଦ ହୋଇଥାଏ । ଏଣୁ ଭଲଭାବେ ଯାଞ୍ଚ କରି ଏସି କିଣିବେ ।



ଭଲ ବ୍ରାଣ୍ଡକୁ ପ୍ରାଥମିକତା ଦିଅନ୍ତୁ । ଅନାମଧେୟ କମ୍ପାନୀର ଏସି କିଣି ପରେ ହଇରାଣ ହେବା ଅପେକ୍ଷା ଭଲ କମ୍ପାନୀର ଏସି କିଣି ତାହା ବ୍ୟବହାର କରିବା ଉଚିତ । ଏସି କିଣିବା ପୂର୍ବରୁ ଲୋକେ ପ୍ରଥମେ ସତର୍କ ରହନ୍ତି ବିଦ୍ୟୁତ ବିଲ ଯେପରି ଅଧିକ ନ ଆସେ। ଏବେ ବଜାରରେ ଅନ-ଲାଇନରେ ସବୁ ନାମୀ କମ୍ପାନୀ ୫ଷ୍ଟାର ରେଟିଙ୍ଗ ପର୍ଯ୍ୟନ୍ତ ଏସି ଉପଲବ୍ଧ କରାଉଛନ୍ତି । ୫ଷ୍ଟାର ରେଟିଙ୍ଗ ଥିବା ଏସି ଲଗାଇଲେ ସେଥିରେ ଅପେକ୍ଷାକୃତ କମ ବିଲ ଆସେ। ଅବଶ୍ୟ ଏହି ଏସିଗୁଡ଼ିକ ମହଙ୍ଗା ମଧ୍ୟ । ଇନଭର୍ଟର ଏସି ମଧ୍ୟ କିଣିବା ଖୁବ୍ ଲାଭକାରୀ । ଏସବୁ ତଦାରଖ କରିବା ପରେ ହିଁ ବଜାର ଯାଇ ଭଲ କମ୍ପାନୀର ଏସିଟିଏ କିଣିନିଅନ୍ତୁ ।

# ସ୍ୱାସ୍ଥ୍ୟ ପାଇଁ ହାନିକାରକ ତମାଖୁ

ତମାଖୁ ସ୍ୱାସ୍ଥ୍ୟ ପାଇଁ ହାନିକାରକ । ଏକ ସ୍ୱଚ୍ଛ ଅକ୍ଷରରେ ତମାଖୁର ପ୍ୟାକେଟ୍ ଉପରେ ଲେଖା ହେବା ପରେ ମଧ୍ୟ କୌଣସି ଲୋକ ଏହାର ପଢ଼ି ଗଭୀରତାର ସହ ନେଉ ନାହାଁନ୍ତି । ଯଦି ଆପଣଙ୍କର ଏହା ନିଶା ହୋଇଥାଏ ତେବେ ଆପଣ ଆପଣଙ୍କ ଜୀବନକୁ ନିଜ ହାତରେ ନଷ୍ଟ କରୁଛନ୍ତି । ଏହା ନା କେବଳ ବ୍ୟକ୍ତିର ସ୍ୱାସ୍ଥ୍ୟ ଖରାପ କରେ ତାର ମସ୍ତିଷ୍କକୁ ମଧ୍ୟ ପ୍ରଭାବିତ କରେ । ତମାଖୁରେ ଲକ୍ଷ୍ୟାଧିକ ଲୋକ କେତେକ ଗମ୍ଭୀର ରୋଗରେ ଆକ୍ରାନ୍ତ ହୋଇ ଯାଉଛନ୍ତି । ଏଥିପାଇଁ ପୂରା ଦୁନିଆରେ ବହୁତ ଅଭିଯାନ ମଧ୍ୟ କରାଯାଉଛି । ଏମିତି ଯେ ତମାଖୁ ଯୋଗୁଁ ପୁରୁଷ ଅପେକ୍ଷା ମହିଳାମାନେ ବେଶୀ ପ୍ରଭାବିତ । ଆମେରିକାର ଏକ ଗବେଷଣାରୁ ଜଣାପଡ଼ିଛି ଯେ ଆମେରିକାର ମହିଳାମାନେ ପାକସ୍ଥଳୀ କର୍କଟ ରୋଗରେ ବେଶୀ ଆକ୍ରାନ୍ତ ହେଉଛନ୍ତି । କିଛି ବର୍ଷ; ପୂର୍ବରୁ ଏହି ରୋଗ ପୁରୁଷମାନଙ୍କ ମଧ୍ୟରେ ଅଧିକ ଦେଖାଯାଉଥିଲା । ଏହି ଗବେଷଣା ଆମେରିକାନ ସୋସାଇଟି ଓ ରାଷ୍ଟ୍ରୀୟ କ୍ୟାନସର ସଂସ୍ଥା ଦ୍ୱାରା କରାଯାଇଛି । ତମାଖୁରେ କ୍ୟାନସର ଜୀବାଣୁକୁ ଜନ୍ମ ଦେବା ତତ୍ତ୍ୱମାନେ ହେଲେ ନିକୋଟିନ, ନାଇଟ୍ରୋସାମାଇନ୍ସ, ଆର୍ସେନିକ୍ ଓ କୋମିୟମ । ନିକୋଟିନ କ୍ୟାଡ଼ିୟମ ଓ କାର୍ବନମୋନୋ ଆକ୍ସାଇଡ ସ୍ୱାସ୍ଥ୍ୟ ପାଇଁ ବେଶୀ ହାନିକାରକ ।

# ୪୫ବର୍ଷ ହେଲା ବିରଳ ଏଣ୍ଡୁଅ ସଂରକ୍ଷଣ



ମେକସିକୋର ରେମନ ମେଡିନା ଆରଚୁନଡାୟା ଗତ ପଞ୍ଚଚାଳିଶ ବର୍ଷ ହେଲା ମେକ୍ସିକାନ ଇଗୁଆନାଙ୍କ ସଂରକ୍ଷଣରେ ଲାଗିଛନ୍ତି । ମେକ୍ସିକାନ ଇଗୁଆନା ବିଲୁପ୍ତି ମୁହଁରେ ଥିବା ସ୍ଥାନୀୟ ଏଣ୍ଡୁଅ ପ୍ରଜାତି । ଏକଦା ମେକସିକୋର ବିଭିନ୍ନ ଅଞ୍ଚଳରେ ଏହି ପ୍ରଜାତିର ଏଣ୍ଡୁଅ ବହୁ ସଂଖ୍ୟାରେ ଦେଖାଯାଉଥିଲା । ତେବେ, ଅବାଧ ଶିକାର ଯୋଗୁଁ ସଂଖ୍ୟା ଦ୍ରୁତି ଗିତରେ ହ୍ରାସ ପାଇଥିଲା । ଶିକାରର ମୁଖ୍ୟ କାରଣ , ଏହି ଏଣ୍ଡୁଅ ଏକ ବିନିଷ୍ଟକାରୀ ସରୀସୃପ । ଉପକାରୀ ଗଛ-ଲତା ଫଳ-ଫୁଲ ନଷ୍ଟ କରିବାଠାରୁ ଆରମ୍ଭ କରି ଗୃହପାଳିତ ପକ୍ଷୀଙ୍କ ଅଣ୍ଡା ଖାଇଦେବା ତଥା ବିଦ୍ୟୁତ୍ କେବଲ କାଟିବା ପାଇଁ ଏହା କୁଖ୍ୟାତ । ବିଲୁପ୍ତି ମୁହଁରେ ଥିବାରୁ ଏବେ ଶିକାର ନିଷିଦ୍ଧ କରାଯାଇଛି । ରେମନଙ୍କ ଉଦ୍ୟମ ଯୋଗୁଁ ଏହି ଏଣ୍ଡୁଅଙ୍କ ପାଇଁ ଏକ ଅଭୟାରଣ୍ୟ ସୃଷ୍ଟି କରିଛନ୍ତି । ଏକଦା ଦୁର୍ଦ୍ଦଶାଗ୍ରସ୍ତ ଦୁଇଟି ଏଣ୍ଡୁଅ ଦେଖି ସେ ସଂରକ୍ଷଣ ପାଇଁ ଆଗ୍ରହୀ ହୋଇଥିଲେ । ଏହି କାର୍ଯ୍ୟରେ ପ୍ରଥମେ ସହଯୋଗ କରିଥିଲେ, ତାଙ୍କ ପିତା; ପରେ ପରିବାରର ଅନ୍ୟମାନେ ଏତେ ସଂଖ୍ୟକ ଏଣ୍ଡୁଅଙ୍କ ପାଳନ କିଛି ସାମାନ୍ୟ କଥା ନୁହେଁ । ଏହି ଶାକାହାରୀ ସରୀସୃପଙ୍କ ପାଇଁ ନୈନିକ ଲୋଡ଼ା ଅନ୍ୟୂନ ୧୫୦ କିଲୋଗ୍ରମ ପାଚିଲାପଳ । କୌଣସି ସରକାରୀ ସହାୟତା ବିନା କେବଳ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ରେମନ, ସେମାନଙ୍କୁ ଖାଦ୍ୟ ଯୋଗାଇପାରୁଛନ୍ତି ।










# ଆଖିର ଥକ୍କାପଣ ଦୂର କରିବା ଉପାୟ

ପଢ଼ିବା ସମୟରେ ଆଖି ଥକା ଅନୁଭବ ହେବା ସହ ବିନ୍ଧା ହୋଇଥାଏ । ଲଗାତାର କମ୍ପ୍ୟୁଟରରେ କାମ କଲେ, ବହି ପଢ଼ିବାଦ୍ୱାରା ଆଖି ବିନ୍ଧା ହୁଏ । ଏପରି ବିନ୍ଧା ହେବା ଦ୍ୱାରା ଆଖିର ମାଂସପେଶୀ ଶୁଖିଯାଏ । ତେବେ ଆଖି ବିନ୍ଧାରୁ କିପରି ଆଶ୍ୱସ୍ତି ମିଳିବ ଜାଣନ୍ତୁ-



**ଆଖିରେ ପାଣି ଛିଟା ମାରନ୍ତୁ:**
ଯଦି ଆଖିରେ ଥକାପଣ ଅନୁଭବ ହୁଏ ତେବେ ଆଖିକୁ ପାଣିଛିଟା ମାରନ୍ତୁ । ଥଣ୍ଡା ପାରିର ଛିଟାରେ ଆଖିର ମାଂସପେଶୀକୁ ଆରାମ ମିଳିଥାଏ । କିନ୍ତୁ ହାତରେ ଜୋର କରି ଆଖିକୁ ମକଚନ୍ତୁ ନାହିଁ ।



**ଆଖି ପାଇଁ ଟି- ବ୍ୟାଗ:**
ବଜାରରେ ମିଳୁଥିବା ଛୋଟ ଛୋଟ ଟା ବ୍ୟାଗକୁ ଆଖି ପାଇଁ ବ୍ୟବହାର କଲେ ଆଶ୍ୱସ୍ତି ମିଳିଥାଏ । ଗ୍ରୀନଟି ଓ ବ୍ଲାକଟି ଫଳପ୍ରଦ ହୋଇଥାଏ । ଟା ପତ୍ରରେ ଆଣ୍ଟିଅକ୍ସିହାଣ୍ଟ ରହିଥାଏ ଯହା ଚର୍ମ ପାଇଁ ଆରାମଦାୟୀ ହୋଇଥାଏ । ବ୍ୟବହାର ହୋଇସାରିଥିବା ଟି ବ୍ୟାଗକୁ କିଛି ସମୟ ଫ୍ରିଜରେ ରଖନ୍ତୁ । ୧୫ ମିନିଟରେ ଯେତେବେଳେ ବ୍ୟାଗଟି ଥଣ୍ଡା ହୋଇଯାଏ ତାକୁ ଆଖି ଉପରେ ରଖି ଆଖି ବନ୍ଦ କରିରଖନ୍ତୁ ।



**କାକୁଡ଼ି ବ୍ୟବହାର କରନ୍ତୁ:**
ଆଖିରେ ବିନ୍ଧା କିମ୍ବା ଜଳାପୋଡ଼ା ହେଉଥିଲେ କାକୁଡ଼ି କାଟି ଆଖିରେ ରଖନ୍ତୁ । କାକୁଡ଼ିରେ ଥିବା ପ୍ରଚୁର ପରିମାଣର ଏଷ୍ଟ୍ରିଜେଟ୍ ଆଖିକୁ ଥଣ୍ଡା ଅନୁଭବ କରାଇଥାଏ । ତେଣୁ କାକୁଡ଼ିକୁ ଦୁଇଟି ଛୋଟ ଟୁକୁଡ଼ା କରି ଆଖିରେ ୫ମିନିଟ୍ ରଖନ୍ତୁ ।



# ଥଣ୍ଡା ତେଲ କ୍ଷତିକାରକ

ମୁଣ୍ଡବ୍ୟଥା ବା ଅବସାଦର ଶିକାର ହେବା ମାତ୍ରେ ସେଥିରୁ ତୁରନ୍ତ ଉପଶମ ପାଇବା ପାଇଁ ମୁଣ୍ଡରେ ଥଣ୍ଡା ତେଲକୁ ମାଲିସ କରିଥାନ୍ତି । ପ୍ରକୃତରେ ଏହା ଅନେକ ଉପଶମ ମଧ୍ୟ ଦେଇଥାଏ । କିନ୍ତୁ ମସ୍ତିଷ୍କ ପାଇଁ ଏହା ବହୁ କ୍ଷତିକାରକ ବୋଲି ଏକ ଗବେଷଣାରୁ ଜଣାଯାଇଛି । ବୈଜ୍ଞାନିକଙ୍କ ମତରେ ଥଣ୍ଡା ତେଲର ମାତ୍ରା ଯେତେ ଅଧିକ ତାହା ସେତିକି ମସ୍ତିଷ୍କ ପାଇଁ କ୍ଷତିକାରକ ହେବ । ଏହି ତେଲରେ ୫ଗ୍ରାମର କର୍ପୂର ମିଶିକରି ରହିଥାଏ । ଯାହା ମସ୍ତିଷ୍କକୁ ତୁରନ୍ତ ଶୀତଳ କରିଦେଇଥାଏ କିନ୍ତୁ ଏହା ପରବର୍ତ୍ତୀ ସମୟରେ ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ଏହି ଗବେଷଣାରୁ ଜଣାଯାଇଛି ମହିଳାମାନେ ମୁଣ୍ଡ ବିନ୍ଧାର ଶିକାର ହେବା ମାତ୍ରେ ସେମାନେ ବଜାରରେ ଉପଲବ୍ଧ ପେନକ୍ଲିୟର ଖାଇଥାନ୍ତି ତେବେ ସେଥିରୁ ତାଙ୍କୁ କୌଣସି ଉପକାର ମିଳିନଥାଏ କିନ୍ତୁ ଥଣ୍ଡା ତେଲର ବ୍ୟବହାର କରିବା ଫଳରେ ତାଙ୍କୁ ତୁରନ୍ତ ଉପଶମ ମିଳିଥାଏ । ଯାହା ସମ୍ପୂର୍ଣ୍ଣ ରୂପେ କ୍ଷତିକାରକ ହୋଇଥାଏ ।




# ଗ୍ରୀଷ୍ମରେ ମ୍ୟାକ୍ସି ଡ୍ରେସ୍



ଉଭୟ କର୍ମଜୀବୀ ଓ ଗୃହିଣୀଙ୍କ ନିମନ୍ତେ ଗ୍ରୀଷ୍ମଦିନେ ଏକ ସର୍ବୋତ୍କୃଷ୍ଟ ପରିଧାନ ହେଉଛି 'ମେକ୍ସି ଡ୍ରେସ୍' । ଆମ ରାଜ୍ୟର ଗରମ ଅନୁଯାୟୀ ସୂତା ଓ ରେୟନ କପଡ଼ାର ପୋଷାକ ଶରୀରକୁ ଆରାମ ଦେଇଥାଏ । ଲମ୍ବା ମ୍ୟାକ୍ସି ଡ୍ରେସ ରଙ୍ଗବେରଙ୍ଗର ଉପଲବ୍ଧ । ଖରାଦିନେ ପାଇଁ ପ୍ରିଣ୍ଟେଡ୍ ଫୁଲପକା ମ୍ୟାକ୍ସି ଡ୍ରେସ୍ ଖୁବ ସୁନ୍ଦର ଲାଗିଥାଏ । କଲେଜ ପଢୁଆ ଯୁବତୀଙ୍କ ଠାରୁ ଆରମ୍ଭ କରି ବୟସ୍କ ମହିଳା ସମସ୍ତଙ୍କୁ ଭଲଭାବେ ଏଇ ପୋଶେକ ଫିଟ୍ ଆସିଥାଏ । ୪୦୦ ଟଙ୍କାରୁ ଆରମ୍ଭ କରି ୨ହଜାର ଟଙ୍କା ମଧ୍ୟରେ ବିଭିନ୍ନ ଡିଜାଇନର ମ୍ୟାକ୍ସି ଡ୍ରେସ ଉଭୟ ଅନ-ଲାଇନ ଓ ଦୋକାନରେ ମିଳିଥାଏ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୨୫ ଅପ୍ରେଲ ୨୦୨୨, ସୋମବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପ୍ରଭାବିତ ମଧ୍ୟବିତ୍ତ...


ମହାମାରୀ କରୋନାର ପ୍ରଥମ ଲହରି ଭାରତକୁ ଆସିବା ପରଠାରୁ ଲୋକମାନେ ଅତ୍ୟଧିକ ମୁଦ୍ରାସ୍ଫୀତି, ବେକାରୀ ଏବଂ ଦାରିଦ୍ର୍ୟର ଚାପରେ ସନ୍ତୁଳି ହେଉଛନ୍ତି । ବର୍ତ୍ତମାନ ଏହି ଚାପକୁ ବଢ଼ାଇ ଦେଉଛି ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀର ଦର ଏବଂ ଧୀରେ ଧୀରେ ଆଗରୁ ଫୁଟି କଣା ହୋଇ ଯାଇଥିବା ଲୋକମାନଙ୍କ ପକେଟକୁ ବଡ଼ କଣାରେ ପରିଣତ କରୁଛି । ଏହିସବୁ ସମସ୍ୟା, ଯାହା ସବୁ ନାଗରିକଙ୍କୁ ଊଣା ଅଧିକେ ପ୍ରଭାବିତ କରୁଛି, ବିଜେପି-ନେତୃତ୍ୱାଧୀନ ଏନ୍‌ଡିଏ ସରକାର ସଙ୍ଗେ ସେଇ ଲୋକକଥାର ମାଂସରେ କଣ୍ଟା ଭଳି ଯୋଡ଼ିହୋଇ ରହିଛି । ସରକାରଙ୍କ ପାଇଁ ଏହି ପ୍ରସଙ୍ଗକୁ ଅଧିକ ଜଟିଳ କରିବାକୁ ଆଗେଇ ଆସିଛି ଖାଉଟି ମୂଲ୍ୟ-ଆଧାରିତ ମୁଦ୍ରାୟୀତି ସଂଖ୍ୟା ଯାହା ଫେବୃଆରୀରେ ୬.୦୭ ପ୍ରତିଶତରୁ ମାର୍ଚ୍ଚରେ ୬.୯୫ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ମୁଖ୍ୟତଃ ଦାମୀ ଖାଦ୍ୟ ସାମଗ୍ରୀଗୁଡ଼ିକ ଯୋଗୁଁ ହୋଇଛି । ଲଗାତର ତୃତୀୟ ମାସ ପାଇଁ ଖୁଚୁରା ମୁଦ୍ରାସ୍ଫତି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଆରାମଦାୟକ କ୍ଷେତ୍ର ଦୁଇରୁ ଛଅ ପ୍ରତିଶତ ଭିତରେ ଅପେକ୍ଷା ଅଧିକ ରହିଛି । ଶାସକ ଦଳଙ୍କ ପାଇଁ ଅନ୍ୟ ଏକ ନିରାଶାଜନକ ତଥ୍ୟ ପ୍ରକାଶ କରିଛନ୍ତି ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି ଚିଦାମ୍ବରମ । ସେ ଦାବି କରିଛନ୍ତି ଯେ ୨୦୧୪-୧୫ଠାରୁ ସାମାଜିକ କ୍ଷେତ୍ର ବାବଦୀୟ ବ୍ୟୟରେ ଆନୁପାତିକ ଭାବରେ ଏକ ହ୍ରାସ ଘଟିଛି । ସୂଚାଇ । ଦିଆଯାଇପାରେ କି, ପୂର୍ବତନ ଅର୍ଥମନ୍ତ୍ରୀଙ୍କର ଏହି ବକ୍ତବ୍ୟ ବର୍ତ୍ତମାନର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ବକ୍ତବ୍ୟର ପ୍ରତିବାଦ, ଯେହେତୁ ସେ କହିଥିଲେ ଯେ ଏନ୍‌ଡିଏ ସରକାରଙ୍କ ବିକାଶମୂଳକ ବ୍ୟୟ ୟୁପିଏ । ସରକାରଙ୍କ ଉପରୋକ୍ତ କ୍ଷେତ୍ରରେ ବ୍ୟୟଠାରୁ ଢେର୍ ଅଧିକ । କେବଳ ଏତିକି ନୁହେଁ, ପୂର୍ବତନ ଅର୍ଥମନ୍ତ୍ରୀ ବର୍ତ୍ତମାନର ଅର୍ଥମନ୍ତ୍ରୀଙ୍କୁ ଏକଥା ମଧ୍ୟ କଟାକ୍ଷ କରି କହିଛନ୍ତି ଯେ ସେ କେବଳ ଆର୍ଥିକ ନୀତି ସମ୍ପର୍କିତ ସଂଖ୍ୟାର ଖେଳ ଖେଳୁଛନ୍ତି, କାରଣ ସେ ଜାଣିଛନ୍ତି ଯେ ଅଧିକାଂଶ ଭାରତୀୟଙ୍କର ଜ୍ଞାନ ହାରାହାରିଠାରୁ ମଧ୍ୟ କମ୍ । ଆଉ ଏହି ପରିପ୍ରେକ୍ଷୀରେ ସେ ସିଏଜି ଯୋଗାଣ କ୍ଷେତ୍ରରେ ଅସୁବିଧା ଯୋଗୁଁ ଦିଲ୍ଲୀରେ ଅଟୋ ଚାଳକମାନଙ୍କ ବିରୋଧକୁ ଉଦାହରଣ ଭାବରେ ଉପସ୍ଥାପନ କରିଥିଲେ। ସେ ଯାହାହେଉ, ନିକଟରେ କେନ୍ଦ୍ର ସରକାର ମାର୍ଚ୍ଚ ୨୦୨୨ ପାଇଁ ପାଇକାରୀ ମୂଲ୍ୟ ସୂଚକାଙ୍କ (ଡବ୍ଲ୍ୟୁପିଆଇ)ର ସଂଖ୍ୟାଗୁଡ଼ିକୁ ପ୍ରକାଶିତ କରିଛନ୍ତି । ଏହି ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇ ୧୪.୫୫ ପ୍ରତିଶତ ହୋଇଛି, ଯେତେବେଳେ କି ଖୁଚୁରା ମୁଦ୍ରାସ୍ଫତି ଭାବରେ ଜଣା ଖାଉଟି ମୂଲ୍ୟ ସୂଚକାଙ୍କ (ସିପିଆଇ) ଯାହା ମାର୍ଚ୍ଚ ମାସରେ ୭.୬୮ ପ୍ରତିଶତ ପାଖାପାଖି ରହୁଥିଲା, ତାହା ବିଶ୍ୱ ସ୍ତରରେ ପରିବର୍ତ୍ତିତ ହୋଇ ଚାଲିଥିବା ବ୍ୟବସାୟିକ ପରିବେଶ ସହିତ ତାଳ ଦେଇ ଚାଲିଥିଲା । ଏହା ବର୍ତ୍ତମାନ ଅଶୋଧିତ ତୈଳର ଉଚ୍ଚ ଦର ଏବଂ ଚୀନ୍‌ର ଲକ୍‌ଡାଉନ୍ ଯୋଗୁଁ ସୃଷ୍ଟି ହୋଇଥିବା ବିଭିନ୍ନ ପ୍ରକାରର ସାମଗ୍ରୀର ଯୋଗାଣରେ ବ୍ୟାଘାତ ଯୋଗୁଁ ଅଧିକ ପରିବର୍ତ୍ତନର ଶିକାର ହୋଇଛି । ତେବେ ସାମ୍ପ୍ରତିକ ସମୟର ପାଇକାରୀ ମୁଦ୍ରାସ୍ଫୀତିର ସଂଖ୍ୟାଗୁଡ଼ିକ ଆମକୁ ପ୍ରାକ୍-ଉଦାରୀକରଣ ଯୁଗର ସେଇ ସୁଖଦ ଦିନଗୁଡ଼ିକୁ ନେଇ ଯିବା ଭଳି ବା ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ୟୁପିଏ)-୨ ସରକାର ସମୟର ସେଇ ଶେଷ କେତେ ମାସର ସମୟକୁ ନେଇଯିବା ଭଳି ମନେହୁଏ । ଏଭଳି ଏକ ସମୟରେ ଜଣେ ବିସ୍ମିତ ହେବା ସ୍ୱାଭାବିକ, ଏତେ ଭିନ୍ନତା କାହିଁକି, ପୁଣି ଏତେ ବିସ୍ତୃତ ପରିସର ସହିତ ? ଉତ୍ତର ଉଭୟ ସୂଚକର ମେଳରେ ରହିଛି । ଯେ ପର୍ଯ୍ୟନ୍ତ ତତ୍କାଳ ଆଧାରରେ ମୁଦ୍ରାସ୍ଫୀତିର ବୃଦ୍ଧିକୁ ରୋକା ନ ଯାଇଛି, ଏହାର ଏକ ଅଧିପ୍ଲାବନ ପ୍ରଭାବ ବା ଛିଟ୍‌କା ମଜୁରୀ ଉପରେ ପଡ଼ିବା ଯାହାର ପରିଣତି ହେବ ସେବାଗୁଡ଼ିକ ଲାଭ କରିବାର ମୂଲ୍ୟରେ ଅତ୍ୟଧିକ ବୃଦ୍ଧି ମୁଦ୍ରାୟୀତିକୁ ନିୟନ୍ତ୍ରଣାଧୀନ କରିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଉପଯୋଗ କରୁଥିବା ଏକ ସାଧନ ହେଉଛି ଉଚ୍ଚ ସୁଧହାର । ତେବେ, ବର୍ତ୍ତମାନ ଏହା ଯେଉଁ ଖାପ ଖୁଆଇବା ଭଳି ଆର୍ଥିକ ନୀତି ବଜାୟ ରଖୁଛି, ତାକୁ ଆରବିଆଇ ପରିତ୍ୟାଗ କରି ପାରିବ ନାହିଁ, କାରଣ ଅଧିକ ଦର ଯୋଗାଣ-ପକ୍ଷ ମୁଦ୍ରାସ୍ଫୀତିଜନିତ ସମସ୍ୟାର ସମାଧାନ କରି ପାରିବା ନାହିଁ । ବର୍ତ୍ତମାନ ଏହା କେବଳ ଯାହା କରି ପାରିବ, ତାହା ହେଉଛି ରୁଷିଆ ଏବଂ ଚୀନ୍ ବୈଶ୍ୱିକ ଅର୍ଥନୀତି କ୍ଷେତ୍ରରେ ସ୍ଥିରତା ଆଣିବା ପର୍ଯ୍ୟନ୍ତ ଅପେକ୍ଷା କରିବା, ଯେତେବେଳେ କି ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣକୁ ବନ୍ଦ କରି ତୈଳ ଦରକୁ କମିବାରେ ଭୂମିକା ଗ୍ରହଣ କରିବ ଏବଂ ଚୀନ୍ ତା' ଦେଶରେ କୋଭିଡ୍ ମହାମାରୀ ଯୋଗୁଁ ଜାରି କରିଥିବା ଲକ୍‌ଡାଉନ୍ ହଟାଇ ପୁଣିଥରେ ବିଶ୍ୱସ୍ତରୀୟ ଯୋଗାଣ ଶୃଙ୍ଖଳାର ପୁନରୁଦ୍ଧାର କରିବା ସହିତ ଏହା ସ୍ୱାଭାବିକ ହେବ। ସେ ପର୍ଯ୍ୟନ୍ତ ଭାରତ ସରକାର ଗରିବ ଲୋକମାନଙ୍କୁ ମାଗଣାରେ ଖାଦ୍ୟ ସାମଗ୍ରୀ ଯୋଗାଇବା ଜାରି ରଖିବା ସଙ୍ଗେ ସଙ୍ଗେ ନିଜକୁ ମଧ୍ୟବିତ୍ତ ଶ୍ରେଣୀଙ୍କ କ୍ରୋଧରୁ ବଞ୍ଚାଇବାକୁ ଭଗବାନଙ୍କୁ ପ୍ରାର୍ଥନା କରି ପାରନ୍ତି, କାରଣ ଏହି ଶ୍ରେଣୀ ହିଁ ମୁଦ୍ରାସ୍ଫୀତି ଦ୍ୱାରା ସବୁଠୁ ବେଶୀ ପ୍ରଭାବିତ ହୋଇଥାନ୍ତି ।

## ଘାତକ ମ୍ୟାଲେରିଆ ମୁକାବିଲା



ପ୍ର. ଡା.ଜ୍ୟୋତିରଞ୍ଜନ ଚମ୍ପତିରାୟ

ଗତ ଏପ୍ରିଲ ୨୫ ତାରିଖ ଥିଲା ବିଶ୍ୱ ମ୍ୟାଲେରିଆ ଦିବସ । ଏ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲ୍ୟୁ ଏଚ୍‌ଓ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମ୍ୟାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି । ବିଶ୍ୱର ସବୁଠାରୁ ଅଧିକ ମ୍ୟାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ । ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମ୍ୟାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମ୍ୟାଲେରିଆ ଆକ୍ରାନ୍ତ ଓ ମ୍ୟାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି । ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମ୍ୟାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରିବା ଉଚିତ । ବିଶ୍ୱର ସର୍ବାଧିକ ମ୍ୟାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି । ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମ୍ୟାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ । ୨୦୦୦ ମସିହାରୁ ୨୦୨୧ ମଧ୍ୟରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି । କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି । ୨୦୨୩ ଶେଷ ବେଳକୁ ଯାଇ ଭାରତ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଞ୍ଚଳର ଅନ୍ୟତମ ଦେଶ ମାଳଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେ ହେଲେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ନାହାନ୍ତି । ଶ୍ରୀଲଙ୍କା ମଧ



ମ୍ୟାଲେରିଆର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ହାସଲର ନିକଟତର । ଭାରତରେ ଏବେ ବି ମ୍ୟାଲେରିଆର ପ୍ରକୋପ ଭୟଙ୍କର । କେବଳ ଦୁଇଟି ରାଜ୍ୟ ଜାମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅବଶିଷ୍ଟ ସବୁ ରାଜ୍ୟ ମ୍ୟାଲେରିଆ ପ୍ରବଣ । ଲୋକସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହିଁ ମ୍ୟାଲେରିଆ ଭାରତ ପାଇଁ କେମିତି ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ତାର ସୂଚନା ଦିଏ । ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ । ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମ୍ୟାଲେରିଆ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମ୍ୟାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମ୍ୟାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି । କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମ୍ୟାଲେରିଆ ପ୍ରବଣ ହୋଇପଡୁଛି । ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ । ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି । ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମ୍ୟାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ । ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମ୍ୟାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଈପ୍ସିତ ସୁଫଳ ମିଳି ନାହିଁ । ମ୍ୟାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି । ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମ୍ୟାଲେରିଆର ମୁକାବିଲା ପାଇଁ ମଧ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ ।


ଶିଶୁରୋଗ ବିଭାଗ,
ଶିଶୁଭବନ, କଟକ,
ମୋ: ୯୪୩୭୧୨୪୦୭୪


## ରେଡ଼ିଓର ଉଦ୍ଭାବକ : ମାର୍କୋନୀ



ବାଦଲ ଭୂୟାଁ

ଗୁଲେଲିମୋ ମାର୍କୋନୀଙ୍କୁ ରେଡ଼ିଓର ଉଦ୍ଭାବକ ଭାବେ ସାରା ଦୁନିଆ ଜାଣେ । ଏହି ଇଟାଲୀୟ ବୈଜ୍ଞାନିକ ପ୍ରଥମ ଥର ପାଇଁ ବିନା ତାର ସହାୟତାରେ ବହୁ ଦୂର ପର୍ଯ୍ୟନ୍ତ ରେଡ଼ିଓ ତରଙ୍ଗ ପଠାଇବାରେ ସକ୍ଷମ ହୋଇଥିଲେ । ଶବ୍ଦ ତରଙ୍ଗ ପ୍ରେରଣ ପାଇଁ ସେ ଏକ ନିୟମ ଉଦ୍ଭାବନ କରିଥିଲେ । ଯାହା ମାର୍କୋନୀ ନିୟମ ଭାବେ ପରିଚିତ । ସେ ରେଡ଼ିଓ ଟେଲିଗ୍ରାଫର ମଧ୍ୟ ବିକାଶ କରିଥିଲେ । ପିଲାଦିନେ ମାର୍କୋନୀଙ୍କୁ ବିଧିବଦ୍ଧ ଶିକ୍ଷା ଗ୍ରହଣର ସୁଯୋଗ ମିଳିନଥିଲା । ଫଳରେ ଘରୋଇ ଭାବେ ସେ ଶିକ୍ଷା ଗ୍ରହଣ କରିଥିଲେ । ଅନ୍ୟତମ ପ୍ରସିଦ୍ଧ ଇଟାଲୀୟ ପଦାର୍ଥ ବିଜ୍ଞାନୀ ଅଗଷ୍ଟୋ ରିଘିଙ୍କ ପରୀକ୍ଷାଗାରରେ ପଦାର୍ଥ ବିଜ୍ଞାନ ଅଧ୍ୟୟନ ପାଇଁ ମାର୍କୋନୀଙ୍କୁ ସୁଯୋଗ ମିଳିଥିଲା । ସେଠି ସେ ଜାଣିପାରିଥିଲେ ଯେ ହର୍ଟ୍‌ଜ ଦ୍ୱାରା ଉତ୍ପନ୍ନ ହୋଇଥିବା ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗ ସାହାଯ୍ୟରେ ଦୂରସ୍ଥାନକୁ ଶବ୍ଦ ପ୍ରେରଣ ସମ୍ଭବ ହୋଇପାରିବ । ଏହାପରେ ମୃତ୍ୟୁ ପର୍ଯ୍ୟନ୍ତ ଏ ଦିଗରେ ଗବେଷଣା ଜାରି ରଖିଥିଲେ । ରେଡ଼ିଓ ଟେଲିଗ୍ରାଫକୁ ବ୍ୟବହାରିକ ରୂପ ଦେବାର ଶ୍ରେୟ ମାର୍କୋନୀଙ୍କୁ ମିଳିଥାଏ । ୧୮୯୫ରେ ପ୍ରଥମ ଥର ପାଇଁ ସେ ନିଜ ବଗିଚାରେ ରେଡ଼ିଓ



ଟେଲିଗ୍ରାଫିର ପ୍ରାରମ୍ଭିକ ପ୍ରୟୋଗ କରିବାରେ ସଫଳ ହୋଇଥିଲେ । ଏହାର କିଛିଦିନ ପରେ ସେ ବିନା ତାର ସହାୟତାରେ ଏକ ମାଇଲ ଦୂର ପର୍ଯ୍ୟନ୍ତ ରେଡ଼ିଓ ସଂକେତ ପ୍ରେରଣ କରିବାରେ ସଫଳ ହେଲେ । ପରବର୍ଷ ସେ ଇଂଲଣ୍ଡ ଗସ୍ତ କରି ସେଠାରୁ ରେଡ଼ିଓ ଟେଲିଗ୍ରାଫିର ପେଟେଣ୍ଟ ସର୍ବପ୍ରଥମ ହାସଲ କରିଥିଲେ । ପରେ ସେ ଇଂଲିଶ ଚ୍ୟାନେଲ ଏପଟରୁ ସେପଟ ଏବଂ ଆଟଲାଣ୍ଟିକ ସାଗର ଆରପାରିକୁ ରେଡ଼ିଓ ସଂକେତ ପ୍ରେରଣ କରିବାକୁ ସକ୍ଷମ ହୋଇଥିଲେ । ରେଡ଼ିଓ ଉଦ୍ଭାବନ ପାଇଁ ୧୯୦୯ରେ ମାର୍କୋନୀଙ୍କୁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ମହାନ ବୈଜ୍ଞାନିକ ୧୮୭୪ ମସିହା ଏପ୍ରିଲ ୨୫ ତାରିଖରେ ଇଟାଲିର ବୋଲଗନା ଅନ୍ତର୍ଗତ ପାଲାଜୋ ମାରେସ୍‌କାଲ୍‌ଚି ଠାରେ ଜନ୍ମ ଗ୍ରହଣ କରିଥିଲେ ।


ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',
୪ଜି ପ୍ରତାପ ଆପାର୍ଟମେଣ୍ଟ, ୭
ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର,
ମୋ: ୭୪୮୮୯୯୮୫୩୨


## ବାଲେଶ୍ୱରବାସିଙ୍କୁ ପ୍ରତିଶ୍ରୁତି ଦେଇଥିଲେ ପାର ନ କରନ୍ତୁ



ସୁବ୍ରତ କର

ଏବେ ଆମ ରାଜ୍ୟରେ ସମବାୟ ନିର୍ବାଚନ ପ୍ରକ୍ରିୟା ଛାଡ଼ିଦେଲେ ପ୍ରାୟ ସବୁ ପ୍ରକାରର ନିର୍ବାଚନ ସରିଯାଇଛି ଏବଂ ଜନ ପ୍ରତିନିଧିମାନେ ଥଇଥାନ ହୋଇଛନ୍ତି । ସେ ୱାର୍ଡ ମେୟର ହୁଅନ୍ତୁ ବା ଏମ.ଏଲ.ଏ (ଗତବର୍ଷ ସଦର ନିର୍ବାଚନ) ହୁଅନ୍ତୁ । ଏବେ ଆପଣମାନଙ୍କ ପାଳି । ଯେ ଯେଉଁ ଦଳର ହୁଅନ୍ତୁ ନା କାହିଁକି ଦେଇଥିବା କଥା କାମରେ କରି ଲୋକଙ୍କ ପାଖରେ ନିଜେ ପହଞ୍ଚନ୍ତୁ ଏବଂ କାମ କରି ଦେଖାନ୍ତୁ । ପାଞ୍ଚବର୍ଷ କମ ସମୟ ନୁହଁ ନିଜକୁ ପ୍ରତିଷ୍ଠିତ କରିବାକୁ ଚାହୁଁଛନ୍ତି ଯଦି ଏବଂ ଜନତାଙ୍କ ମନ ଜିଣିବାକୁ ଚାହୁଁଛନ୍ତି ଯଦି । ଆପଣମାନେ କଷ୍ଟ କରି ଏଆଡୁ, ସେଆଡୁ ପଇସା ଯୋଗାଡ କରି ଜିତି ଆସିଛନ୍ତି ଏଥର ଜନତାଙ୍କ ଦୁଃଖକଷ୍ଟ ଦୂର କରନ୍ତୁ । ଦଳର ମୁଖିଆ ବାରମ୍ବାର କହିଛନ୍ତି ବାଲେଶ୍ୱର ମୋର ଏବଂ ବାଲେଶ୍ୱରକୁ ମୁଁ ଦେଖୁଛି । ତାଙ୍କ ତଳେ ତଳେ ସମସ୍ତେ ଏହି କଥାକୁ ଦୋହରେଇଛନ୍ତି । ଜିଲ୍ଲାର ନେତାମାନେ ଏହାର ସୁବିଧା ସୁଯୋଗ ନେବା ପାଇଁ ଅନୁରୋଧ ।

ଏବେ କାମକୁ ଆସିବା, ପ୍ରଥମେ ଆସିବା ବାଲେଶ୍ୱର ସହରରେ ସହରବାସିଙ୍କୁ କଣ କଣ ପ୍ରତିଶୃତି ମିଳିଛି । ପ୍ରଥମ ହେଲା ରିଂଖରୋଡ ଏବଂ ଏହାର କାମ ସେମିତି କିଛି ଆଖି ଦୃଶିଆ ହୋଇନାହିଁ । ଏବେ ବି ଫାଇଲ ତଳେ ଚାପି ରହିଛି । ବହୁ ବର୍ଷ ହେଲାଣି ଏବଂ ଏହାର ଭିତ୍ତି ଦେଇଥିଲେ ଖୁବ୍ ମୁଖ୍ୟମନ୍ତ୍ରୀ । କେବେ ଫିତା କଟା ହେବ ଏହା ଜାଣିବାକୁ ଚାହୁଁଛୁ । ଏହାର କେଉଁ ଅବସ୍ଥାରେ ଅଛି ଜଣାଇଲେ ଖୁସି ହେବୁ ବା ମୂଳରୁ ହେବୁ ନାହିଁ? ଏହା ପରେ ଆସିବା ଏବେକାର ସହର ମଧ୍ୟରେ ଥିବା ବସ୍‌ଷ୍ଟାଣ୍ଡ । ଏହାର ମଧ ଭିତ୍ତି ପ୍ରସ୍ତର ନିଆ ହୋଇ ସେମିତି ରହିଛି । ଟିକିଏ ହେଲେ ଆଗେଇଲା ବୋଲି ମନେ ହେଉନାହିଁ । ଏହାର ଅବସ୍ଥା କଣ? ଏହା ହବ ନା ନାହିଁ? ଏହା ମଧ ମୁଖ୍ୟମନ୍ତ୍ରୀଙ୍କ ନଜରକୁ ଆସିବା କଥା କାରଣ ଏହା ସହର ବାହାରକୁ ଗଲେ ସହରଟା ବଢ଼ି ପାରନ୍ତା ଏବଂ ବାଲେଶ୍ୱରବାସୀ ଚାହୁଁଛନ୍ତି ବାଲେଶ୍ୱରକୁ ଏକ କରପୋରେସନ କରିବା ପାଇଁ ଏହି କାମକୁ ସହାୟ ହୁଅନ୍ତା ।

ବାଲେଶ୍ୱର ସହର ଏବେ ପ୍ରସ୍ତୁତ କରପୋରେସନ ହେବା ପାଇଁ । ସହରରେ ଅଧା ଅତି ଦରକାରୀ ସଂସ୍ଥାମାନ ସହରର ୫ କିଲୋମିଟର ଭିତରେ ଅଛି । ଇଉନିଭରସିଟି, ମେଡିକାଲ କଲେଜ, ଏମସ୍ ସେଟଲାଇଟ ହସପିଟାଲ, ଦ୍ୱିତୀୟ ସେଣ୍ଟ୍ରାଲ ସ୍କୁଲ ଏବଂ ପ୍ରଚୁର ବେସରକାରୀ ସଂସ୍ଥା । ସହରର ପ୍ରାୟ ଅଧା ଅଧି ରେମୁଣା ଛକରେ ବା ସହର ବ୍ଲକ୍‌ରେ ରହିଛି । ବହୁତ ଲୋକଙ୍କ ଜଣା ନାହିଁ । ଅରିପ୍ଲାଷ୍ଟର ଅଧା ଫାଟକ ସହର ମଧ୍ୟରେ ଏବଂ ଅଧା ରେମୁଣା ବ୍ଲକ୍‌ରେ । ଏହାଛଡ଼ା ବାଲେଶ୍ୱରବାସୀଙ୍କ ବିଶେଷ ସୁବିଧା ପାଇଁ ବାଲେଶ୍ୱର ରେଳ ଷ୍ଟେସନକୁ ଇଷ୍ଟ କୋଷ୍ଟ ମଧ୍ୟରେ ରଖିବା । ଏବେ ନ ହେବ ତ, କେବେ ନୁହେଁ । କାରଣ ଦିଲ୍ଲୀରେ ଥିବା ରେଳମନ୍ତ୍ରୀ ବାଲେଶ୍ୱରର ପୂର୍ବତନ କଲେକ୍ଟର ଥିଲେ । ଚେଷ୍ଟା ଜାରି ରହିବା ଉଚିତ ଦଳମତ ନିର୍ବିଶେଷରେ । ଏହାପରେ ଆସିବ ବାଲେଶ୍ୱର ପାଇଁ ଛୋଟିଆ ଏୟାରପୋର୍ଟ ସିଧାସଳଖ ଭୁବନେଶ୍ୱର ଏବଂ କଲିକତା ସହିତ ଯୋଡ଼ିବା ପାଇଁ । କିନ୍ତୁ ଏହି ସବୁ କାର୍ଯ୍ୟ ଗୁଡ଼ିକ ଜନ ପ୍ରତିନିଧିଙ୍କ ପାଇଁ ଚ୍ୟାଲେଞ୍ଜ । କରି ଦେଖାଇଲେ ଆଉ ପାଞ୍ଚବର୍ଷ ।

### କବିତା କୋଣାର୍କ

## ଯନ୍ତ୍ରଣା



ରଣଜିତ୍ କୁମାର ବେହେରା

ଯନ୍ତ୍ରଣା ଏକ ଶବ୍ଦ ନୁହେଁ
ଏକ ଇତିହାସ
ଅନୁଭୂତିର ଆଖି
ଦୁଃଖ କଷ୍ଟ ଯନ୍ତ୍ରଣା
ପାପ ପୁଣ୍ୟ ନିର୍ଯ୍ୟାତନା ।
ସେ ଦର୍ପଣରେ ରହିଛି
ସ୍ମରଣୀୟ ଅଙ୍ଗେଲିଭା ଘଟଣା
ସେ ଆଇନାକୁ ଦେଖିଲେ
ଅତୀତ ମନେପଡ଼ି ଯାଏ ।
ଲହୁ ଲୁହ ଝରଣା ସାଜିଛି
ଝାଳ ଶ୍ରାବଣର ଧାରା ହୋଇଛି ।
ବନ୍ୟା ବାତ୍ୟା ସୁନାମୀକୁ
ରକ୍ତ ମାଂସ ଦେହେ
ଚନ୍ଦନର ଲେପନ ଦେଇଛି ।
ପୂର୍ଣ୍ଣମୀର ଆନନ୍ଦ ନେଇଛି
ଅମାବାସ୍ୟାକୁ ଦେହେ ମାଖିଛି ।
ଆଲୋକଠୁ ବେଶି ଅନ୍ଧାରକୁ
ଆଞ୍ଜୁଳା ଆଞ୍ଜୁଳା ପିଇଛି ।
ଆନନ୍ଦକୁ ଦୂରୁ ଦେଖିଛି
ହେଲେ ଯନ୍ତ୍ରଣାକୁ ବିନା
ନିମନ୍ତ୍ରଣେ ଘରେ ଡାକିଛି
ସବୁଜିମାଠୁ ଦୂରେଇ
ମରୁଭୂମିକୁ ଆଦରି ନେଇଛି ।
କ୍ଷୁଦା ତୃଷ୍ଣା
ଜୀବନର ମଙ୍ଗ ସାଜିଛି ।
ଦିବା ରାତ୍ରେ ଅଭାବ ଅନାଟନକୁ
ସ୍ୱପ୍ନରେ ବାରମ୍ବାର ଦେଖିଛି ।
ଘୂର୍ଣ୍ଣିବାତ୍ୟା, ଭୂମିକମ୍ପ
ମୋ ଚାରିପଟେ ଗ୍ରହ ନକ୍ଷତ୍ର
ପରି ଘୂରି ବୁଲୁଛି ।
ବିଭାଘର, ବ୍ରତଘର
ଶଙ୍ଖ ହୁଳହୁଳିର ଗୁଞ୍ଜରଣ
ମନକୁ ଆନନ୍ଦ ଦେଇଛି ।
ଏବେ ଫିକା ଫିକା ଲାଗୁଛି
କୋକେଇ ଯିବାର ହରିନାମ
ମନକୁ ଦୁର୍ବଳ କରୁଛି ।
ଶୂନ୍ୟ ହସ୍ତେ ଆସିଥିଲେ
ଶୂନ୍ୟ ହସ୍ତେ ଫେରିବା
ସଙ୍ଗେ ଯିବ ନିଜ କର୍ମଫଳ
ବକ୍ଷସର ଅପରାହ୍ନ ଦେଖୁଛି
ସବୁ ଯନ୍ତ୍ରଣାକୁ ହଜମ କରିଛି ।


ମାଣିଖମ୍ବ, ମୋତିଗଂଜ, ବାଲେଶ୍ୱର
ମୋ : ୯୨୩୮୫୬୮୮୧୧କ


## ବିଷ କନ୍ୟା



ସୁଭାଷ ଚନ୍ଦ୍ର ଭୂତିଆ

ହୃଦୟ ଗୃହେ ପ୍ରେମର ଦୀପ
ଉଠିଲା ଯେବେ ଜଳି
ଖୋଲିଲି ଦ୍ୱାର ଦେଖିଲି ନବ
ରୂପସୀ ଗଣ ମେଳି ।
ଅପୂର୍ବ କାନ୍ତି ମନକୁ ମୋର
ସହଜେ ଦେଲା ବାନ୍ଧି
କିଏଯେ ମୋର ହେବ ନିଜର
ବିଚାରେ ହେଲି ଛନ୍ଦି ।
ଗୋଟିକି ଗୋଟି ଛଅଟି କନ୍ୟା
ମୁରୁକି ମୁରୁକି ହସି
ଆସିଲେ ପାଶେ କରି ବାହାନା
ବଡ ସରାଗେ ଭାଷି ।
ମିଶିଲେ ଦମ୍ଭେ ପ୍ରୀତିର ଫାନ୍ଦେ
କରିଲେ ମଧୁ କ୍ରୀଡା
ଭୁଲିଯେ ଗଲି ସକଳ ଚିଜ
ହେଲା ସବୁ ଅଲୋଡ଼ା ।
ଧୀରେ ଧୀରେ ଯେ ପ୍ରେମର ଜ୍ୱାଳା
ଦହିଲା ମୋର ପ୍ରାଣ
ପ୍ରାଣର ଆଶା ମଉଳି ଗଲା
ଯାହା ଥିଲା ଭିଆଣ ।
ଭାବିଲି ଦିନେ ଏ ପ୍ରେମ ମୋତେ
ଦେବନି ଆଉ ମୁକ୍ତି
ହୋଇଣ ସର୍ପ ଦେଉଛି ବିଷ
ନାଶଇ ମୋର ଶକ୍ତି ।
ପରମ ପ୍ରୀତି ପାଇବା ପାଇଁ
ବ୍ୟାକୁଳ ଆଜି ମନ
ହୃଦୟ ଗୃହେ ଲିଭିଲା ଦୀପ
ମାଡିଆସିଲା ଘନ ।
ଘନ ଅନ୍ଧରେ ସବୁତ କଳା
ଜାରି ହେଉଛି ଦେଖ
କଳା ଶ୍ରୀମୁଖ କାଳର ପାଶୁ
ମୋତେ ଉଦ୍ଧାରି ରଖ ।


ଡିହଡୋଳ, ପରଜଙ୍ଗ,
ଢେଙ୍କାନାଳ


## ନିଦାଘ ଆସିଛି



ଝରଣା ମଲ୍ଲିକ୍

ନିଦାଘ ଆସିଛି ଆମ ରାଇଜକୁ
ସୁରୁଜ ଡାକରା ପାଇ
ବୈଶାଖ ଜ୍ୟେଷ୍ଠ ଦୁଇଟି ମାସର
ରୌଦ୍ରର ଉତ୍ତାପ ନେଇ ।

ସୂର୍ଯ୍ୟର ଉତ୍ତାପ କ୍ରମେ ବଢ଼ି ବଢ଼ି
ଟାଙ୍ଗରା ଦିଶଇ ଭୂଇଁ
ନଈ, ନାଳ ସବୁ ଶୁଖି ଶୁଖି ଯାଏ
ପଶୁ, ପକ୍ଷୀ ଗଲେ କାହିଁ ।

ଚମ୍ପା, ହେନା, ଜୁଇ ମଲ୍ଲୀ ଯେ ବଉଳ
ବାସ ଚହଟାଇ ଦିଏ
କୃଷ୍ଣଚୂଡ଼ା ହସେ ଶିମିଳି ଓଠରେ
ପଳାଶ ଚହଟି ଯାଏ ।

କାଠଚମ୍ପା ଆଉ ମହକି ଉଠୁନି
ଭାଙ୍ଗିଗଲା ଯେବେ ଡାଳ
କାଳ ବୈଶାଖିଟା କୁଆଡୁ ଆସିଲା
ହୋଇଲା ସଭିଙ୍କ କାଳ ।

ଅକ୍ଷୟ ତୃତୀୟା ଚନ୍ଦନର ଯାତ୍ରା
ପଡ଼ିଥାଏ ଏ ମାସରେ
ତରଭୁଜ ସାଥେ ତାଳସଜ ମିଳେ
କାକୁଡ଼ି ଖରା ବେଳରେ ।

ଅଂଶୁଘାତ ସାଥେ ଘର ପୋଡ଼ି ହୁଏ
ସଞ୍ଜରେ ଗାଁରେ ମୋର
କ୍ଷଣିକ ମଧ୍ୟରେ ଧ୍ୱଂସ କରିଦିଏ
ପିଢ଼ାର ଚାଳ ଛପର ।


ମାଣିଖମ୍ବ, ମୋତିଗଂଜ
ବାଲେଶ୍ୱର
ମୋ: ୯୨୩୮୫୭୪୫୦୩


## ପ୍ରେମର ଚୁମ୍ବନ



ପୁସ୍ତମ୍ ଯୁଆଡି

ଅମାନିଆ ସ୍ୱପ୍ନ ସବୁକୁ ତାଲା ପକାଇ
ସ୍ମୃତିର ଝରକା ବନ୍ଦ କଲାପରେ
ସମୟକୁ ବେଖାତିର କରି
ବାହାରି ପଡେଁ ତୋ କତିକୁ ।

ବହଳା କୁହୁଡ଼ିର
ଛାତି ଚିରି ଆସିବା କେତେ ଯେ କଷ୍ଟ
ମୁଁ ହିଁ ଜାଣିଛି....
ତୋ ସହରର ନିଦ ଭାଙ୍ଗିବା ଆଗରୁ
ତୋତେ ପହିଲି କିରଣ ଛୁଇଁବା ଆଗରୁ
ଏକ ନିଶ୍ୱାସରେ ଛୁଟିଯାଏ
ତୋ ପାଖକୁ....

ସତରେ ,
କେତେ କୁହୁକିନୀ କେତେ ମାୟାବିନୀ
ତୋ ସହର,
ତୋ ପ୍ରେମର ଚୁମ୍ବନ...
ତୋ ଗୋଲାପୀ ଓଠର
ଚୁମ୍ବନ... ?


ଭୁତିବାହାଲ, ଗାଇସିଲାଟ ବରଗଡ
ମୋ-୬୩୭୧୪୧୯୩୩୪

# ଗଳ୍ପମାଳା

୫

ସାପ୍ତାହିକ ଗଳ୍ପ ଫର୍ଦ୍ଦ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
ସୋମବାର, ୨୫ ଅପ୍ରେଲ ୨୦୨୨


# ନାନୀ ଘର




## ସୁଧାଂଶୁ ଶେଖର ଦ୍ୱିବେଦୀ

ବିସି-୭୪, ସଲଟ ଲେକ, କଲକାତା-୬୪
ମୋ-୯୬୮୧୩୭୩୫୧୨




ଗଭୀର ରାତି। ଦୁଇପଟେ ଗଛ ଗୁଡିକ ବାବନା ଭୂତ ଭଳି ଦେଖା ଯାଉଥାଏ। ଟ୍ରେନ ନିର୍ଦ୍ଦିଷ୍ଟ ଗତିରେ ଆଗକୁ ମାଡି ଚାଲିଥାଏ। ସମସ୍ତେ ନିଘୋଡ଼ ନିଦରେ ଶୋଇଥାନ୍ତି କିନ୍ତୁ ପ୍ରତାପ ଆଖିରେ ନିଦ ନଥାଏ। ପକେଟରୁ ମୋବାଇଲ ବାହାର କରି ସମୟ ଦେଖିଲା, ୨ଟା୨୫ ମିନିଟ। ଆହୁରି ୫ ଘଣ୍ଟା ରାସ୍ତା ଅତିକ୍ରମ କରିବାକୁ ହେବ। ହୁଏତ ତାପରେ ସେ ତା' ନାନୀ ଘରେ ପହଞ୍ଚିଯିବ।

ବଡ଼ ଭଉଣୀ ମା' ସମାନ। ପ୍ରତାପ ବଡ଼ ଭାଗ୍ୟବାନ ଯିଏ ତା' ବଡ଼ ଭଉଣୀଠାରୁ ଅନେକ କିଛି ଶିଖିଛି। ଆହୁରି ୫ ଘଣ୍ଟାର ରାସ୍ତା ଅତିକ୍ରମ ଲାଗି ତାକୁ ବଡ କଷ୍ଟ ଅନୁଭୂତ ହେଉଥାଏ। ପୂରା ୧୦ ବର୍ଷ ବିତିଗଲାଣି ସେ ତା' ନାନୀ ଘରକୁ ଯାଇନି। ବି.ଏ ପରେ ଘରୁ ବାହାରକୁ ଗୋଡ଼ କାଢ଼ିଛି ଯେ ନିଜ ଆତ୍ମୀୟଙ୍କଠାରୁ ଏକପ୍ରକାର ବିଛିଡି ଯାଇଛି। ବାପା-ମା' ନାନୀ ସମସ୍ତେ ତା'ଠାରୁ ବିଛିଡି ଯାଇଛନ୍ତି। ଚାକିରୀ ପାଇବା ପରେ ବଡ଼ କଷ୍ଟରେ ବାପା- ମା'କୁ ବୁଝେଇ ମନେଇ ପାଖରେ ନେଇ ରଖିଛି। କିନ୍ତୁ ନାନୀ କେମିତି ଆସିପାରିବ ? ଦୁଇଟି ପିଲା, ଘର, ସ୍ୱାମୀ ପୁଣି ବୟସ୍କ ଶାଶୁ ଏତେସବୁ ବୋଝକୁ ବହି ସେ ଆସିବ କେମିତି ?

କଲିକତାରେ ଏକା ସାଙ୍ଗରେ କାମ କରୁଥିବା ଅଞ୍ଜଳି ସହିତ ନିଜ ଭବିଷ୍ୟତକୁ ସେଟଲ କରିନେଇଛି ପ୍ରତାପ। ସିଧା ବାହାଘରରେ ଦେଖା ହୋଇଥିଲା ନାନୀ ସହିତ। ତାହାବି କେବଳ ୪ ଦିନ ପାଇଁ। ବାହାଘର ପରେ ବର୍ଷ ସାରା ଫରେନ ଟୁର। ପୁଣି ପ୍ରଗତିର ଜନ୍ମ। ପତି-ପତ୍ନୀ ଦୁହିଁଙ୍କ ଚାକିରୀ ବ୍ୟବସ୍ଥା, ଘର, କେରିୟର, ଗୃହସ୍ତି- ଏସବୁରେ ସେ ଏମିତି ଛନ୍ଦିଗଲା ଯେ ନାନୀ ଘର କଥା ପାଶୋରି ଦେଇଛି। କେବଳ ଯାହା ସ୍ମୃତିରେ ରହିଛି ନବରଙ୍ଗପୁର ଆଉ ତା' ନାନୀ।

ଦୂରରୁ ଦୂରତା ମାପି ପାରିନି ପ୍ରତିଟି ଜନ୍ମ ଦିନରେ ନାନୀ ବନେଇ ଥିବା ଆରିସା, କାକରା, ସୁଜି ମଣ୍ଡା ଓ ହାଲୱାକୁ ଖୋଜି ହେଉଥିବା ମନ। ପୁରୁଣା ଆଲବମରେ ନିଜକୁ ସନ୍ତୁଷ୍ଟି କରି କ୍ୟାଲେଣ୍ଡରରେ ଛୁଟିର ତାରିଖ ହିସାବ କରିଛି। କିନ୍ତୁ ମେଟ୍ରୋ ସିଟି ମଣିଷକୁ ସଂପୂର୍ଣ୍ଣ ଗିଳିଦେବା ଜାଣିଛି। ସହରର ଚାକଚକ୍ୟ ପ୍ରକାଶମୟରେ ମଣିଷ ଭିତରର ଅନ୍ଧକାର କେହି ଦେଖି ପାରନ୍ତି ନାହିଁ। ଯନ୍ତ୍ର ଚାଳିତ ପରି ଜୀବନ ଚାଲିଛି ଯାହା ହେଲେ ସମବେଦନା ମୃତ ପ୍ରାୟଃ....।

କିନ୍ତୁ ଏଥର ସେ ସ୍ଥିର କରିନେଇଛି ଯାହାବି ହେଉ ନାନୀ ଘରକୁ ଯିବ। ପ୍ରତୀକ୍ଷା ଏକ ଯନ୍ତ୍ରଣା ଦାୟକ ସ୍ଥିତି। ଏସି କମ୍ପାର୍ଟମେଣ୍ଟର ଲୋଅର ବର୍ଥ ସିଟରେ ଶୋଇରହି ପ୍ରତୀକ୍ଷାର ଯନ୍ତ୍ରଣାକୁ ସହ୍ୟ କରିପାରୁ ନଥାଏ ସେ। ବାରମ୍ବାର ଅତୀତର ଇତିହାସ ତା' ମନକୁ ଆନ୍ଦୋଳାୟିତ କରି ପକାଉଥାଏ। ପିଲାଦିନର ସ୍ମୃତି ମଧରେ ମା'ର ମମତା, ନାନୀର ସ୍ନେହ, ଶ୍ରଦ୍ଧା ଯୋଡିହୋଇ ରହିଛି। ସ୍କୁଲ ଯିବାକୁ ପ୍ରସ୍ତୁତ ହେବାବେଳେ ନାନୀ ହାତ ତିଆରି ମନ ପସନ୍ଦ ଟିଫିନ, ହୋମୱାର୍କ, ଗାଧୋଇଦେବା, ପାଣିଦେହକୁ ତଉଲିଆରେ ପୋଛି ଦେବା ଏମିତିକି ତା'ର ସବୁକିଛି ତ କରିଦେଉଥିଲା ନାନୀ। ବାସ ! ତା'ର କୋଠର ରୂପ ସେଇବେଳେ ବାହାରେ ଯେତେବେଳେ ସେ ସ୍କୁଲ ଯିବାପାଇଁ ଅନିଚ୍ଛାକୃତ ଭେଳିକି ଦେଖାଏ। ସେତେବେଳେ ସେ ପୂରା ମାଷ୍ଟରାଣୀ ଭଳି ରୁକ୍ଷ ହୋଇଯାଏ। ପ୍ରତାପର କିଛି ବି ଅଭିଯୋଗ ଶୁଣେନାହିଁ। ୧୦ ବର୍ଷ ଛୋଟ ସେ ତା' ନାନୀଠାରୁ। କିନ୍ତୁ ତା' ପାଇଁ ମା' ଥିଲା। ନାନୀ ସ୍ନେହର ଛାଇରେ ବଡ଼ ହୋଇଛି ସେ। କେବେ ତା' ବିନା ଗୋଟିଏ ଦିନ ରହିପାରୁ ନଥିବା ପ୍ରତାପକୁ କଣ ଜଣାଥିଲା ଦିନେ ଦୁହିଁଙ୍କ ମଧରେ ମାଇଲ ମାଇଲ ଦୂରତା ହୋଇଯିବ ?

ଉଠ, ପ୍ରତାପ ଷ୍ଟେସନ ଆସୁଛି।

ଅଞ୍ଜଳୀର ଡାକରେ ପ୍ରତାପର ନିଦ ଭାଙ୍ଗିଗଲା। ଆରେ ଆଉଟିକେ ଆଗରୁ ଉଠେଇଲନି କାହିଁକି ? କୋଉ ଷ୍ଟେସନ ଆସୁଛି ? ପ୍ରତାପ ଚକିତ ମୁଦ୍ରାରେ ଏସି କମ୍ପାର୍ଟମେଣ୍ଟ ଝରକାର ପର୍ଦ୍ଦା ଉଠେଇ ବାହାରକୁ ଦେଖିବାର ପ୍ରୟାସ କରୁଥାଏ।

ବ୍ୟସ୍ତ ହୁଅନି ଷ୍ଟେସନ ଆସିବାକୁ ଆହୁରି ୧୦ ମିନିଟ ଅଛି। ତୁମେ ଲଗେଜ ଏରେଞ୍ଜ କରିନିଅ ମୁଁ ପ୍ରଗତିକୁ ଫ୍ରେସ କରିଦେଉଛି।

ଗାଡିରୁ ଓହ୍ଲେଇବା ମାତ୍ରେ ଭିଣୋଇ ବାବୁଙ୍କର ଫୋନ ଆସିଲା- କୋଉଠି ପହଞ୍ଚିଲ ଶ୍ୟାଳକ ବାବୁ ?

ଗାଡିରୁ ଓହ୍ଲେଇଲୁଣି ଭାଇ ତୁମେ ଆଦୌ ବ୍ୟସ୍ତ ହୁଅନି ଆମେ ଅଟୋରେ ଚାଲିଯିବୁ।

ଠିକଅଛି, ନୂଆ ଘରର ଲୋକେସନ ସେଣ୍ଡ କରିଦେଇଛି, ଅସୁବିଧା ହେଲେ ଫୋନ କରିବୁ।

୩୦ ମିନିଟ ଲାଗିଲା ନାନୀ ଘରେ ପହଞ୍ଚିବାକୁ। ରାସ୍ତାସାରା ପ୍ରତାପ ନିଜ ସ୍ମୃତିରେ ନାନୀ ଘର ଗାଁ ନବରଙ୍ଗପୁରକୁ ଖୋଜୁଥାଏ। କିନ୍ତୁ ଆଧୁନିକତାର ପ୍ରତିସ୍ୱର୍ଦ୍ଧାରେ ସବୁ ଯେମିତି ଧୂଆଁଳିଆ ଦେଖାଯାଉଥାଏ ତାକୁ। ସହରୀକରଣର ଦାନବ ପୁରୁଣାକୁ ଗିଳି ନୂତନତାରେ ସଜେଇ ଦେଇଛି।

ନାନୀ ଭଡା ଘର ଛାଡ଼ି ଟୁ ବିଏଚକେର ସୁନ୍ଦର ଫ୍ଲାଟ ନେଇଛି। ଘରେ ପଶିବା ମାତ୍ରେ ଦୁଇ ଭଣଜା ତା' ଗୋଡ଼ ତଳେ ପଡି ପ୍ରଣାମ କଲେ। ନାନୀ ତା' ପାଖକୁ ଆସୁଥାଏ। ନାନୀକୁ ଦେଖି ପ୍ରତାପର ପାଦ ଯେମିତି ବରଫ ପାଲଟି ଯାଉଥାଏ। ଚାପି ରଖିଥିବା ଲୁହ ହସର ବନ୍ଧକୁ ହଠାତ ଭାଙ୍ଗିଦେଲା। ନାନୀକୁ ଜଡାଇ ଧରି ପିଲାଙ୍କ ଭଳି କାନ୍ଦି ଉଠିଲା ସେ।

ତାପରେ ରହିବା ଖାଇବା ସବୁ ବ୍ୟବସ୍ଥିତ ଭାବେ ଚାଲିଲା। ୨-୩ ଦିନ ଯିବା ପରେ ପ୍ରତାପର ମନ ବିରକ୍ତ ହେବା ଭଳି ଅନୁଭୂତ ହେଲା। ସବୁକିଛି ବ୍ୟବସ୍ଥିତ ହେବା ପରେ ବି କିଛି ମିସିଙ୍ଗ ଭଳି ଲାଗୁଥାଏ ତାକୁ। ପୂର୍ବରୁ ଯେଉଁ ଅଧିକାର ନେଇ ସେ ତା' ନାନୀ ଘରେ ରହୁଥିଲା ଏବେ କିନ୍ତୁ ତାହା ଅତିଥି ଭଳି ମନେ ହେଉଛି। ଶଂକୋଚ ନକରି ସେ ତା ଭାଇ(ଭିଣୋଇ)ର ଲୁଗା, ଜୁତା ଆଦି ପିନ୍ଧି ପକାଉ ଥିଲା। ସେଦିନ ଗାଧୋଇସାରିବା ପରେ ଭାଇର ଟି ସାର୍ଟ ପିନ୍ଧିବାକୁ ଆଲମାରୀ ଖୋଲିବା ବେଳେ ନାନୀ ମନାକରି କହିଲା- କାଲିର ଟିସାର୍ଟ ପିନ୍ଧିନେ ସେଇଟା ତ ସଫା ଅଛି। ହେଲେ ସେଇଟା ପରା ଅଞ୍ଜଳି ସଫା କରି ସାରିଲାଣି।

ତାହେଲେ ଗୋଟେ କାମ କର ତୁ ଯେଉଁଟି ସାର୍ଟ ଅମନ(ପୁଅ)ପାଇଁ ଆଣିଥିଲୁ ସେଇଟା ପିନ୍ଧିପକା। କିଛି ନୂଆ ଲୁଗା କେହି ଦେଲେ ତାର ସବୁବେଳେ ଗୁଣ ବାହାରେ। ଏ ବ୍ରାଣ୍ଡ ପିନ୍ଧିବି, ସେ ବ୍ରାଣ୍ଡ ପିନ୍ଧିବି କେତେ କେତେ ବ୍ରାଣ୍ଡର ହିସାବ କରେ। କହ ସେଇଟା ଆଲମାରୀରୁ ବାହାର କରିଦେବି ?

ନା ନାନୀ ମୁଁ ଆଉକିଛି ଏଟାଚିରୁ ବାହାର କରି ପିନ୍ଧିନେବି। ଏଇ ପଦିଏ କଥା କହୁଥିବା ବେଳେ ତା ମନର ଭାବ ଭାଙ୍ଗି ପଡୁଥାଏ। ଏଟାଚି ଖୋଲି ଲୁଗା ଖୋଜୁଥିବା ବେଳେ ତା' ଆଖି ଛଳ ଛଳ ହେଉଥାଏ। ମନ ଭାଙ୍ଗିଯିବାର ଶବ୍ଦ ସିନା ଶୁଣି ହୁଏନି ହେଲେ ଭିତରେ ଭିତରେ କିଛି ତ ଭାଙ୍ଗିଥାଏ। ନାନୀ ସହିତ ସମ୍ପର୍କ ଶୁଷ୍କ ହୋଇଯାଇଛି କେବଳ ଯାହା ବଞ୍ଚି ରହିଛି ଔପଚାରିକତା। ପ୍ରତାପ ଏବେ ତା' ନାନୀ ଘରର ଦୂରତା ଠିକ ମାପି ନେଇଛି ହେଲେ ସମ୍ପର୍କର ଦୂରତାକୁ ମାପି ପାରି ନଥିଲା। ତାକୁ ଜଣାଯାଉଥାଏ ଯେମିତି ଏକ ମରୁଭୂମିରେ ଠିଆ ହୋଇଛି। ଯେଉଁଠି ନୀରବତାର ନାଗଫଣି ତା' ଭାବନାର ପ୍ରତିଟି ଭବକୁ ଫୋଡି ଲହୁଲୁହାଣ କରି ପକାଉଛି।

ରାତିରେ ସମସ୍ତେ ଶୋଇଯାଇଥାନ୍ତି କିନ୍ତୁ ପ୍ରତାପ ଫେରିବା ପାଇଁ ନେଟରେ ଟିକେଟ ବୁକ କରିନେଲା। ସକାଳେ ଜଳଖିଆ ଖାଇବା ବେଳେ କହିଲା- ନାନୀ ! ଆମେ ଆଜି ରାତି ଟ୍ରେନରେ ଫେରିଯିବୁ।

ଟିକେଟ ବୁକ କରିଦେଇଛି। ପ୍ରତାପର ଫେରିବା କଥା ଶୁଣି ସମସ୍ତେ ଚକିତ।

ଆରେ ଆଜି କାହିଁକି ତୁ ପରା ସପ୍ତାହ ପରେ ଯିବୁ ବୋଲି ଟିକେଟ କରିଥିଲୁ। ପରଟା ଦେବାବେଳେ ତା' ନାନୀ କହିଲା।

ଜରୁରୀ କାମ ପଡିଗଲା। ଅଫିସର ଛୁଟି କେନସେଲ କରିଦେଇଛି।


ସେଇଦିନ ରାତିରେ ପ୍ରତାପ, ଅଞ୍ଜଳି ଓ ପ୍ରଗତି ଫେରିବା ପାଇଁ ବିଦାୟ ନେଉଥାନ୍ତି। ଲୁହକୁ ଲୁଚେଇ ଶେଷଥର ପାଇଁ ପ୍ରତାପ ତା ନାନୀ ଘର ଓ ନାନୀକୁ ଆଖି ପୂରେଇ ଦେଖିନେଉଥାଏ।

# ଦାୟାଦ




## ରଜନୀକାନ୍ତି ମିଶ୍ର

ଆଳି, କେନ୍ଦ୍ରାପଡା

ସଦାଶିବ ବାବୁଙ୍କର ମନେ ପଡିଲା ସେଦିନର କଥା ଯେଉଁଦିନ ସାନବୋହୂ ଉପସ୍ଥିତିରେ ବଡବୋହୂ ଶାଶୁଙ୍କର ଗହଣା ସବୁକୁ ଭାଗ କରି ସେମାନଙ୍କୁ ଦେଇ ଦେବାପାଇଁ ଯେମିତି ବାଧ କରିଥିଲା ତାଙ୍କୁ। ସେଦିନ ଥିଲା ସୁଲକ୍ଷଣା ଇହଧାମ ଛାଡିବାର ଦ୍ୱାଦଶ ଦିବସ। ବନ୍ଧୁ ବାନ୍ଧବମାନେ ବିଦାୟ ନେଇ ଯିବା ପରେ ପରେ ଦୁଇ ପୁଅ ଆସିଥିଲେ କହିବାକୁ ଯେ ସେମାନେ ମଧ ଆସନ୍ତାକାଲି ସକାଳୁ ବାହାରି ଯିବେ ବୋଲି। ବୋହୂ ଦୁହେଁ ସାଙ୍ଗରେ ଆସିଥିଲେ ଯେମିତି ସମୟ ଆଉ ସୁଯୋଗର ଉଚିତ୍ ବ୍ୟବହାର କରିବା ପାଇଁ। ବଡବୋହୂ କହିଥିଲା -'ବୋଉ ତ ଆଉ ନାହାନ୍ତି । ବୋହୂ ହିସାବରେ ତାଙ୍କର ଗହଣା ସବୁ ଆମର ପ୍ରାପ୍ୟ। କେଉଁଠି ରଖିଛନ୍ତି ସେସବୁ ବାପା ? 'ସେ ଟିକେ ଥତମତ ହୋଇ ମନର କଥା କହି ଆସିଲା ବେଳକୁ ସାନବୋହୂ ଅଚାନକ ଯୋଡିଥିଲା ପଦେ -'କେଜାଣି , ବୋଉଙ୍କ ବଦଳରେ ବାପା ଯଦି ଆଉ କାହାକୁ ଠିକ୍ କରି ଆମ ଶାଶୁ କରି ଘରକୁ ନେଇ ଆସିବେ ବୋଲି ମନସ୍ଥ କରିଥିବେ ! 'କଟା ଘା' ରେ ଚୂନ ଲେସିଲା ଭଳି ଲାଗୁଥିଲା ତାଙ୍କୁ। ଓଃ କି ଅସହ୍ୟ ସେ କଟୁକ୍ତି ! ଯେମିତି ଭାଙ୍ଗିରୁଜି ପଡୁଥିଲେ ନିଜ ଭିତରେ। ପୁଅ ଦୁହେଁ ସେମିତି ଚୁପ୍ ହୋଇ ଠିଆ ହୋଇଥାନ୍ତି। ସଦାଶିବ ବାବୁ କହିବାକୁ ଚାହିଁ ବି ଆଉ କହି ପାରିଲେନି ଯେ ସୁଲକ୍ଷଣା ଶେଷ ଇଚ୍ଛାରେ ତାଙ୍କର ଗହଣା ସବୁକୁ କେବଳ ଝିଅକୁ ଦେବା ଲାଗି କହି ଯାଇଛନ୍ତି ବୋଲି। କେବଳ ଏତିକି କହିଲେ- ' ତୁମେ ମାନେ ଏବେ ଯାଅ। ରାତି ବହୁତ ହେଲାଣି। 'ହେଲେ ସେଇ ରାତିରେ ତାଙ୍କର ସବୁ ଦ୍ୱନ୍ଦର ସମାଧାନ କରି ଦେଇଥିଲା ସ୍ୱାତୀ। ସୁଲକ୍ଷଣା ଚାଲିଗଲେ ସିନା, ହେଲେ ତାଙ୍କ ପ୍ରତିରୂପ ଏଇ ଝିଅଟିକୁ ନିଜର ସନ୍ତକ ରୂପେ ଛାଡି ଯାଇଛନ୍ତି ତାଙ୍କ ପାଖରେ । ସକାଳକୁ ପୁଅ ବୋହୂମାନେ ଘରୁ ବାହାରିଲା ବେଳକୁ ଉତୁରି ଆସୁଥିବା କୋହ ସବୁକୁ ଛାତି ଭିତରେ ଜାବୁଡି ଧରି , ସେମାନଙ୍କ ହାତକୁ ଗହଣା ସବୁ ବଢାଇ ଦେଇଥିଲେ ସଦାଶିବ ବାବୁ।

ତା' ପରଠୁ ପୁଅ ଦୁହେଁ ଥରଟିଏ ହେଲେ ବି ବାପାଙ୍କ ଭଲମନ୍ଦ କଥା ପଚାରିବାକୁ ଆସିଲେ ନାହିଁ। ବାଧ୍ୟ ହୋଇ ତାଙ୍କର ଜଣେ ବନ୍ଧୁ ଓକିଲଙ୍କ ଦ୍ୱାରା ଚେତେଇ ଦେବାକୁ ଚେଷ୍ଟା କଲେ ସଦାଶିବ ବାବୁ। ତା ପରଠୁ ଘରର ଯାବତୀୟ କାମ କରି ନାତି ନାତୁଣୀ ମୁହଁକୁ ଚାହିଁ ସେ ପୁଅ ମାନଙ୍କ ପାଖରେ ପଡି ରହୁଥଲେ ଯାହା। ହେଲେ ଦେହ ଅବଶ ହେଲା ପରେ ବୋହୂ ମାନେ ସଫାସଫା ମନା କରିଦେଲେ ଏବେ ଆଉ ରୋଗିଣା ବୁଢ଼ାକୁ ସେମାନଙ୍କ ଘରେ ରଖିବା ପାଇଁ। ଦୁଇ ପୁଅ ପାଳିକରି ରଖୁଥିବା ବାପାଙ୍କୁ ଏଥର ବୃଦ୍ଧାଶ୍ରମରେ ନେଇ ରଖିବାକୁ ମନସ୍ଥ କଲେ। ଏ ଖବର ପାଇବା ପରେ ଝିଅ ସ୍ୱାତୀ ଆସି ପ୍ରଥମ ଥର ପାଇଁ ଭାଇ ମାନଙ୍କୁ ବିରୋଧ କଲା। ସେମାନେ କରୁଥିବା ଭୁଲ୍ ଏବଂ ଅମଣିଷ ପଣିଆକୁ ଭଗବାନ କ୍ଷମା ଦେବେ ନାହିଁ ବୋଲି ବୁଝାଇବାକୁ ଚେଷ୍ଟା କଲା । ହେଲେ ଭାଇ ଦୁହେଁ ଯେମିତି ସେମାନଙ୍କ ନିଷ୍ପତ୍ତିରେ ଥିଲେ ଅଟଳ... !

ଠିକ୍ ସେଇଦିନଠାରୁ ସେ ସାରା ଜୀବନ ହତାଦର କରି ଆସିଥିବା ଏଇ ଝିଅଟା ତାଙ୍କୁ ସାହା ହୋଇଛି। ଶାଶୁ ଶ୍ୱଶୁର ଏବଂ ସ୍ୱାମୀଙ୍କ ସହିତ ଆଲୋଚନା କରି ତାଙ୍କୁ ନେଇ ଆସିଛି ପାଖକୁ। ଯେମିତି ତାଙ୍କର ମାଆ ପାଲଟି ଯାଇଛି। -'ବାପା, କ'ଣ ସ୍ୱପ୍ନ ଦେଖୁଥିଲ କି ?' ରୋଷେଇ ଘରୁ ଦଉଡ଼ି ଆସି ମଥାରେ ହାତ ବୁଲେଇ ପଚାରିଲା ସ୍ୱାତୀ। ବାପାଙ୍କ ଆଖି କୋଣରେ ଲୁଚିଥିବା ଲୁହର ଭାଷାକୁ ଠିକ୍ ପଢି ପାରିଲା ଝିଅ। -'ବାପା, ମନ ଦୁଃଖ କରନି। ଭାଇ ମାନେ ଦିନେ ନା ଦିନେ ସେମାନଙ୍କ ଭୁଲ୍ ବୁଝିବେ।' ଏତିକି କଥାରେ ସଦାଶିବ ବାବୁଙ୍କ ଆଖିରୁ ଲୁହ ଅମାନିଆ ହୋଇ ଧାର ଧାର ହୋଇ ଖସି ପଡିଲେ। ସେ ପ୍ରକୃତରେ ପିଲାଦିନୁ ଝିଅ ପ୍ରତି କରିଥିବା ଅବିଚାର କଥା ଚିନ୍ତା କରି ମ୍ରିୟମାଣ ଥିଲେ। ସଦାଶିବ ବାବୁ ଆଜି ଏକ ପ୍ରକାର ଶଯ୍ୟାଶାୟୀ। ପୁରୁଣା କଥା ସବୁ କେବେ କେବେ ଏକାନ୍ତରେ ଏମିତି ମନେପଡେ ତାଙ୍କର।

ମନେ ପଡିଲା ପୁଣି ଏଇ ସାନ ଝିଅଟି କେମିତି ନିଜ ଇଚ୍ଛାକୁ ଶିକୁଳିରେ ବାନ୍ଧି ରଖେ ପିଲାଦିନରୁ। କୌଣସି ଭଲ ଜିନିଷ ଘରକୁ ଆସିଲେ ବଡ଼ ଦୁଇ ଭାଇ ସେମାନଙ୍କ ହକ୍ ଆଗ ଜମେଇବାକୁ ଚେଷ୍ଟା କରନ୍ତି। ସେ ନୂଆ କଲମଟିଏ ହେଉ ଅବା କିଛି ଖାଇବା ଜିନିଷ। ହେଲେ କାହିଁକି କେଜାଣି ନିଜ ଭିତରେ ସାଙ୍କୁଡି ହୋଇଯାଏ ଝିଅଟା। ସେ ବୋଧହୁଏ ମନେ ମନେ ଖୋଜେ ବାପା କିମ୍ବା ମାଆଙ୍କର ବଡଭାଇ ମାନଙ୍କୁ ଆକଟ କରିବାର ମାନସିକତା। ସେତକ ସେ ପାଏନା କାହାରିଠୁ। ହଁ ବେଳେ ବେଳେ ପୁଅମାନଙ୍କ ଠାରୁ ଏକମାତ୍ର ଝିଅ ପ୍ରତି ସହୃଦୟତା ଉଧାର ମାଗନ୍ତି ସୁଲକ୍ଷଣା। କାଳେ ସେମାନଙ୍କ ଦୟାରେ ଝିଅକୁ କିଛି ଖୁସି ପ୍ରାପ୍ତି ହେବ !

ପାଠପଢାରେ ବି ତଦ୍ରୁପ। ଚତୁର୍ଥ ଶ୍ରେଣୀ କର୍ମଚାରୀ ସଦାଶିବ ଯେତେ ଚେଷ୍ଟା କଲେ ବି ସୁରୁଖୁରୁରେ ଚଳାଇ ପାରନ୍ତିନି ନିଜର ପୁରା ପରିବାରକୁ ! ବୃଦ୍ଧ ଅବସ୍ଥାରେ ଉପନୀତ ହୋଇ ସାରିଥିବା ବାପା ମା'ଙ୍କ କଥା ବୁଝି ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷାଦାନ ଦେବା କ'ଣ କମ୍ କଷ୍ଟ କି ! ତେଣୁ ଝିଅ ପାଇଁ ଟିୟୁସନ ମନା। ଝିଅ ପାଇଁ ଭଲ ସ୍କୁଲ ମନା। ଝିଅ ପାଇଁ ସବୁ ସବୁ କାଣ୍ଟ ଛାଣ୍ଟ । ଝିଅଟା ବି ଠିକ୍ ତା ମାଆ ପରି। କୌଣସି ଜିନିଷରେ ଆପତ୍ତି ଅଭିଯୋଗ ଉଠାଇବନି। ମନର ଭାବକୁ ଖୁବ୍ ଲୁଚାଇ ରଖିପାରେ ସେ । ହେଲେ ସୁଗୁଣା ସମ୍ପନ୍ନା ଝିଅକୁ ବୋହୂ କରିନେଲେ ସଦାଶିବ ବାବୁଙ୍କ ବାଲ୍ୟବନ୍ଧୁ ପ୍ରଭାତ ବାବୁ । ବିନା ଯୌତୁକରେ ସୌରଭ ଭଳି ଜୋଇଁଟିଏ ପାଇବା ଭାଗ୍ୟରେ ଥିଲେ ମିଳେ।

ଝିଅ ପ୍ରତି ସଦା ପାତର ଅନ୍ତର କରି ଆସିଥିବା ବାପା ଆଜି ତାରି ସେବା ଯତ୍ନରେ ବଞ୍ଚି ରହିଛନ୍ତି ଯାହା। ଝିଅ ପାଖରେ ଯାଇ ରହିବାକୁ ତାଙ୍କୁ ମାଡି ପଡୁଥିଲା। ଶେଷରେ ସେ ନିଜର ଚିହ୍ନା ଓକିଲ ଡକାଇ ଘରଟିକୁ ଝିଅ ନାଁରେ ଉଇଲ କରିଦେଲେ । ଯଦିଓ ଝିଅ ଏମିତି କରିବା ଠିକ୍ ନୁହେଁ ବୋଲି ବାପାଙ୍କୁ ବୁଝେଇବାକୁ ବହୁତ ଚେଷ୍ଟା କରିଥିଲା । 'ପୁଅ ମାନେ ତ ଘରକୁ ଆସୁ ନାହାଁନ୍ତି, ତେବେ ସେମାନଙ୍କର କି କାମରେ ଲାଗିବ ସେ ସମ୍ପତ୍ତି ?'-ମନେ ମନେ ତର୍ଜମା କଲେ ବୋଧହୁଏ ସଦାଶିବ ବାବୁ। ହେଲେ ଏସବୁ ବିକ୍ରି କରି ଦୁଇ ଭାଇ ନିଜ ଭିତରେ ଅଧା ଅଧା ଟଙ୍କା ବାଣ୍ଟି ନେବାର ମସୁଧା ଧୂଳିସାତ ହେଲା। ସବୁ ହାତେଇବ ବୋଲି ଭଉଣୀ ବାପାଙ୍କୁ ନେଇ ରଖିଛି ବୋଲି ଭାଇ ଦୁହେଁ କହି ବୁଲିଲେ ପ୍ରିୟଜନ ମାନଙ୍କ ଆଗରେ। ସବୁ ଶୁଣି ମଧ ସଦାଶିବ ବାବୁ ଥିଲେ ନିରୁତ୍ତର, ଅବିଚଳ।


ସମୟ ତାଙ୍କର ଶେଷ ହୋଇ ଯାଇଛି ବୋଲି ଅନୁଭବ କରି ତାଙ୍କର ଏକମାତ୍ର ଝିଅ ହିଁ ମୁଖାଗ୍ନି ଦେବ ଏବଂ ସବୁ କ୍ରିୟା କର୍ମ କରିବ ବୋଲି ନିଜର ଶେଷ ଇଚ୍ଛା ବ୍ୟକ୍ତ କଲେ ସଦାଶିବ ବାବୁ। ସମସ୍ତେ ଆଶ୍ଚର୍ଯ୍ୟ ଏ ପ୍ରକାର ନିଷ୍ପତ୍ତିରେ। ସତକୁ ସତ ଅଳ୍ପ କିଛି ଦିନ ପରେ ହୃଦଘାତରେ ପରଲୋକ ଗମନ କଲେ ସଦାଶିବ ବାବୁ। ଭଉଣୀ ବିକଳ ହୋଇ ଯେତେ କହିଲେ ବି ଭାଇ ମାନଙ୍କ ହୃଦୟ ତରଳିଲା ନାହିଁ। ନିଜର କର୍ତ୍ତବ୍ୟ ମନେ କରି ଝିଅ ଜୋଇଁ ଦୁହେଁ ଯଥାବିଧି କ୍ରିୟାକର୍ମ କଲେ। ବିଧି ରଖିବାକୁ ଦୁଇ ପୁଅ ଅବଶ୍ୟ ଉପସ୍ଥିତ ହେଲେ ଦଶଦିନ ତୁଠରେ। ପରଦିନ ଫେରିବା ବେଳକୁ ଭଉଣୀ ସମସ୍ତ ସମ୍ପତ୍ତିର କାଗଜପତ୍ର ଧରାଇଦେଲା ଦୁଇ ଭାଇଙ୍କୁ।

ସାନ ଭଉଣୀ ଯେ ତା ନାଁରେ ବାପା କରିଥିବା ସମ୍ପତ୍ତିକୁ ସେମାନଙ୍କୁ ଅକାତରେ ଯାଚିଦେବ ବିଶ୍ୱାସ କରି ପାରୁନଥିଲେ ଦୁଇ ଭାଇ। ଛୋଟ ଭଉଣୀର ଉଦାରତା ପାଖରେ ସେମାନେ ଛୋଟ ହୋଇଯାଇଥିଲେ । ସବୁ ପ୍ରିୟଜନଙ୍କ ଆଗରେ ଲାଜରେ ମୁହଁ ଟେକି ଚାହିଁବାକୁ ସାହସ ଜୁଟେଇ ପାରୁନଥିଲେ । ସତେକି ପଶ୍ଚାତାପର ଅଗ୍ନିରେ ପୋଡି ଜଳି ଭସ୍ମୀଭୂତ ହୋଇ ଯାଉଥିଲା ସେମାନଙ୍କ ଅବିବେକୀପଣିଆ। ବଂଶର ଉପଯୁକ୍ତ ଦାୟାଦ ଯେ ପ୍ରକୃତରେ ସେମାନେ ନୁହନ୍ତି ମର୍ମେ ମର୍ମେ ଅନୁଭବ କରୁଥିଲେ ।

# ହୃଦୟର କଥା




## ସୁନନ୍ଦା ମହାନ୍ତି


ଶେଷ ସମୟ ଉପସ୍ଥିତ ବାବୁଙ୍କର, ସ୍ତ୍ରୀ ଚାଲିଯାଇଛନ୍ତି ବହୁ ଦିନ ଆଗରୁ, ହେଲେ ଆଜି ଶେଷ ସମୟର ଭାବନାରେ ସ୍ତ୍ରୀ ମନେ ନପଡ଼ି , ମନେ ପଡୁଛି ହୁଣ୍ଡା, ଯାହାକୁ ପ୍ରତିଦିନ ଚିକେନ ଦେଇ, ଠିକ୍ ଠାକ୍ ଇଞ୍ଜେକସନ ଦେଇ ଗାଧୁଆ ପାଧୁଆ କରେଇ ଡଉଲ ଡାଉଲ କରି ରଖିଥିଲେ ବି ତାକୁ ଶେଷରେ ଛାଡ଼ିଦେଇଥିଲେ ଜଟଣୀ ରେଲୱେ ଷ୍ଟେସନରେ। ତାର ଦୋଷ କିଛି ନଥିଲା, କିନ୍ତୁ ତା ନାମରେ ମିଛ ଅଭିଯୋଗ ବହୁତ ଥିଲା, ସେ ବହୁତ ଲୋକଙ୍କୁ କାମୁଡୁଥିବା ଅଭିଯୋଗ କରି କୁକୁର କାମୁଡ଼ା ପ୍ରତିଷେଧକ ଇଞ୍ଜେକସନ ନେବାକୁ ଲୋକେ ଜିଦ୍ କରି ପଇସା ମାଗି ନେଉଥିଲେ, ବୁଲୁ ବାବୁଙ୍କଠୁ, କୁକୁରକୁ ଇଞ୍ଜେକସନ ଦିଆଯାଇଛି ବୋଲି ବିଶ୍ୱାସ କରୁନଥିଲେ କେହି, କହୁଥିଲେ, ତୁମ କୁକୁର କାମୁଡିଛି ମାନେ ଆମକୁ ପ୍ରତିଷେଧକ ଇଞ୍ଜେକସନ ଦେବାକୁ, ପଇସା ହିଁ ଦେବାକୁ ପଡିବ। କେତେ କାହାକୁ ଦେବେ !

କୁକୁର ପ୍ରକୃତରେ କାମୁଡ଼ିଛି କି ନାହିଁ, ପ୍ରମାଣ ନଥିଲା, ଘରେ ମଧ ହୁଣ୍ଡାକୁ ବାନ୍ଧି ରଖିବା ସମ୍ଭବ ହେଉନଥିଲା। ତା ଦାନ୍ତ ଭାଙ୍ଗି ତାକୁ ଘରେ ରଖିବା କଥା ମଧ ସମ୍ଭବ ବାହାରେ ଥିଲା ତ ଶେଷରେ ଛାଡ଼ିଦେବା ଯୋଜନା ପକ୍କା ହେଲା। ମାୟା, ମମତା ବନ୍ଧନ ଡୋର ଛିଣ୍ଡେଇ, କୌଣସିମତେ ଛାଡ଼ିଦିଆଗଲା ଟ୍ରେନରେ ନେଇ ଜଟଣୀ ପ୍ଲାଟଫର୍ମରେ ଓହ୍ଲେଇ, ତା ଅଗୋଚରରେ ଖସି ଆସିଲେ ସିନା ବୁଲୁ ବାବୁ, ହେଲେ ତା ପରର ଅବସ୍ଥା ବର୍ଣ୍ଣନା କରିବା ଅସମ୍ଭବ। ପିଲା ଦୁଇ ଓ ସ୍ତ୍ରୀ ତଥା ନିଜେ ଅଖିଆ ଅପିଆ ହୋଇ ଖୋଜି ଲାଗିଲେ ଜଟଣୀ ଷ୍ଟେସନ ଯାଇ ବାରମ୍ବାର।

ସେଦିନ ସନ୍ତୋଷ ବାବୁ ଖବର ଦେଲେ ହୁଣ୍ଡାକୁ ସେ ଦେଖିଛନ୍ତି ତିନି ନମ୍ବର ପ୍ଲାଟଫର୍ମରେ, ବିଶ୍ୱାସ, ଭରସା, ମାୟା ମମତା ଜାଲରେ ଛନ୍ଦି ହୋଇ, ବୁଲୁ ବାବୁ ନିର୍ଦ୍ଦିଷ୍ଟ ଦିନ ଓ ସମୟ ବୁଝି ପହଁଚିଗଲେ ତିନି ନମ୍ବର ପ୍ଲାଟଫର୍ମରେ, ଆଉ ସତକୁ ସତ ହୁଣ୍ଡା ଶୋଇଥିଲା ପାନଦୋକାନ କରିଥିବା ପିଲାଟିର କ୍ୟାବିନକୁ ଲାଗି, ବୁଲି ଚାହିଁଲା ବୁଲୁ ବାବୁଙ୍କୁ, ଉଠି ଆସିଲା ପାଖକୁ, ବୋହିଯାଉଥିବା ଲୁହ ସହ ଚାଟିଲା ଢେର୍ ସମୟ ବୁଲୁ ବାବୁଙ୍କୁ, ବୁଲୁ ବାବୁ ଢେର ସମୟ ଗେଲ କଲା ପରେ, ଘରୁ ଆଣିଥିବା ମାଛ ଭଜା ଦୁଇ ପିସ୍ ପକେଇଲେ ତା ପାଖରେ, ନଖାଇ ଚାହିଁଲା, ପାନଦୋକାନୀ ଭାଇଙ୍କୁ, ସତେ ଯେମିତି ଆଦେଶକୁ ଅପେକ୍ଷା କରୁଥିଲା, ଏ ଭିତରେ ବୁଲୁବାବୁ ସବୁ କହିସାରିଥିଲେ ପାନ ଦୋକାନୀ ଭାଇଙ୍କୁ, ଖା ଖା, ଆଦେଶ ପାଇସାରିବା ପରେ ବୁଲୁବାବୁଙ୍କୁ କରୁଣ ଦୃଷ୍ଟିରେ ଚାହିଁ ଖାଇଲା, କିନ୍ତୁ ଟ୍ରେନ ଆସିବା ସମୟରେ ଯେତେ ଡାକିଲେ ଖଣ୍ଡେ ବାଟ ଆସି, ଫେରିଯାଉଥିଲା , ପାନ ଦୋକାନୀ ବିମଳ ଭାଇ କେବିନ୍ ପାଖକୁ।

ବୁଲୁ ବାବୁ ଥରେ ନୁହେଁ ଅନେକ ଥର ରବିବାର ଦେଖି ଯାଆନ୍ତି, ସେଇ ଦୃଶ୍ୟର ପୁନରାବୃତ୍ତି ହୁଏ କିନ୍ତୁ ହୁଣ୍ଡା ଆସେନା କିଛି ସମୟ ଚାହିଁ ଫେରିଯାଇ ଶୋଇପଡେ କ୍ୟାବିନ୍ ଧାରକୁ ଲାଗି। ବିମଳ କଥା ମାନେ, ବିମଳ ଉପରେ ଅଖଣ୍ଡ ବିଶ୍ୱାସ ଥାଏ ହୁଣ୍ଡାର ଦେଖି ଲଜ୍ଜିତ ହୁଅନ୍ତି ବୁଲୁ ବାବୁ। ତଥାପି କୋଉଦିନ ହୁଣ୍ଡାକୁ ଫେରେଇନେଇ ପରିବାରରେ ପୁଣି ଖୁସି ଫେରେଇ ଆଣିବା ଲକ୍ଷ୍ୟରେ ସେଦିନ ଷ୍ଟେସନ ରେ ପହଞ୍ଚି ନା ବିମଳ ପାନଦୋକାନ ନା ହୁଣ୍ଡାକୁ ଦେଖିବାକୁ ପାଇଲେ। ତ ଏପଟ ସେପଟ, ସବୁ ନମ୍ବର ପ୍ଲାଟଫର୍ମ ବୁଲି ଆସିଲେ ବି କୋଉଠି ପାଇଲେ ନାହିଁ ଦୁହିଁଙ୍କୁ, ତ ଆଉ ଜଣେ ଦୋକାନୀ କହିଲେ ବାବୁ ତୁମେ ଗଲା ପରେ ପରେ, ବିମଳର କୁକୁର୍ ପପି ତୁମେ ଯିବା ଟ୍ରେନ ପଛରେ ବହୁତ୍ ବାଟ ଯାଏଁ ହାଲିଆ ହେବା ପର୍ଯ୍ୟନ୍ତ ଦୌଡୁଥାଏ, ଶେଷରେ ସେଇଠିବସି ପଶୁଟା କେତେ ଲୁହ ଗଡାଏ ଆଖିରୁ, ବିମଳ ଯାଇ ପୁଣି ତାକୁ ଆଣେ। ଏମିତି ସବୁଥର ସେ ତୁମେ ଯିବା ଟ୍ରେନ ପଛରେ ଯେ କାହିଁକି ଧାଏଁ ତ ଆମେ ଜାଣିନୁ କିନ୍ତୁ ଏଇ ଶେଷ ଥର ଯୋଉ ରବିବାର ତୁମେ ଆସି ଫେରିଗଲ, ସହି ଟ୍ରେନ ପଛରେ ଧାଉଁ ଧାଉଁ ବିଚରା କୁକୁରଟା ଗୋଡ ଖସି ଟ୍ରେନ ତଳେ ପଡ଼ିଗଲା ବାବୁ, ବିମଳ ତା ପଛେ ପଛେ ଆସି ସେ କରୁଣ ଦୃଶ୍ୟ ଦେଖି ପପିରେ ପପିରେ ବୋଲି କେତେ ମୁଣ୍ଡ କୋଡ଼ି କାନ୍ଦିଲା, ଆଉ କୁଆଡ଼େ ସେ ଗଲା ତା ଦୋକାନ ଭାଙ୍ଗି, ଆମେ କେହି ଜାଣୁନା, ବାବୁ ତୁମେ କାହିଁ କାନ୍ଦୁଛ ? କୁକୁରଟା ତୁମର କି ବାବୁ ?

ସେଦିନ ସେହି ସହୃଦୟ ଦୋକାନୀକୁ କିଛି ଉତ୍ତର ନଦେଇ ଘରେ ପହଞ୍ଚିଥିଲେ ବୁଲୁ ବାବୁ, ତାଙ୍କ ଥମ ଥମ ମୁହଁ ଓ ଭାବ ଗମ୍ଭୀର ଚେହେରା ଦେଖି ପରିବାର ଲୋକ ଆଉ କିଛି ପଚାରିନଥିଲେ ସିନା, ଆଜି ବୃଦ୍ଧାବସ୍ଥାରେ ଅପରେସନ, ଅସଫଳ ପରେ ବୁଲୁ ବାବୁ କିନ୍ତୁ ଭାବୁଥିଲେ ସେହି ହୁଣ୍ଡା କଥା। ପରଜନ୍ମରେ କୁକୁରଟିଏ ହେଲେ ତାଙ୍କ ମାଲିକ ତାଙ୍କୁ ଠିକ୍ ଏହିଭଳି ତ୍ୟାଗ କରିବନି ତ ! ଦୀର୍ଘଶ୍ୱାସ ଶେଷ ନିଶ୍ୱାସରେ ପରିଣତ ହେଲା କି କଣ ବୋଲି ଡାକ୍ତରମାନେ ପରୀକ୍ଷା କରିବାକୁ ଆଗେଇ ଆସୁଥିଲେ ।


+ସାକ୍ଷୀଗୋପାଳ, ପୁରୀ
ମୋ: ୭୦୦୮୯୪୨୨୧୫

# ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ଓଡ଼ିଶାର ସାଧାରଣ ସଭା

ଭୁବନେଶ୍ୱର,୨୪/୦୪ (ନି.ପ୍ର): ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ଓଡ଼ିଶାର ସାଧାରଣ ସଭା ଶିକ୍ଷାବର୍ଷ ୨୦୨୨-୨୩ ନିମନ୍ତେ ସରସ୍ୱତୀ ବିଦ୍ୟାମନ୍ଦିର କେଶବଧାମ୍ ,କଟକଠାରେ ଅନୁଷ୍ଠିତ ହୋଇ ଯାଇଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବ କ୍ଷେତ୍ର କାର୍ଯ୍ୟବାହ ଗୋପାଳ ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସମାଜ ପାଇଁ ପଥ ନିର୍ମାଣକାରୀ ବୋଲି ଅଭିହିତ କରିବା ସହିତ ଆମ କାର୍ଯ୍ୟକ୍ରମ ମାଧ୍ୟମରେ ଭାରତର 'ସ୍ୱ' (ସ୍ୱାଭିମାନ)କୁ ଜାଗ୍ରତ କରାଇବା ପାଇଁ ଆହ୍ୱାନ ଦେଇଥିଲେ । ଶିକ୍ଷା ବିକାଶ ସମିତିର ସଭାପତି ଡଃ କିଶୋର ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ବିଦ୍ୟାଭାରତୀ ପୂର୍ବ କ୍ଷେତ୍ର ସଭାପତି ଡଃ ଲକ୍ଷ୍ମୀକାନ୍ତ ମହାରଣା ଓ ଶିକ୍ଷା ବିକାଶ ସମିତିର ସମ୍ପାଦକ କମଳାକାନ୍ତ ମିଶ୍ର ଅତିଥି ଭାବରେ ଯୋଗଦାନ କରିଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡଃ ପ୍ରଦୀପ କୁମାର ସାହୁ ଦିବଂଗତ ସଂଗଠନର କାର୍ଯ୍ୟକର୍ତ୍ତା,ବୀର ସହିଦ ଓ ସମାଜର ବିଶିଷ୍ଟ ବ୍ୟକ୍ତି ମାନଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ପ୍ରସ୍ତାବ ଆଗତ କରିବା ସହିତ ଏକ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷା ବିକାଶ ସମିତିର ଯୁଗ୍ମ ସମ୍ପାଦକ ଡଃ ତରୁଲତା ଦେବୀ ମଞ୍ଚାସୀନ ଅତିଥି ମାନଙ୍କର ପରିଚୟ ରଖିଥିବା ବେଳେ ଉମେଶ ଦାଶ କ୍ଷେତ୍ରୀୟ ଓ ପ୍ରାଦେଶିକ କାର୍ଯ୍ୟ କର୍ତ୍ତା ମାନଙ୍କର ପରିଚୟ ପ୍ରଦାନ କରିଥିଲେ ।

ଶିକ୍ଷା ବିକାଶ ସମିତି ଓଡ଼ିଶାର ସଂଗଠନ ମନ୍ତ୍ରୀ ରମାକାନ୍ତ ମହାନ୍ତ ସାଧାରଣ ସଭାର ପ୍ରସ୍ତାବନା ଉପସ୍ଥାପନ କରିବା ସମୟରେ ପର୍ଯ୍ୟାବରଣ,ସ୍ୱଚ୍ଛତା,ପ୍ରାଶାସନିକ ରୂପରେଖ, ଭୂମି ଭବନ, ପୋଷ୍ୟଗ୍ରାମ, ପୂର୍ବଛାତ୍ର, କୁଟୁମ୍ବ ପ୍ରବନ୍ଧନ, ଏକଲ ବିଦ୍ୟାଳୟ, ଚାରି ଆୟାମର କାର୍ଯ୍ୟ ବିଶେଷ ଭାବରେ ବିଦ୍ୟାଳୟନ୍ମୁଖି ଓ ସମାଜନ୍ମୁଖି କାର୍ଯ୍ୟକ୍ରମର ବିସ୍ତାର ପାଇଁ ଆଲୋକପାତ କରିଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ ସଂଘର ବରିଷ୍ଠ ପ୍ରଚାରକ ତଥା ପୂର୍ବ କ୍ଷେତ୍ରର ପ୍ରାକ୍ତନ ସଂଗଠନ ମନ୍ତ୍ରୀ ବିଜୟ ଗଣେଶ କୁଲକର୍ଣ୍ଣୀ ଓ ବର୍ତ୍ତମାନର ସଂଗଠନ ମନ୍ତ୍ରୀ ଦିବାକର ଘୋଷ ଉପସ୍ଥିତ ରହିଥିଲେ । ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୧୧୬ଟି ସଂକୁଳର ସଂଯୋଜକ,ପ୍ରମୁଖ, ସମସ୍ତ ଜିଲ୍ଲାର ପ୍ରମୁଖ, ସହପ୍ରମୁଖ,୯ଟି ସମ୍ଭାଗର କାର୍ଯ୍ୟକର୍ତ୍ତା ମୋଟ୍ ୩୦୦ ସଂଖ୍ୟାରେ ଯୋଗଦାନ କରିଛନ୍ତି । ଆସନ୍ତାକାଲି ସମାରୋପ ସମାରୋହ ଅନୁଷ୍ଠିତ ହେବ ।

# ୨୦୩୦ ବେଳକୁ ରାଜ୍ୟରେ ପ୍ରତିବର୍ଷ ବାହାରିବେ ୨୫ଶହ ଡାକ୍ତର

ଭୁବନେଶ୍ୱର,୨୪/୦୪ (ନି.ପ୍ର): ଆଉ କିଛିବର୍ଷ ଭିତରେ ରାଜ୍ୟରେ ଡାକ୍ତରଙ୍କ ଅଭାବ ଦୂର ହେବ। ନିକଟରେ ପୁରୀ ମେଡିକାଲ କଲେଜ ଉଦ୍‌ଘାଟିତ ହୋଇଥିବା ବେଳେ ଆଉ ୫ଟି ମେଡିକାଲ କଲେଜ ଅନୁମୋଦନ ଅପେକ୍ଷାରେ ରହିଛି। ଯଦି ଏସବୁ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହୁଏ, ତାହାଲେ ଆସନ୍ତା ୨୦୩୦ ବେଳକୁ ରାଜ୍ୟରେ ପ୍ରତିବର୍ଷ ପ୍ରାୟ ୨୫ଶହ(ସରକାରୀ, ଘରୋଇ) ଡାକ୍ତର ବାହାରିବେ ବୋଲି ଅନୁମାନ କରାଯାଉଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଆସନ୍ତା ୧୦ବର୍ଷ ଭିତରେ ଭାରତରେ ପ୍ରତିବର୍ଷ ରେକର୍ଡ ସଂଖ୍ୟକ ଡାକ୍ତର ବାହାରିବେ ବୋଲି କହିଥିଲେ। ରାଜ୍ୟରେ ଜିଲ୍ଲାସ୍ତରରେ ଓ ମେଡିକାଲ କଲେଜରେ ବହୁ ଡାକ୍ତରୀ ପଦବି ଖାଲି ପଡ଼ିଛି। ଜିଲ୍ଲାସ୍ତରରେ ୪୨ ପ୍ରତିଶତ ଏହି ପଦବି ଖାଲି ପଡ଼ିଥିବା ଖୋଦ୍ ରାଜ୍ୟ ସରକାର ବିଧାନସଭାରେ ସ୍ୱୀକାର କରିଛନ୍ତି। ଯଦି ଧାର୍ଯ୍ୟ ସମୟ ଭିତରେ ଅନୁମୋଦନ ଅପେକ୍ଷାରେ ଥିବା ମେଡିକାଲ କଲେଜରେ ପାଠପଢ଼ା ଆରମ୍ଭ ହୁଏ ତାହାଲେ ଆସନ୍ତା ୭/୮ବର୍ଷରେ ଡାକ୍ତରଙ୍କ ଅଭାବ ଦୂର ହେବ ବୋଲି ଆଶା କରାଯାଉଛି। ରାଜ୍ୟରେ ସୁନ୍ଦରଗଡ଼, କେନ୍ଦୁଝର, ଭବାନୀପାଟଣା, ଯାଜପୁର ଓ କନ୍ଧମାଳ ମେଡିକାଲ କଲେଜ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। କେନ୍ଦୁଝର, ସୁନ୍ଦରଗଡ଼ ମେଡିକାଲ କଲେଜର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ନିକଟରେ ଜାତୀୟ ମେଡିକାଲ କମିସନ(ଏନ୍‌ଏମ୍‌ସି)ର ଟିମ୍ ଏହାର ନିରୀକ୍ଷଣ କରିଛନ୍ତି। ଅନ୍ୟ ୩ଟି ମେଡିକାଲ କଲେଜର ନିର୍ମାଣ କାର୍ଯ୍ୟ ଆସନ୍ତାବର୍ଷ ମଧ୍ୟଭାଗରେ ଶେଷ ହେବ ବୋଲି ବିଭାଗ ପକ୍ଷରୁ ଲକ୍ଷ୍ୟ ରହିଛି। ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝର, ସୁନ୍ଦରଗଡ଼ ମେଡିକାଲ ଓ ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ୩ଟି ମେଡିକାଲକୁ କାର୍ଯ୍ୟକ୍ଷମ କରାଯିବ। ସେହିପରି ତାଳଚେରଠାରେ ମହାନଦୀ କୋଲ୍ ଫିଲ୍ଡ(ଏମ୍‌ସିଏଲ୍) ସହାୟତାରେ ୧୦୦ ଶଯ୍ୟା ବିଶିଷ୍ଟ ମେଡିକାଲ କଲେଜର ନିର୍ମାଣ ଶେଷ ହୋଇଛି। ମହାନଦୀ ଇନଷ୍ଟିଚ୍ୟୁଟ୍ ଅଫ ମେଡିକାଲ ସାଇନସ ଏଣ୍ଡ ରିସର୍ଚ୍ଚ ସେଣ୍ଟର (ଏମ୍‌ଆଇଏମ୍‌ଏସ୍‌ଆର) ଭାବେ ଏହାର ନାମକରଣ ହୋଇଥିବା ବେଳେ ୨୦୨୦/୨୧ ସୁଦ୍ଧା ଏଥିରେ ନାମଲେଖା ଆରମ୍ଭ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ମାତ୍ର ଏହି ମେଡିକାଲ କଲେଜକୁ କିଏ ପରିଚାଳନା କରିବ ତାହା ସ୍ଥିର ହୋଇପାରୁନାହିଁ।

# ରାଜ୍ୟ ଗ୍ରନ୍ଥାଗାରରେ ବିଶ୍ୱ ପୁସ୍ତକ ଦିବସ ପାଳିତ

ଭୁବନେଶ୍ୱର,୨୪/୦୪ (ନି.ପ୍ର): ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ବିଶ୍ୱ ପୁସ୍ତକ ଓ କପିରାଇଟ ଦିବସ ଆଜି ପୂର୍ବାହ୍ନରେ ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତି ଓ ପ୍ରତିକୃତିରେ ମାଲ୍ୟାର୍ପଣ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗ୍ରନ୍ଥାଗାରିକ ରୁଦ୍ରପ୍ରସାଦ ବେହେରା, କଣ୍ଣମଣି ବିଶ୍ୱାଳ, ବିଦ୍ୟାଧର ପଣ୍ଡା, ନିରଞ୍ଜନ ବେହେରା, ଭଗବାନ ବେହେରା, ଶ୍ୟାମବନ୍ଧୁ ରାଉତ, ଅଭିନ୍ନ ମଲ୍ଲିକ ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟରେ ୧୯୯୫ ମସିହାରୁ ମିଳିତ ଜାତିସଂଘ ତରଫରୁ ବିଶ୍ୱପୁସ୍ତକ ଓ କପିରାଇଟ୍ ଦିବସ ପାଳନ କରାଯାଇଅଛି । ଆଜିର ଦିନରେ ବହୁ ପ୍ରତିଷ୍ଠିତ ଲେଖକ, ପ୍ରକାଶକ, ବିଦ୍ୱାନମାନଙ୍କର ଜନ୍ମଦିନ ଓ ଶ୍ରାଦ୍ଧବାର୍ଷିକୀ ପାଳନ ହେଉଥିବା ହେତୁ ଏହାର ଗୁରୁତ୍ୱ ବୃଦ୍ଧି ପାଇଛି ବୋଲି ମତ ଦେଇ କୋଭିଡ୍ ପରବର୍ତ୍ତୀ ଅବସ୍ଥାରେ ପୁସ୍ତକ ଶିଳ୍ପ ଘୋର ସଂକଟ ମଧ୍ୟ ଦେଇ ଗତି କରୁଅଛି । କୋଭିଡ୍ ସଂକ୍ରମଣ ହେତୁ ବର୍ଷ ବର୍ଷ ଧରି ପାଠାଗାର ଗୁଡ଼ିକ ବନ୍ଦ ହେବା ହେତୁ ପାଠକମାନେ ଇ-ପୁସ୍ତକ, ଖବରକାଗଜ ଓ ପତ୍ରିକା ଅଧ୍ୟୟନ କରଛନ୍ତି । ଯାହାଫଳରେ ମୁଦ୍ରିତ ପୁସ୍ତକ ପ୍ରକାଶନ କ୍ଷେତ୍ରରେ ସଂକଟ ସୃଷ୍ଟି ହୋଇଛି । ମୁଦ୍ରିତ ପୁସ୍ତକ ପଠନ କଲେ ଓ ଜନସାଧାରଣଙ୍କର ପୁସ୍ତକ କ୍ରୟ ମନୋଭାବ ହ୍ରାସ ପାଇଲେ ପୁସ୍ତକ ପ୍ରକାଶନ ଓ ମୁଦ୍ରଣ ଶିଳ୍ପ ଗୁରୁତର ବାଧାପ୍ରାପ୍ତ ହେବ ଏବଂ ପାଠାଗାର ଆନ୍ଦୋଳନରେ ସ୍ଥାଣୁତା ସୃଷ୍ଟି ହେବ ।

# ଚଳିତ ଖରିଫରେ ସମବାୟ ବିଭାଗ ପକ୍ଷରୁ ୯୦୦୦ କୋଟି ଟଙ୍କାର ଋଣ ଯୋଗାଇ ଦିଆଯିବ

ଭୁବନେଶ୍ୱର, ୨୩ ଏପ୍ରିଲ -୨୦୨୨ ଖରିଫ୍ ଫସଲ ନିମନ୍ତେ ସମବାୟ ସଂସ୍ଥା ଜରିଆରେ ୯୦୦୦ କୋଟି ଟଙ୍କାର ଫସଲ ଋଣ ଯୋଗାଇଦେବା ପାଇଁ ଲକ୍ଷ୍ୟ ରଖାଯାଇଛି । ରାଜ୍ୟରେ ମୋଟ ଫସଲ ଋଣର ପ୍ରାୟ ୬୨ ପ୍ରତିଶତ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ, ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଏବଂ ବିଭିନ୍ନ ପ୍ରାଥମିକ କୃଷି ଋଣ ସମବାୟ ସମିତି ମାଧ୍ୟମରେ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଛି। ଖରିଫ ଚାଷ ନିମନ୍ତେ ଚାଷୀମାନେ ଆବଶ୍ୟକ କରୁଥିବା ଋଣ ଯେପରି ଠିକ୍ ସମୟରେ ପାଇପାରିବେ ସେଥି ନିମନ୍ତେ ଆଗୁଆ ପଦକ୍ଷେପ ନେବା ପାଇଁ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ଫସଲ ଋଣ ପ୍ରଦାନ କ୍ଷେତ୍ରରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଅଗ୍ରାଧିକାର ଦେବା ପାଇଁ କୁହାଯାଇଛି । ଭାଗଚାଷୀ, ପ୍ରକୃତ ଚାଷୀମାନଙ୍କୁ ଯୁଗ୍ମଦେୟ ଗୋଷ୍ଠୀ ଗଠନ ମାଧ୍ୟମରେ ଫସଲ ଋଣ ଯୋଗାଇଦେବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଏଥି ସହିତ କୃଷି ଓ ଆନୁଷଙ୍ଗିକ କୃଷି କାର୍ଯ୍ୟ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ, ବିଶେଷ କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପ୍ରାଧାନ୍ୟ ଦେବା ପାଇଁ କୁହାଯାଇଛି। ଡାଲିଜାତୀୟ ଫସଲ, ତୈଳବୀଜ, ଆଳୁ ଏବଂ ଅନ୍ୟ ଅର୍ଥକରୀ ଫସଲ ଚାଷ କରିବା ନିମନ୍ତେ ପ୍ରାଥମିକତା ଭିତିରେ ଫସଲ ଋଣ ଯୋଗାଇଦେବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଉଦ୍ୟାନ କୃଷି ଓ ବାଣିଜ୍ୟିକ ଫସଲ ଚାଷ ନିମନ୍ତେ ଫସଲ ଋଣ ଯୋଗାଇଦେବାକୁ ପ୍ରାଥମିକତା ପ୍ରଦାନ ସହିତ ସ୍ୱତନ୍ତ୍ର ପଦକ୍ଷେପ ନେବା ପାଇଁ ପରାମର୍ଶ ଦିଆଯାଇଛି । ଏହି ମର୍ମରେ ସମବାୟ ବିଭାଗ ସଚିବଙ୍କ ଦ୍ୱାରା ଜିଲ୍ଲାପାଳମାନଙ୍କୁ ପତ୍ର ଲେଖାଯାଇ ସମବାୟ ସଂସ୍ଥାମାନଙ୍କ ଦ୍ୱାରା ଫସଲ ଋଣ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କୁହାଯାଇଛି । ବାଦ ପଡ଼ିଥିବା ଚାଷୀଙ୍କ ମଧ୍ୟରୁ ଅଧିକରୁ ଅଧିକ ଚାଷୀଙ୍କୁ ସମବାୟ ଋଣ ପରିସରଭୁକ୍ତ କରି ସେମାନଙ୍କୁ ନୂତନ କିଷାନ କ୍ରେଡିଟ୍ କାର୍ଡ ଯୋଗାଇଦେବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ, ଡିଆରସିଏସ୍, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଗତ ଖରିଫ ୨୦୨୧ରେ ସମବାୟ ସଂସ୍ଥା ଦ୍ୱାରା ରାଜ୍ୟର ୧୮ ଲକ୍ଷ ୬୧ ହଜାର ୨୦୬ ଜଣ ଚାଷୀଙ୍କୁ ସର୍ବାଧିକ ୮୬୮୬ କୋଟି ୪୦ ଲକ୍ଷ ଟଙ୍କା ଫସଲ ଋଣ ଯୋଗାଇ ଦିଆଯାଇଥିଲା । ସେହିପରି ଗତ ରବି ୨୦୨୧-୨୨ରେ ସମବାୟ ସଂସ୍ଥା ପକ୍ଷରୁ ରେକର୍ଡ ୭୩୬୨ କୋଟି ୪୭ ଲକ୍ଷ ଟଙ୍କା ଫସଲ ଋଣ ଯୋଗାଇ ଦିଆଯାଇଥିଲା।

ସମବାୟ ସଂସ୍ଥା ଜରିଆରେ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଥିବା ଫସଲଋଣ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ବ୍ୟାପକ ରିହାତି ଯୋଗାଇ ଦିଆଯାଉଛି । ଧାର୍ଯ୍ୟ ସମୟସୀମା ମଧ୍ୟରେ ପରିଶୋଧ କରୁଥିବା ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ଉପରେ କୌଣସି ସୁଧ ଦେବାକୁ ପଡୁନାହିଁ । ସେହିପରି ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଓ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ନିମନ୍ତେ ମାତ୍ର ୨ ପ୍ରତିଶତ ସୁଧ ଦେବାକୁ ପଡୁଛି । ଫସଲ ଋଣ କ୍ଷେତ୍ରରେ ସରକାରଙ୍କ ଦ୍ୱାରା ବ୍ୟାପକ ରିହାତି ପ୍ରଦାନ କରାଯାଇଥିବା ପରିପ୍ରେକ୍ଷୀରେ ହିତାଧିକାରୀଙ୍କ ଆଧାର କାର୍ଡକୁ ସେମାନଙ୍କର କିଷାନ କ୍ରେଡିଟ୍ କାର୍ଡ ଏବଂ ବ୍ୟାଙ୍କ ଆକାଉଣ୍ଟ ସହିତ ସଂଯୋଗ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି, ଯେପରି ପ୍ରକୃତ ହିତାଧିକାରୀ ଯୋଜନାର ସୁଫଳ ପାଇପାରିବେ । ଏଥି ସହିତ ମଂଜୁରୀପ୍ରାପ୍ତ ଋଣ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏ ସମସ୍ତ କାର୍ଯ୍ୟ କେବଳ ଅନ୍‌ଲାଇନ୍ ମାଧ୍ୟମରେ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯୋଗାଣ ହେଉଥିବା ଫସଲ ଋଣର ଫଳପ୍ରସୂ ବିନିଯୋଗ ଲକ୍ଷ୍ୟରେ ଚାଷୀମାନଙ୍କୁ ଉନ୍ନତ ମାନର ବିହନ, ସାର ଓ କୀଟନାଶକ ଆଦି ଠିକ୍ ସମୟରେ ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ଖରିଫ୍ ୨୦୨୨ର ଫସଲ ଋଣ ଯୋଗାଣର ସଫଳ ରୂପାୟନ ସହ ତ୍ୱରିତ କାର୍ଯ୍ୟାନ୍ୱୟନ ଦିଗରେ ଜିଲ୍ଲାପାଳମାନେ କୃଷି, ଉଦ୍ୟାନ କୃଷି ଏବଂ ସଂପୃକ୍ତ ବିଭାଗର କ୍ଷେତ୍ର ଅଧିକାରୀଙ୍କ ସହିତ ବୈଠକ କରି ଆଗୁଆ ପଦକ୍ଷେପ ନେବା ପାଇଁ ପରାମର୍ଶ ଦିଆଯାଇଛି, ଯେପରି ରାଜ୍ୟର ଚାଷୀମାନେ ଲାଭାନ୍ୱିତ ହୋଇପାରିବେ ଏବଂ କୃଷି ଉତ୍ପାଦନ ବୃଦ୍ଧି ପାଇବ ।

# ଓଡ଼ିଶା ବିଧାନସଭା ପ୍ରସ୍ତୁତ ପ୍ରକଳ୍ପ ସର୍ବଭାରତୀୟ ସ୍ତରରେ ସମ୍ମାନିତ

ଭୁବନେଶ୍ୱର,୨୪/୦୪ (ନି.ପ୍ର): ଓଡ଼ିଶା ବିଧାନସଭା ଓ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଓଡ଼ିଶା ଶାଖା ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପକୁ ସର୍ବଭାରତୀୟ ସ୍ତରରେ ସମ୍ମାନିତ କରାଯାଇଛି । ଆଜି ଉତରପ୍ରଦେଶର ପ୍ରୟାଗରାଜଠାରେ ମୋତିଲାଲ ନେହେରୁ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସର୍ବଭାରତୀୟ କର୍ମଶାଳାରେ ଓଡ଼ିଶା ବିଧାନସଭାକୁ କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆ ତରଫରୁ ୧୯ତମ ସିଏସ୍‌ଆଇ ଏସ୍‌ଆଇଜି ଇ-ଗଭର୍ଣ୍ଣାନ୍ସ ଆୱାର୍ଡସ ୨୦୨୧ ଉତ୍କର୍ଷ ପୁରସ୍କାରରେ ସମ୍ମାନିତ କରାଯାଇଛି । ଏହି ଏକଦିବସୀୟ କର୍ମଶାଳାରେ ଭାରତରୁ ବଛା ବଛା ଇ-ଗଭର୍ଣ୍ଣାନ୍ସ ପ୍ରକଳ୍ପଗୁଡ଼ିକୁ ମନୋନୀତ କରାଯାଇ ଏହା ଉପରେ ବକ୍ତାମାନଙ୍କ ତରଫରୁ ଆଲୋକପାତ କରାଯାଇଥିଲା । ଏଥିରେ ଓଡ଼ିଶା ବିଧାନସଭାର ସଚିବ ଦାଶରଥୀ ଶତପଥୀ ଭାଗନେଇ ଓଡ଼ିଶା ବିଧାନସଭାର ପେପରଲେସ୍ ଅଫିସ୍ ଉପରେ ସବିଶେଷ ତଥ୍ୟ ଉପସ୍ଥାପନ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ ।

ଓଡ଼ିଶା ବିଧାନସଭା ଓ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍‌ଆଇସି), ଓଡ଼ିଶା ଶାଖା ତରଫରୁ ଦିଆଯାଇଥିବା ପ୍ରୋଜେକଫ 'ଓଡ଼ିଶା ଆସେମ୍ବ୍ଲି ଜର୍ଣ୍ଣି ଟୁୱାର୍ଡସ୍ ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍ (ପେପରଲେସ୍ ଆସେମ୍ବ୍ଲି)'କୁ ପୁରସ୍କୃତ କରାଯାଇଥିଲା। ବାଚସ୍ପତିଙ୍କ ନିର୍ଦ୍ଦେଶରେ ବିଧାନସଭା ସଚିବ ଶ୍ରୀ ଶତପଥୀ, ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଶ୍ରୀମତୀ କବିତା ରାୟ ଦାସ, ବରିଷ୍ଠ ବୈଷୟିକ ନିର୍ଦ୍ଦେଶିକା ଶ୍ରୀମତୀ ସରିତା ସାହୁ, ବିଧାନସଭାର ଉପନିର୍ଦ୍ଦେଶିକା (ଗ୍ରନ୍ଥାଗାର) ଶ୍ରୀମତୀ ଆରତୀ ମିଶ୍ର, ମୁଖ୍ୟ ଅତିଥି, ଆହ୍ଲାବାଦ୍ ଉଚ୍ଚ ନ୍ୟାୟାଳୟର ନ୍ୟାୟାଧିଶ ଅଜିତ ସିଂଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଓଡ଼ିଶା ବିଧାନସଭା ବାଚସ୍ପତିଙ୍କ ସୌଜନ୍ୟରୁ ମୁଖ୍ୟ ଅତିଥିଙ୍କୁ ଜଗନ୍ନାଥଙ୍କର ଏକ ପ୍ରତିମୂର୍ତ୍ତି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି ଯେ ଅକ୍ଲାନ୍ତ ପରିଶ୍ରମ କରି ଓଡ଼ିଶା ବିଧାନସଭାର ସମସ୍ତ ବିବରଣୀ, ଦସ୍ତାବିଜ୍ ଓ ନଥିପତ୍ରକୁ ଡିଜିଟାଲାଇଜ୍ କରିବା ସହିତ ଏହି କଷ୍ଟଲବ୍ଧ ପ୍ରକଳ୍ପକୁ ପ୍ରସ୍ତୁତ କରିଥିବା କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଆଗାମୀ ଦିନରେ ବିଧାନସଭାରେ ଆହୁରି ଅନେକ ନୂତନତ୍ୱ ଅଣାଯିବ ।

ବାଚସ୍ପତିଙ୍କ ବଳିଷ୍ଠ ନେତୃତ୍ୱ, ମାର୍ଗଦର୍ଶନ ଓ ପ୍ରତ୍ୟକ୍ଷ ପ୍ରେରଣା ଓ ସମସ୍ତଙ୍କ ମିଳିତ ଉଦ୍ୟମ ବଳରେ ଆଜି ଓଡ଼ିଶା ବିଧାନସଭାକୁ ସଂପୂର୍ଣ୍ଣ ଡିଜିଟାଲାଇଜ୍ କରାଯିବା ସହ ସର୍ବଭାରତୀୟ ସ୍ୱୀକୃତି ମିଳିପାରିଛି ବୋଲି ସଚିବ ଶ୍ରୀ ଶତପଥୀ ପ୍ରକାଶ କରିଛନ୍ତି ।

# ଏପ୍ରିଲ୍ ୨୭ରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ବିଶାଳ ପାଇକ ଆଖଡ଼ା ଜନଗର୍ଜନ ସମାବେଶ

ଭୁବନେଶ୍ୱର,୨୪/୦୪ (ନି.ପ୍ର): ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହ ବ୍ରିଟିଶମାନଙ୍କ ବିରୁଦ୍ଧରେ ଆରମ୍ଭ ହୋଇଥିଲା ଓଡ଼ିଶାର ଖୋର୍ଦ୍ଧାରୁ। ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁର୍ଖାର୍ଜୀ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଦିଲ୍ଲୀର ବିଜ୍ଞାନ ଭବନରେ ମତବ୍ୟକ୍ତ କରିଥିଲେ। ସେହି ଅନୁସାରେ ବର୍ତ୍ତମାନର ରାଷ୍ଟ୍ରପତି ରାମନାଥ କୋବିନ୍ଦ ଖୋର୍ଦ୍ଧାର ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମୃତି ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପ୍ରଦାନ ଓ ସିକ୍ ରେଜିମେଣ୍ଟ, ଗୁର୍ଖା ରେଜିମେଣ୍ଟ, ଆସାମ ରେଜିମେଣ୍ଟ ପରି ଓଡ଼ିଶା ପାଇକ ରେଜିମେଣ୍ଟ ଗଠନ ଦାବିରେ ଓଡ଼ିଶା ବୀର ମହାସଂଘ ପକ୍ଷରୁ ଆସନ୍ତା ଏପ୍ରିଲ ୨୭ ତାରିଖ ଦିନ ଖୋର୍ଦ୍ଧାର ପାଇକମାନଙ୍କର ଆରାଧ୍ୟ ଦେବୀ ବରୁଣେଇଠାରୁ ଏକ ବିରାଟ ପାଇକ ଆଖଡ଼ା ଜନଗର୍ଜନ ଶୋଭାଯାତ୍ରା ବାହାରି ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ ଛକରେ ଦିବା ୧୦ ଘଟିକା ସମୟରେ ପହଞ୍ଚିବ। ଏହି ସମାବେଶରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରୁ ହଜାର ହଜାର ପାଇକ ଆଖଡ଼ା ଦଳ, ବୁଦ୍ଧିଜୀବୀ, ଐତିହାସିକ ଓ ସ୍ୱାଭିମାନୀ ଓଡ଼ିଶାବାସୀ ଯୋଗଦାନ କରିବେ।

# ଆଠଗଡ଼ରେ ରୋଟାରୀ କ୍ଲବ ଉଦ୍‌ଘାଟିତ

ଭୁବନେଶ୍ୱର, ୨୩ ଏପ୍ରିଲ – ଆଜି ଆଠଗଡ଼ ଶ୍ରୀରାମ ମଣ୍ଡପଠାରେ ରୋଟାରୀ କ୍ଲବ ଆଠଗଡ଼ର ଆନୁଷ୍ଠାନିକ ଉଦ୍‌ଘାଟନ ଉତ୍ସବରେ ଯୋଗଦେଇ ଆନ୍ତର୍ଜାତିକ ରୋଟାରୀ ଜିଲ୍ଲା ୩୨୬୨ର ଜିଲ୍ଲା ଗଭର୍ଣ୍ଣର ଶାନ୍ତନୁ କୁମାର ପାଣି କହିଲେ ଯେ, ସେବା କ୍ଷେତ୍ରରେ ରୋଟାରୀ ସଂସ୍ଥାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ବିଶ୍ୱରୁ ପୋଲିଓ ରୋଗର ନିରାକରଣ ପାଇଁ ରୋଟାରୀର କାର୍ଯ୍ୟକ୍ରମ ବିଶ୍ୱବାସୀଙ୍କ ଦ୍ୱାରା ଆଦୃତ ହୋଇଛି। ଆଠଗଡ଼ର ସାଧାରଣ ଜନତାଙ୍କୁ ବିଶ୍ୱବାସୀଙ୍କ ସହ ଯୋଡ଼ିବାରେ ରୋଟାରୀ କ୍ଲବ ଆଠଗଡ଼ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ନୂତନ କ୍ଲବର ସଦସ୍ୟ ସଦସ୍ୟାମାନଙ୍କୁ ଆହ୍ୱାନ ଦେଇଥିଲେ।

ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ତଥା ପୂର୍ବତନ କୁଳପତି ପ୍ରଫେସର ଡଃ ହରେକୃଷ୍ଣ ଶତପଥୀ କହିଲେ ଯେ, ମାନବ ସେବା ହିଁ ମାଧବ ସେବା। ଏହି ମାନସିକତାରେ ଯଦି ଆମେ ସାଧାରଣ ଜନତାର ସେବା କରିବା, ତେବେ ଇତିହାସରେ ନିଶ୍ଚିତଭାବେ ରୋଟାରୀ କ୍ଲବ ଆଠଗଡ଼ର ନାମ ରହିବ। ରୋଟାରୀ ଏଭଳି ଏକ ସଂସ୍ଥା ଯେ, ବିଶ୍ୱରେ ବହୁ ବିଶିଷ୍ଟ ଲୋକଙ୍କ ଠାରୁ ଆରମ୍ଭ କରି ତଳେ ଥିବା ସାଧାରଣ ଜନତାଙ୍କୁ ଏକତ୍ରିତ କରିବାରେ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଛି। ସାରା ବିଶ୍ୱରେ ରୋଟାରୀର କୋଟି କୋଟି ସଦସ୍ୟା ଓ ସଦସ୍ୟା ଉତ୍ସର୍ଗୀକୃତ ଭାବେ ସାଧାରଣ ଜନତାର ସେବା କରୁଛନ୍ତି। ନବଗଠିତ କ୍ଲବର ଉପଦେଷ୍ଟା ତଥା ରୋଟାରୀ କ୍ଲବ ଭୁବନେଶ୍ୱର ସେଂଟ୍ରାଲର ସଭାପତି ବିଶିଷ୍ଟ ସମାଜସେବୀ, ସଂସ୍କୃତ ବିଦ୍ୱାନ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ଆଠଗଡ଼ ମାଟିର ଐତିହ୍ୟ ଓ ଗଡ଼ଜାତ ପ୍ରଜା ଆନ୍ଦୋଳନ ଓ ଅଂଶୁପା ହ୍ରଦ ଉପରେ ନିଜର ବକ୍ତବ୍ୟ ରଖିବା ସହ ସହରର ଗ୍ରାମୀଣ ପରିବେଶ ମଧ୍ୟରେ ରୋଟାରୀ ସଂସ୍ଥାର ସେବାମୂଳକ କାର୍ଯ୍ୟକ୍ରମକୁ ପହଂଚାଇବା ଆମର ମୂଳ ଲକ୍ଷ୍ୟ ବୋଲି କହିଥିଲେ।

ଆଜିର ଏହି କାର୍ଯ୍ୟକ୍ରମକୁ ଡଃ ଜ୍ଞାନେନ୍ଦ୍ର ଆରମ୍ଭ କରି ନୂତନ ସଭାପତି ମାନସ ସାହୁଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଗ୍ରର୍ଟରେ ସେକ୍ରେଟାରୀ ବରୁଣ ରାଜ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଆଗାମୀ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ଶିକ୍ଷକ ନିରାକାର ମହାପାତ୍ର ଅତିଥି ପରିଚୟ ଓ ରୋଟାରୀୟାନ ରବୀନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଗଭର୍ଣ୍ଣର ଶ୍ରୀ ପାଣି ସଭାପତି ଶ୍ରୀ ସାହୁଙ୍କୁ ରୋଟାରୀ ସ୍ୱୀକୃତି ପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାର ପ୍ରଥମ ମହିଳା ଝରଣା ପାଣି ଓ ଆଠଗଡ଼ର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଦର କମ କର : ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଅ




ଭୁବନେଶ୍ୱର,୨୪/୦୪ (ନି.ପ୍ର): ଓଡ଼ିଶାକୁ ବଳକା ରାଜ୍ୟ ବୋଲି କହୁଛନ୍ତି, ହେଲେ ବିଦ୍ୟୁତ କାଟ କଥା କହିଲେଣି। କୋଟି କୋଟି ଟଙ୍କା ଭିତ୍ତିଭୂମି ପ୍ରସ୍ତୁତିରେ ଖର୍ଚ୍ଚ ହେଉଛି ହେଲେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ହୋଇ ପାରୁନାହିଁ। ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ, ସରବରାହ ଓ ବଣ୍ଟନ କରୁଥିବା ସଂସ୍ଥାମାନଙ୍କର ଆୟ ବ୍ୟୟର ଅଡିଟ୍ ନ କରି ଓଇଆରସି (ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ) ଗତ ଦୁଇ ଦଶନ୍ଧି ଧରି ଟାରିଫ୍ ବଢ଼ାଇ ଚାଲିଛନ୍ତି। ଆନୁମାନିକ ଖର୍ଚ୍ଚକୁ ହିସାବକୁ ନନେଇ ପ୍ରକୃତ ଖର୍ଚ୍ଚକୁ ଅନୁଧ୍ୟାନ କରି ଟାରିଫ ନିର୍ଦ୍ଧାରଣ କଲେ ଓଡ଼ିଶା ଭଳି ଏକ ବିଦ୍ୟୁତ୍ ବଳକା ରାଜ୍ୟରେ ୟୁନିଟ୍ ପିଛା ଦର ପ୍ରାୟ ୧ ଟଙ୍କା କମ ହୋଇ ପାରିବ। ଏଣୁ ବିଦ୍ୟୁତ ଦର କମ୍ କର ଓ ନିରବଚ୍ଛିନ୍ନ ବିଜୁଳି ଯୋଗାଅ ବୋଲି କହିଛି ଓଡ଼ିଶା ଜନଶକ୍ତି ମଞ୍ଚ(ଓଜେଏମ୍)। ଏ ନେଇ ଆଜି ମାଷ୍ଟରକ୍ୟାଣ୍ଟିନ୍ ଠାରେ ସଂଘ ପକ୍ଷରୁ କରାଯାଇଥିବା ବିକ୍ଷୋଭରେ ଏଭଳି ଦାବି କରିଛନ୍ତି ଓଜେଏମ୍ ଆବାହକ ଅଶୋକ ନନ୍ଦ। ତା' ସହ ଗତ ଦୁଇ ଦଶନ୍ଧି ଧରି ଯେଉଁ ଅଧିକ ଶୁଳ୍କ ଜନସାଧାରଣ ମାନଙ୍କ ଠାରୁ ଆଦାୟ କରାଯାଇଛି, ତାହା ଫେରାଇବାକୁ ମଧ୍ୟ ସେ ଦାବି କରିଛନ୍ତି। ସେ ହକିଛନ୍ତି, ଓଡ଼ିଶାରେ କୃଷି ଉନ୍ନତି ପାଇଁ ମାଗଣାରେ କୃଷି କ୍ଷେତ୍ରକୁ ଓ କୃଷିଭିତ୍ତିକ ଶିଳ୍ପକୁ ବିଦ୍ୟୁତ ସଂଯୋଗ କରାଯାଉ। ଗ୍ରିଡ଼କୋ ଦ୍ୱାରା କରାଯାଇଥିବା ବିଦ୍ୟୁତ କଳାବଜାରୀ ପାଇଁ ରାଜ୍ୟ ସରକାର ଉପଭୋକ୍ତାଙ୍କ ଉପରେ ଲଦୁଥିବା ବିଦ୍ୟୁତ୍ ଦର ବୃଦ୍ଧି ବନ୍ଦ କରାଯାଉ। ରାଜ୍ୟ ସରକାର ସୌର ଶକ୍ତି ଉପରେ ପ୍ରାଧାନ୍ୟ ଦେବା ସହ ଉପଭୋକ୍ତାମାନଙ୍କୁ ସୌର ଶକ୍ତି ଉତ୍ପାଦନ ପାଇଁ ପ୍ରୋତ୍ସାହନ ଦିଅନ୍ତୁ। ଏହା ଫଳରେ ପରିବେଶ ମଧ୍ୟ ରକ୍ଷା କରାଯାଇ ପାରିବ। ମନମୁଖୀ ଅଧିକ ବିଦ୍ୟୁତ୍ ବିଲ ଦେବା ଓ ଗ୍ରୀଷ୍ମ କାଳରେ ବିଦ୍ୟୁତ୍ କାଟ ପାଇଁ ଉପଭୋକ୍ତାମାନେ ହନ୍ତସନ୍ତ ହେଉଛନ୍ତି। ଏଭଳି ଅବ୍ୟବସ୍ଥାକୁ ତୁରନ୍ତ ବନ୍ଦ କରାଯାଇ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଇବା ବ୍ୟବସ୍ଥା କରନ୍ତୁ ବୋଲି ସେ କହିଛନ୍ତି। ଏହି ବିକ୍ଷୋଭରେ ବିହାରୀ ପଲାଇ, କ୍ଷୀରୋଦ ରାଉତ, ରୋହନ ମହାନ୍ତି, କପିଳ ଚରଣ ନାୟକ, ଅଶୋକ କୁମାର ନାଥ, ସୁଦର୍ଶନ ପ୍ରଧାନ, ମହେନ୍ଦ୍ର ପରିଡ଼ା, ତୁଷାର ରାୟ, ସଞ୍ଜୟ କୁମାର ପରିଡ଼ା, ଏସ୍ ଜାନକୀ ରାୟ, ସୁଭାଷ ଚନ୍ଦ୍ର ଜେନା, ଜୟରାମ ଦାସ, ସୁରଥ ଜେନା, ବିଦ୍ୟାଧର ପଲଇ ପ୍ରମୁଖ ଯୋଗ ଦେଇଥିଲେ।

# କାଗଜବିହୀନ ବିଧାନସଭା ପ୍ରକଳ୍ପକୁ ପୁରସ୍କାର

ଭୁବନେଶ୍ୱର,୨୪/୦୪ (ନି.ପ୍ର): ଓଡ଼ିଶା ବିଧାନସଭା ଓ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଓଡ଼ିଶା ଶାଖା ଦ୍ୱାରା ପ୍ରସ୍ତୁତ 'ଓଡ଼ିଶା ଆସେମ୍ବଲି ଜର୍ଣ୍ଣି ଟୁୱାର୍ଡସ୍ ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍ (ପେପରଲେସ୍ ଆସେମ୍ବଲି)' (କାଗଜବିହୀନ ବିଧାନସଭା) ପ୍ରକଳ୍ପକୁ ସର୍ବଭାରତୀୟସ୍ତରରେ ସମ୍ମାନିତ କରାଯାଇଛି। ଆଜି ଉତ୍ତରପ୍ରଦେଶର ପ୍ରୟାଗରାଜସ୍ଥିତ ମୋତିଲାଲ ନେହେରୁ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସର୍ବଭାରତୀୟ କର୍ମଶାଳାରେ ଓଡ଼ିଶା ବିଧାନସଭାକୁ କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆ ତରଫରୁ ୧୯ତମ ସିଏସ୍‌ଆଇ ଏସ୍‌ଆଇଜି ଇ-ଗଭର୍ଣ୍ଣାନ୍ସ ଆୱାର୍ଡସ-୨୦୨୧ ଉତ୍କର୍ଷ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ଏକଦିବସୀୟ କର୍ମଶାଳାରେ ଭାରତରୁ ବଛାବଛା ଇ-ଗଭର୍ଣ୍ଣାନ୍ସ ପ୍ରକଳ୍ପଗୁଡ଼ିକୁ ମନୋନୀତ କରାଯାଇ ଏହା ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଓଡ଼ିଶା ବିଧାନସଭାର ସଚିବ ଦାଶରଥୀ ଶତପଥୀ ଭାଗନେଇ ଓଡ଼ିଶା ବିଧାନସଭାର ପେପରଲେସ୍ ଅଫିସ୍ ଉପରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ଶତପଥୀଙ୍କ ସମେତ ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ କବିତା ରାୟ ଦାସ, ବରିଷ୍ଠ ବୈଷୟିକ ନିର୍ଦ୍ଦେଶିକା ସରିତା ସାହୁ, ବିଧାନସଭାର ଉପନିର୍ଦ୍ଦେଶିକା (ଗ୍ରନ୍ଥାଗାର) ଆରତି ମିଶ୍ର ପ୍ରମୁଖ ଯୋଗଦେଇ ଆହ୍ଲାବାଦ୍ ଉଚ୍ଚ ନ୍ୟାୟାଳୟର ବିଚାରପତି ଅଜିତ ସିଂହଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏହାପରେ ଓଡ଼ିଶା ବିଧାନସଭା ବାଚସ୍ପତିଙ୍କ ସୌଜନ୍ୟରୁ ମୁଖ୍ୟ ଅତିଥିଙ୍କୁ ଜଗନ୍ନାଥଙ୍କର ଏକ ପ୍ରତିମୂର୍ତ୍ତି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ରାଜ୍ୟରେ ପୁଣି ବଢ଼ିଲା ସଂକ୍ରମଣ

ଭୁବନେଶ୍ୱର,୨୪/୦୪ (ନି.ପ୍ର): ଗତକାଲି ମାତ୍ର ୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୬ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୩ ଜଣ ସ୍ଥାନୀୟ ସଂକ୍ରମଣରୁ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୩ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ମାତ୍ର ୪ଟି ଜିଲ୍ଲାରୁ ୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୬ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୪ ଜଣ କରୋନା ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି।

## ବିଭିନ୍ନ ପଂଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ବୈଠକ

ଭଦ୍ରକ, ୨୪/୦୪ (ନି.ପ୍ର): ଜାତୀୟ ପଂଚାୟତରାଜ ଦିବସ ପାଳନ ଅବସରରେ ବିଭିନ୍ନ ପଂଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ୯ଟି ସଙ୍କଳ୍ପ ଆଧାରିତ ଏହି ବୈଠକରେ ପ୍ରତ୍ୟେକ ପଂଚାୟତର ସରପଂଚ ଅଧ୍ୟକ୍ଷତା କରିଥିଲେ। ଏଥିରେ ଦାରିଦ୍ର୍ୟ ଦୂରିକରଣ ଯୋଜନା ରୂପାୟନ ଓ ଅଗ୍ରଗତିର ସମୀକ୍ଷା, ସୁସ୍ଥ ଓ ନିରାମୟ ଜୀବନ ପାଇଁ ପଦକ୍ଷେପ, ଶିଶୁ ବିକାଶ, ପାନୀୟ ଜଳ ଯୋଗାଣ ଓ କୃଷିକ୍ଷେତ୍ରକୁ ଜଳସେଚନ ବ୍ୟବସ୍ଥାର ସୁଦୃଢ଼ିକରଣ, ପରିବେଶ ସୁରକ୍ଷା ଓ ଅକ୍ଷୟ ଶକ୍ତିର ବ୍ୟବହାର, ଦ୍ୱାର ମୁହଁରେ ସେବା ଉପଲବ୍ଧି, ପ୍ରତ୍ୟେକ ପରିବାରକୁ ଶୌଚାଳୟ ଯୋଗାଣ, ବର୍ଜ୍ୟବସ୍ତୁ ପରିଚାଳନା, ପରିମଳ ବ୍ୟବସ୍ଥା, ସାମାଜିକ ସୁରକ୍ଷା ନିଶ୍ଚିତ କରିବା, ମହିଳା ସଶକ୍ତିକରଣ, ଲିଙ୍ଗଗତ ସମାନତା ଓ ସୁଶାସନ ସଙ୍କଳ୍ପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସରପଂଚ ଅକ୍ଷୟ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବାଲିପୋଖରୀ ପଂଚାୟତ ଅନୁଷ୍ଠିତ ଗ୍ରାମସଭାରେ ସମିତି ସଭ୍ୟା ପ୍ରଭାସିନୀ ପଣ୍ଡା, ନାଏବ ସରପଂଚ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଉଦ୍ୟାନକୃଷି ବିଭାଗ ପକ୍ଷରୁ ମଞ୍ଜିକିଟ ବିତରଣ କରାଯାଇଥିଲା। ସେହିପରି ରଣଜିତ ପଂଚାୟତରେ ସରପଂଚ ସୁଜାତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଂଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, କନିଷ୍ଠ ଯନ୍ତ୍ରୀ ଗୋବିନ୍ଦ ବେହେରା, ଗ୍ରାମରୋଜଗାର ସେବକ ହିମାଦ୍ରୀ ନାୟକ, ୱାର୍ଡ ସଦସ୍ୟମାନେ ଯୋଗଦେଇ ସ୍ୱଚ୍ଛଭାରତ ମିଶନ ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ଉନ୍ନତିକରଣ ସମ୍ପର୍କରେ ଆଲୋଚନା କରିଥିଲେ।

# ମୟୂରଭଞ୍ଜ ଜିଲ୍ଲାରେ ଜାତୀୟ ଆପ୍ରେଣ୍ଟିସିପ୍ ମେଳା ଅନୁଷ୍ଠିତ



ବାରିପଦା, ୨୪/୦୪ (ନି.ପ୍ର): ସରକାରଙ୍କ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ବିଭାଗ ଯୋଜନା କାର୍ଯ୍ୟନ୍ୱୟରେ ବୈଶୟିକ ଶିକ୍ଷାର୍ଥୀ / ଯୁବକ ଯୁବତୀ ମାନଙ୍କ ଦକ୍ଷତା ଓ ଗୁଣାତ୍ମକମାନ ବୃଦ୍ଧି କରାଯିବା ଏବଂ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇଁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଗୁରୁତ୍ୱ ଦେଇ କାର୍ଯ୍ୟକ୍ରମ ତ୍ୱରାନିତ କରାଯାଇଛି । ଏହି ପରିପ୍ରେକ୍ଷୀରେ ମୟୂଭଞ୍ଜ ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ମୟୂରଭଞ୍ଜ ଆନୁକୁଲ୍ୟରେ ଏକ ଜିଲ୍ଲାସ୍ତରୀୟ ଆପ୍ରେଣ୍ଟିସିପ୍ ମେଳା ତା.୨୧.୦୪.୨୦୨୨ରିଖରେ ଅନୁଷ୍ଠିତ ହୋଇଯାଇଅଛି । ବାରିପଦା ସ୍ଥିତ ତକତପୁର ଟିଟିଆଇ ପରିସରରେ ଅନୁଷ୍ଠିତ ଉକ୍ତ ମେଳାରେ କେନ୍ଦ୍ର ସରକାରଙ୍କ ଭୁବନେଶ୍ୱର ସ୍ଥିତ ଡେପ୍ୟୁଟୀ ଡାଇରେକ୍ଟର ଆରଡିଏସ୍ ଡିଇ ଭୁବନେଶ୍ୱର, ମୁଖ୍ୟ ଅତିଥି ଭାବେ ଶ୍ରୀ ଆର ସି. ମଣ୍ଡଳ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ନିୟୋଜନ ଅଧିକାରୀ ମୟୂରଭଞ୍ଜ ଡିଜି ଲାକ୍ରାଙ୍କ ସୁପରିଚାଳନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଟି.ଟି.ଆଇ ତକତପୁର ବାରିପଦା ପ୍ରିନ୍‌ସିପାଲ ଇଂ.ସୁରେଶ ଚନ୍ଦ୍ର ପାଢୀ ଜେନେରାଲ ମେନେଜର ଡିଆଇସି ମୟୂରଭଞ୍ଜ ଇଂ ଗୌରମୋହନ ସିଂ, ରାଇଜିଂ ଷ୍ଟାର ଇଣ୍ଡିଆ ପ୍ରା.ଲିଃ.ର ଏଚ୍ ଆର ମ୍ୟାନେଜର ଆଶ୍ୱଥୀ ଭୋସ୍‌ଲେ ପ୍ରମୁଖ ଯୋଗ ଦେଇ ଜାତୀୟ ଆପ୍ରେଣ୍ଟିସିପ୍ ମେଳାର ଲକ୍ଷ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା କରିବା ସହିତ ଏହି କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ବୈଷୟିକ ବିଦ୍ୟାର୍ଥୀ / ଯୁବକ ଯୁବତୀ ମାନଙ୍କ ଯୋଗ୍ୟତା ତଥା ଦକ୍ଷତା ଅନୁଯାଇ ବିଭିନ୍ନ କମ୍ପାନୀ, ଶିଳ୍ପ ସଂସ୍ଥା ଓ ଉଦ୍ୟୋଗରେ ନିଯୁକ୍ତି ପାଇଁ ସୁବିଧା ସୁଯୋଗ ପାଇ ପାରିବା ଦିଗ ଉପରେ ସୂଚାଇ ଥିଲେ । ଆୟୋଜିତ ଉକ୍ତ ଦିନିକିଆ ଆପ୍ରେଣ୍ଟିସିପ୍ ମେଳାରେ ଟାଟାଷ୍ଟିଲ, ରାଇଜିଂଗ ଷ୍ଟାର ଇଣ୍ଡିଆ ପ୍ରା.ଲିଃ., ଟେକ୍‌ନୋକ୍ରାଫ୍ଟ, ଲାଇଫଲାଇଟ କ୍ୟାରିୟର ସୋଲୁସନ୍, ଗ୍ଲୋଡେନ ସିମସ୍ ଇଣ୍ଡଷ୍ଟ୍ରିଜ୍ ପ୍ରା;ଲିଃ., ମଦରସନ ଏଣ୍ଡ ସୁମି ସିଷ୍ଟମ ପ୍ରା.ଲିଃ., ନଭିତସିଜ୍ ଇଣ୍ଡିଆ ପା.ଲିଃ., ସିତଲ କୁଲ ପ୍ରା;ଲିଃ. ଓ ବିଭିନ୍ନ ଆଇଟିଆଇ ଶିକ୍ଷାନୁଷ୍ଠାନ ଆଦି ସଂସ୍ଥା ଯୋଗ ଦେଇ ପ୍ରାର୍ଥୀ/ ପ୍ରାର୍ଥୀନୀମାନଙ୍କୁ ଚୟନ କରିଥିଲେ । ଏଥିରେ ମୟୂରଭଞ୍ଜ ଜିଲ୍ଲାର ସରକାରୀ / ଘରୋଇ ଆଇଟିଆଇର ମୋଟ ୨୪୪ ଜଣ ଶିକ୍ଷାର୍ଥୀ / ଯୁବକ ଯୁବତୀ ଅଂଶଗ୍ରହଣ କରି ଏନ୍‌ଏପିଏସ୍ ପୋର୍ଟାଲରେ ନାମ ପଞ୍ଜିକୃତ କରିଥିବାବେଳେ ସେଥିରୁ ୧୫୬ ଜଣ ପ୍ରାର୍ଥୀ ଯୋଗ୍ୟତା ଭିର୍ତିରେ ଆପ୍ରେଣ୍ଟିସିପ୍ ଟ୍ରେନିଂ ନେଇ ଉକ୍ତ କମ୍ପାନୀ / ଶିଳ୍ପ ସଂସ୍ଥା କ୍ଷେତ୍ରରେ ନିଯୁକ୍ତି ପାଇଁ ଚୟନ ହୋଇଥିଲେ। ଶେଷରେ ପିସିଆଇଟିଆଇ ପୂର୍ଣ୍ଣଚନ୍ଦ୍ରପୁର ଅଧ୍ୟକ୍ଷ ଇଂ କାନ୍ଦନ ମାଝୀ ଆପ୍ରେଣ୍ଟିସିପ୍ ମେଳାର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଜୁବୁଲି ଲାଇବ୍ରେରୀ କଲ୍‌ଚୁରାଲ୍ ଏସୋସିଏସନ୍ ତରଫରୁ ସ୍ୱର୍ଗତ ବିଜୟ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି



ବାରିପଦା, ୨୪/୦୪ (ନି.ପ୍ର): ଜୁବୁଲି ଲାଇବ୍ରେରୀ କଲଚୁରାଲ୍ ଏସୋସିଏସନ୍ ତରଫରୁ ଲାଇବ୍ରେରୀ ପରିସରରେ ସ୍ୱର୍ଗତ ବିଜୟ ପଟ୍ଟନାୟକଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଶିକ୍ଷକ ତପନ କୁମାର ବାରିକ ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବାରିପଦା ପୌରପାଳିକାର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଓଡିଶା କୃଷି ଶିଳ୍ପ ନିଗମରେ ଅଧ୍ୟକ୍ଷ ଦେବାଶିଷ ମହାନ୍ତି ଯୋଗଦେଇ ସ୍ୱର୍ଗତ ବିଜୟ ପଟ୍ଟନାୟକ ଙ୍କ ତ୍ୟାଗପୂତ ଜୀବନ, ସମାଜସେବା ସର୍ବୋପରି ତାଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ ବାନାର୍ଜୀ, ସତ୍ୟବ୍ରତ ମହାନ୍ତି, କ୍ଷେତ୍ରମୋହନ ପଣ୍ଡା, ଶିକ୍ଷକ ଅମିତାଭ ମିଶ୍ର, ଗିରିଜା ଶଙ୍କର ମହାନ୍ତି, ଆଶିଷ କୁମାର ମହାନ୍ତି ଙ୍କ ଯୁବ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ସ୍ମୃତିରଣ କରିଥିଲେ। ଏହି ଅବସରରେ କଲଚୁରାଲ ଏସୋସିଏସନ୍‌ର ସଭ୍ୟ ସଭ୍ୟା ଓ ଶୋକସନ୍ତପ୍ତ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଅମର ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଜଣାଇ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

## ରାଢ଼ୋରେ ମୁନି ସମାଜ ସତ୍‌ସଙ୍ଗ ଅନୁଷ୍ଠିତ

ଉଦଳା, ୨୪/୦୪ (ନି.ପ୍ର): ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ ରାଢ଼ୋ ଗ୍ରାମ ଠାରେ ଆଜି ଏପ୍ରିଲ ୨୪ ତାରିଖ ରବିବାର ଦିନ ମୁନି ସମାଜ ସତ୍‌ସଙ୍ଗ ଅନୁଷ୍ଠିତ ହୋଇ ଯାଇଛି । ଏଥିପାଇଁ ଆଜି ଦିବସ ବ୍ୟାପି ଗ୍ରାମଟି ଉତ୍ସବ ମୁଖର ହୋଇ ଉଠିଥିଲା । ପ୍ରଭାତରେ ସତ୍ୟ ପତାକା ଉତ୍ତୋଳନ, ପ୍ରାର୍ଥନା ଓ ପରେ ସତ୍‌ସଙ୍ଗରେ ଆଲୋଚନା ଚକ୍ରର ପର୍ବ ଅନୁଷ୍ଠିତ ହୋଇଥିଲା । ମୟୂରଭଞ୍ଜ ଜିଲ୍ଲାର ହରେକୃଷ୍ଣ ମୁନି ବିଭିନ୍ନ କବିତା, ଶ୍ଳୋକ ଓ ଶାସ୍ତ୍ର ବର୍ଣ୍ଣିତ ବିଷୟ ସମ୍ପର୍କରେ କହିବାକୁ ଯାଇ ମୁନି ସମାଜର ଦର୍ଶନ ତା ମଧ୍ୟରେ କିପରି ଲୁଚି ରହିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ବିଶେଷ କରି ସିଦ୍ଧ ପୁରୁଷ ଲୁଇପାଙ୍କ ମାଟି ରାଢ଼ୋ ହୋଇଥିବାରୁ ତାଙ୍କର ଜୀବନ ଦର୍ଶନକୁ ନେଇ ସେ ଯେଉଁ ବକ୍ତବ୍ୟ ପ୍ରଦାନ କଲେ ତାହା ସମସ୍ତଙ୍କୁ ବେଶ ଛୁଇଁଥିଲା । ଏହାପରେ ଭଦ୍ରକରୁ ଆସିଥିବା ଅନ୍ୟତମ ମୁନୀ ଦଶରଥ ପଣ୍ଡା ତାଙ୍କର ବକ୍ତବ୍ୟରେ ମୁନି ସମାଜର ଦର୍ଶନ କିପରି ଏକ ଉନ୍ନତ ଦର୍ଶନ ବୋଲି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ସ୍ୱୀକାର କରିଛନ୍ତି ତାହା ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମର ଆୟୋଜକ ଅନ୍ନପୂର୍ଣ୍ଣା ପଣ୍ଡା, ମହେନ୍ଦ୍ର ସାହୁ ଓ ପୂର୍ଣ୍ଣଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ନେତୃତ୍ୱ ନେଇଥିବା ବେଳେ ମୁନି ସମାଜର ଦର୍ଶନ ସମ୍ପର୍କିତ ସଂଗୀତ ଫୁଲମଣୀ ବାଛିନୀ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଲୁଇପା କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦାସ, ସ୍ଥାନୀୟ ସରପଞ୍ଚ ବସେନ ମାର୍ଣ୍ଡି, ସାମାଜିକ କର୍ମୀ ମନ୍ମଥ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

# ପ୍ରଧାନମନ୍ତ୍ରୀ ‘ମନ୍ କି ବାତ୍’ କାର୍ଯ୍ୟକ୍ରମ ଶୁଣିଲେ ରାଜ୍ୟ ବିଜେପି ସଭାପତି

ଭୁବନେଶ୍ୱର, ୨୪/୦୪ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୮୮ତମ ମନ କି ବାତ୍ କାର୍ଯ୍ୟକ୍ରମ ମାଧ୍ୟମରେ ସାରା ଭାରତବାସୀଙ୍କୁ ସମ୍ବୋଧନ କରିବା ସହ ଜଳସଂରକ୍ଷଣ, ଡିଜିଟାଲ କାର୍ଡ ସମ୍ବୋଦ୍ଧରେ ଅବଗତ କରିଛନ୍ତି। ମୋଦୀ ମନ କି ବାତ ମାଧ୍ୟମରେ ପାନିୟମ ପରମମ୍ ଲୋକେ, ଜୀବାନାମ ଜୀବନମ୍ ସମଅତମ୍ ଅର୍ଥାତ ଜଳ ହିଁ ଜୀବ ଓ ଜୀବନ। ରାମାୟଣରେ ଜଳ ସ୍ରୋତଗୁଡ଼ିକର ସଂଯୋଗୀକରଣ, ଜଳ ସଂରକ୍ଷଣ ଗୁରୁତ୍ୱ ଦେଉଥିବା ମୋଦୀ ମନ କି ବାତ୍‌ରେ କହିବା ସହ ଗାଁରୁ ସହର ଦିନକୁ ୨୦ହଜାର କୋଟି ଟଙ୍କା ଡିଜିଟାଲ କାରବାର ହେଉଥିବା ମୋଦୀ କହିଛନ୍ତି। ମାର୍ଚ୍ଚ ମାସରେ ୟୁପିଆଇ ଟ୍ରାଜେକ୍ସନ ପ୍ରାୟ ୧୦କୋଟି ଟଙ୍କା ପର୍ଯ୍ୟନ୍ତ ପହଂଚି ଯାଇଥିଲା। ମୋଦୀ ପ୍ରତିଟି ଜିଲ୍ଲାରେ ୭୫ଟି ପୁରୁଣା ପୋଖରୀର ନୂଆ ରୂପ ରେଖ କରିବା ସହ ସ୍ୱାଧିନତା ସଂଗ୍ରାମୀଙ୍କ ନାମରେକରିବା ଲାଗି ଦେଶବାସୀଙ୍କୁସମ୍ବୋଧନ କରିଛନ୍ତି। ପ୍ରଧାନମନ୍ତ୍ରୀ ଡିଜିଟାଲ ସାକ୍ଷରତା ଅଭିଯାନ ଅନ୍ତର୍ଗତ ଗ୍ରାମୀଣ ଲୋକଙ୍କୁ ଡିଜିଟାଲ ଶିକ୍ଷା ପ୍ରଦାନ କରାଯାଉଛି । ଦେଶରେ ୪.୦୧ଲକ୍ଷରୁ ଅଧିକ ପ୍ରଶିକ୍ଷଣ କେନ୍ଦ୍ର କାର୍ଯ୍ୟ କରୁଥିବାବେଳେ ୫.୮୮କୋଟିରୁ ଅଧିକ ଛାତ୍ରଛାତ୍ରୀ ପଞ୍ଜୀକୃତ ହୋଇଛନ୍ତି । ଦେଶ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଦେଶ ଆଜି ଅମୃତ ମହୋତ୍ସବ ପାଳନ କରୁଛି। ଏହି ଅବସରରେ ପ୍ରତ୍ୟେକ ଜିଲ୍ଲାରେ ଥିବା ପୁରାତନ ପୋଖରୀକୁ ନୂଆ ରୂପରେଖ ଓ ସଂଗ୍ରାମୀମାନଙ୍କ ନାଁମରେ ନାମିତ କରିବା ସହ ରକ୍ଷଣା ବେକ୍ଷଣ ଓ ସୁସଜ୍ଜିତ କରିବା ଦେଶବାସୀଙ୍କ ପ୍ରଥମ ଦାୟିତ୍ୱ ହେଉ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ‘ମନକି ବାତ୍ କାର୍ଯ୍ୟକ୍ରମ’କୁ ଭୁବନେଶ୍ୱର ମହାନଗର ୱାର୍ଡ ୪ ହରିଦାସପୁର ନହରକଂଟାଠାରେ କାର୍ଯ୍ୟକର୍ତାଙ୍କ ଗହଣରେ ରାଜ୍ୟ ସଭାପତି ସମୀର ମହାନ୍ତି ଶୁଣିଥିଲେ। ଜଳ ସଂରକ୍ଷଣ ଓ ଡିଜିଟାଲ ପେମେଂଟ, ପିଲାମାନଙ୍କ ଶିକ୍ଷାକୁ ମୋଦୀ ଗୁରୁତ୍ୱ ଦେଇଥିବା ଶ୍ରୀ ମହାନ୍ତି କହିଛନ୍ତି। ମୋଦୀ ସରକାର ‘ହର ଘର ନଳ ପେ ଜଳ’ ନାରା ଦେଉଛନ୍ତି କିନ୍ତୁ ରାଜ୍ୟରେ ଅପାରଗ ରାଜ୍ୟ ସରକାର ଲୋକଙ୍କୁ ପାଣି ଦେବାରୁ ବଂଚିତ ରହୁଛନ୍ତି । ୨୩ବର୍ଷ ଶାସନରେ ରହି ମଧ୍ୟ ରାଜ୍ୟ ସରକାର ପାନୀୟ ଜଳ, ନଦୀ ଜଳ, ପୋଖରୀ ପୁନରୁଦ୍ଧାର ଇତ୍ୟାଦି କାର୍ଯ୍ୟକ୍ରମ କରିବାରେ ବିଫଳ ହୋଇଛନ୍ତି। ଓଡ଼ିଶାରେ ଅପାରଗ ନବୀନ ସରକାର ବର୍ଷା ଜଳ କି କୌଣସି ନଦୀ ଜଳ ସଂରକ୍ଷଣ ନକରିବାରୁ ବିଦ୍ୟୁତ, ଚାଷ ଇତ୍ୟାଦି ପ୍ରଭାବିତ ହେଉଛି। ଓଡ଼ିଶାରେ ଲୋକେ ପାଣି ପାଇଁ ୪ରୁ ୫ କିମି ଚାଲି ନଳକୂପ ବା ଚୂଆରୁ ପାଣି ନେଉଛନ୍ତି। କାହିଁକି ଏଯାଏଁ ଜଳ ସଂରକ୍ଷଣ ଡ୍ୟାମ ହୋଇପାରିନି ରାଜ୍ୟ ସଭାପତି ସମୀର ମହାନ୍ତି ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଜିଲ୍ଲା ସାଧାରଣ ସଂପାଦକ ଅଭିଷେକ ଆଚାର୍ଯ୍ୟ, ୱାର୍ଡ ୪ କର୍ପୋରେଟର ସୁକୁମାର ସାହୁ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ଉପେନ୍ଦ୍ର ଭଞ୍ଜ, ରାଜ୍ୟ ଓବିସି ମୋର୍ଚ୍ଚା ସଂପାଦକ ଦୁର୍ଗାପ୍ରସନ୍ନ ନାୟକ, ରାଜ୍ୟ ଓବିସି ମୋର୍ଚ୍ଚା କାର୍ଯ୍ୟାଳୟ ସଂପାଦକ ସୁଶାନ୍ତ ଜେନା, କୋଷାଧ୍ୟକ୍ଷ ସଂଗ୍ରାମ କେଶରୀ ଓ ଭୁବନେଶ୍ୱର ଯୁବମୋର୍ଚ୍ଚା ସଭାପତି ରଶ୍ମୀରଞ୍ଜନ ମୁଦୁଲୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡିଶା ସାହିତ୍ୟ ଏକାଦେମୀ ଓ ଦୀନକୃଷ୍ଣ ସ୍ମୃତି ପରିଷଦ ପକ୍ଷରୁ କବି ଦୀନକୃଷ୍ଣଙ୍କ ଜୟନ୍ତୀ ପାଳିତ



ଜଳେଶ୍ୱର ୨୪/୪ (ନି.ପ୍ର): ଆଜି ଭକ୍ତ କବି ଦୀନକୃଷ୍ଣ ଦାସଙ୍କ ଜନ୍ମ ପୀଠ ସୁବର୍ଣ୍ଣରେଖା ନଦୀକୂଳ ମୁଣ୍ଡୁଣିଆ ଠାରେ ଦୀନକୃଷ୍ଣ ସ୍ମୃତି ପରିଷଦର ବାର୍ଷିକ ସମାବର୍ତ୍ତନ ଉତ୍ସବ ଓ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ଜୟନ୍ତୀ ପାଳିତ ହୋଇଛି । ଓଡିଶା ସାହିତ୍ୟ ଏକାଦେମୀ ଓ ଦୀନକୃଷ୍ଣ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ୪୩ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ପାଳନ ହେଉଥିଲେ ମଧ୍ୟ ଏଥିଲାଗି ସରକାରୀ ସହାୟତା ଓ କାର୍ଯ୍ୟକଳାପ ଅଧିକ ହେବା ଉଚିତ ବୋଲି ମତପ୍ରକାଶ ପାଇଛି । ପୂର୍ବାହ୍ନରେ ଆୟୋଜିତ ଏହି ଉତ୍ସବରେ ଓଡିଶା ସାହିତ୍ୟ ଏକାଦେମୀ ସଦସ୍ୟ କବି ଭରତ ଚନ୍ଦ୍ର ଦାସ ସଭାପତିତ୍ୱ କରି ତଥାପି ଦୀନକୃଷ୍ଣ ଦାସ ଓ ତାଙ୍କ ଜନ୍ମ ପୀଠ ଅଦ୍ୟାବଧି ଅବହେଳିତ । ଏହାର ବିକାଶ ଏବଂ ପ୍ରଚାର ପ୍ରସାର ହେବା ଉଚିତ ବୋଲି ମତବ୍ୟକ୍ତ କରିଛନ୍ତି। ମୁଖ୍ୟ ଅତିଥିଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୋଗ ଦେଇ ରୀତିଯୁଗୀୟ, ସ୍ୱାଭିମାନୀ କବି, ଛନ୍ଦ ଓ ଅଳଙ୍କାରକୁ ଗୁରୁତ୍ୱ ଦେଇ ସ୍ୱଷ୍ଟ ଚିତ୍ର ଆଙ୍କି ପାରୁଥିବା ଭକ୍ତକବି ଦୀନକୃଷ୍ଣ ଓଡିଶାବାସୀଙ୍କ ନମସ୍ୟ। ସେ ଯେଉଁ ସମ୍ମାନର ଅଧିକାରୀ ଅଦ୍ୟାବଧି ତାଙ୍କୁ ପ୍ରାପ୍ତ ହୋଇ ପାରିନାହିଁ। କିନ୍ତୁ ସରକାରୀ ପ୍ରଚେଷ୍ଟା ଚାରି ରହିଥିବାରୁ ପୀଠର ବିକାଶ ଲାଗି ପ୍ରଚେଷ୍ଟା ଜାରି ରହିଛି । ଆସନ୍ତା ଦିନରେ କବିପୀଠକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଲାଗି ପ୍ରଚେଷ୍ଟା ଜାରି ରହିଥିବା କହିଛନ୍ତି । ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଭାଗବତ ପ୍ରସାଦ ବେହେରା କବିଙ୍କ ଆଳଙ୍କାରିକତା ଶବ୍ଦ ବିନ୍ୟାସ, ରସପ୍ଲୁତ ଛାନ୍ଦ , ଅଳଙ୍କାର ଓ ସ୍ୱଷ୍ଟବାଦିତା ଅନ୍ୟତ୍ର ବିରଳ । ସର ବିନୋଦ ଓ ରସକଲ୍ଲୋଳର ରଚୟିତା କବି ଦୀନକୃଷ୍ଣ ଓଡିଆ ଜାତୀକୁ ସନ୍ମାର୍ଗ ପ୍ରଦର୍ଶନ କରାଇଛନ୍ତି । କିନ୍ତୁ ତାଙ୍କ ସାହିତ୍ୟ ଓ ତାଙ୍କୁ ଉଚିତ୍ ସମ୍ମାନ ମିଳିନଥିବା କହିଛନ୍ତି । ସମ୍ମାନୀତ ଅତିଥିଭାବେ ରେବତୀର ସଂପାଦିକା ତଥା ସମାଜସେବୀ ସୁବାସିନୀ ଜେନା ଯୋଗ ଦେଇ ଦୀନକୃଷ୍ଣ ଦାସ ଜଣେ ଓ ଅଭିନ୍ନ । ତାଙ୍କ ସୃଷ୍ଟ କାବ୍ୟ ଓ କାବ୍ୟାଂଶ ଓଡିଆ ସାହିତ୍ୟ ଏବେବି ବିରଳ ବୋଲି କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଓଡିଆ ସାହିତ୍ୟ ଏକାଦେମୀ ସଭ୍ୟ କାଳିପଦ ପଣ୍ଡା, ଡ. ବିଜୟ ମିଶ୍ର, ସମାଜସେବୀ ଆଦିତ୍ୟ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ ମାନସ ଜେନା ପ୍ରମୁଖ ଯୋଗ ଦେଇ ଭକ୍ତକବିଙ୍କ କାବ୍ୟକୃତି ସଂପର୍କରେ ବର୍ଣ୍ଣନା କରିଛନ୍ତି । କିନ୍ତୁ ଅଦ୍ୟାବଧି କବିଙ୍କ ଜନ୍ମତାରିଖ ଓ ଫଟୋଚିତ୍ର ସ୍ପଷ୍ଟଭାବେ ପ୍ରମାଣିତ ହୋଇନଥିବା କହିଛନ୍ତି। ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ କଲ୍ୟାଣୀ ନନ୍ଦ ଓ ସାଥି ଭକ୍ତକବିଙ୍କ ସଂଗୀତ ପରିବେଷଣ କରିଥିଲେ । ସ୍ମୃତି ପରିଷଦର ପ୍ରତିଷ୍ଠାତା ସଂପାଦକ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ବିବରଣୀ ପାଠ ଦୀର୍ଘ ୪୩ବର୍ଷ ଧରି କବିଙ୍କ ଜନ୍ମ ଜୟନ୍ତୀ ଓ ବାର୍ଷିକ ସମାବର୍ତ୍ତନ ଉତ୍ସବ ପାଳନ ହୋଇ ଆସୁଥିବା ବେଳେ ଅଦ୍ୟାବଧି ପରିଷଦକୁ ସରକାରଙ୍କ ପକ୍ଷରୁ ନିତିଗତଭାବେ ଆର୍ଥିକ ଅନୁଦାନ ଯୋଗାଇ ନ ଦେବା, କବିଙ୍କ ନାମରେ ସୁବର୍ଣ୍ଣରେଖାର ଗୁରୁଦାସପୁର ସେତୁ ନାମ କରଣ କରିବା, ଗୀତାଞ୍ଜଳି ଭଳି ସରକଲ୍ଲୋଳ ନାମରେ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବା, ଜଳେଶ୍ୱର ଷ୍ଟେସନରେ କବିଙ୍କ ବ୍ରଞ୍ଜମୂର୍ତ୍ତି ପ୍ରତିଷ୍ଠା କରିବା, ବିଶ୍ୱବିଦ୍ୟାଳୟରେ କବିଙ୍କ ନାମରେ ଚେୟାର ପ୍ରତିଷ୍ଠା କରିବା ସମ୍ପର୍କରେ କହିଥିଲେ । ଶିକ୍ଷାରବିତ୍ ବ୍ରଜେନ୍ଦ୍ର ଗିରି, ଡ. ରମାକାନ୍ତ ଭଂଜ ପ୍ରମୁଖ ମଂଚ ପରିଚାଳନା କରିଥିବା ବେଳେ ଡ. ଅଜିତ୍ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଡ. ନଟବର ଶତପଥି, ହରିହର ପାଣିଗ୍ରାହୀ, ପ୍ରଫେସର ଅଟଳବିହାରୀ ନାୟକ, ଡ. ଉମେଶ ଚନ୍ଦ୍ର ମହାନ୍ତି, ଶିଳ୍ପି ତପନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ବିଶିଷ୍ଟ ସାହିତ୍ୟିକା ପଦ୍ମଶ୍ରୀ....

ଅର୍ଥନୀତିରେ ରେଭେନ୍ସା କଲେଜରୁ ଏମ୍‌ଏ ପାସ୍ କରିଥିଲେ। ତା’ପରେ ଅଧ୍ୟାପନା ଜୀବନ ଆରମ୍ଭ କରିଥିଲେ। ସେ ବିଭିନ୍ନ କଲେଜରେ ଅଧ୍ୟାପିକା ଭାବେ ଚାକିରି କରିଥିଲେ। ତେବେ ୧୯୯୨ ମସିହାରେ ଶୈଳବାଳା ମହିଳା ମହାବିଦ୍ୟାଳୟରୁ ଚାକିରିରୁ ଅବସର ନେଇଥିଲେ। ଅଧ୍ୟାପନା ଜୀବନ ଭିତରେ ପଦ୍ମଶ୍ରୀ ବୀଣାପାଣି ମହାନ୍ତି ସାହିତ୍ୟ ପ୍ରତି ରୁଚି ରଖିଥିଲେ। ତାଙ୍କର ସାହିତ୍ୟିକ ଯାତ୍ରା ଜଣେ ଷ୍ଟୋରୀଟେଲର ଭାବେ ଆରମ୍ଭ ହୋଇଥିଲା। ୧୯୬୦ ମସିହାରେ ତାଙ୍କର ପ୍ରଥମ ଗପ ‘ଗୋଟିଏ ରାତିର କାହାଣୀ’ ପ୍ରକାଶ ପାଇଥିଲା। ତାଙ୍କର ଅନ୍ୟ ଲୋକପ୍ରିୟ ଗପ ମଧ୍ୟରେ ପାଟଦେଇ, ଖେଳଘର, ନଈକୁ ରାସ୍ତା, ବସ୍ତ୍ର ହରଣ, କସ୍ତୁରୀ ମୃଗ ଓ ସବୁଜ ଆରଣ୍ୟ ଏବଂ ମିଛି ମିଛିକା ରହିଛି। ଏହାଛଡ଼ା ସେ ହିନ୍ଦୀ, ଇଂଲିଶ, କନ୍ନଡ, ମାଲାୟାଲାମ୍, ମରାଠି, ବେଙ୍ଗଲୀ, ଉର୍ଦ୍ଦୁ, ତେଲୁଗୁ ଓ ରଷିଆନ୍ ଆଦି ଭାଷାରୁ ଅନୁବାଦ ମଧ୍ୟ କରିଛନ୍ତି। ତାଙ୍କ ଦ୍ୱାରା ଲିଖିତ ସ୍କ୍ରିପ୍ଟରେ “ଅନ୍ଧକାରର ଛାଇ” ଫିଲ୍ମ ତିଆରି ହୋଇଥିଲା। ଏହି ଫିଲ୍ମ ଲୋକଙ୍କ ଆଦୃତି ପାଇଥିଲା।

## ସାରା ରାଜ୍ୟରେ....

ଚାନ୍ଦବାଲିରେ ୪୧.୨, କଟକରେ ୪୧.୧, ସମ୍ବଲପୁରରେ ୪୧.୭, ସୁନ୍ଦରଗଡରେ ୪୧.୫, ଟିଟିଲାଗଡରେ ୪୧.୬ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି । ଯାଜପୁରରେ ୪୧.୨, ଢେଙ୍କାନାଳରେ ୪୧.୬, ଦେବଗଡରେ ୪୧.୦. ଖୋର୍ଦ୍ଧାରେ ୪୧.୦, ବରଗଡରେ ୪୧.୫, ଜଗତସିଂହପୁରରେ ୪୧.୪, ନୟାଗଡରେ ୪୧.୫ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି । ପାଣିପାଗ ବିଭାଗର ରିପୋର୍ଟ ଅନୁସାରେ ୨୦୧୧ ପରଠାରୁ ଏପ୍ରିଲ ମାସରେ ଆଜି ଭୁବନେଶ୍ୱର ତୃତୀୟ ସର୍ବାଧିକ ତାପମାତ୍ରା ରେକର୍ଡ ହୋଇଛି। ୨୦୧୬ ଏପ୍ରିଲ ୧୧ରେ ଭୁବନେଶ୍ୱରରେ ତାପମାତ୍ରା ୪୫.୮ ଡିଗ୍ରି ରେକର୍ଡ ହୋଇଥିଲା। ୨୦୧୯ ଏପ୍ରିଲ ୧୬ରେ ଏଠାକାର ତାପମାତ୍ରା ୪୩.୭ ଡିଗ୍ରି ଥିଲା।

## ସ୍ତ୍ରୀ ଓ ଶାଳିକୁ ହତ୍ୟା....

ଶାଳି ସରସ୍ୱତୀ । ଅନ୍ୟପଟେ ଧୈର୍ଯ୍ୟହରା ମାଆଙ୍କ ବୟାନ ପୁଲିସ ତଦନ୍ତର ଏକ ବଡ ସୁରାକ ଥିଲା । ତିନି ଦିନ ଧରି ଦୁଇ ଝିଅଙ୍କ ସହ ଯୋଗାଯୋଗ ହୋଇନପାରିବାରୁ ପରିବାର ଲୋକେ ଅଭିଯୁକ୍ତ ବିଜୟକୁ ଫୋନ୍ କରିଥିଲେ । ଆଉ ସେତିକି ବେଳେ ମୃତଦେହକୁ ନଷ୍ଟ କରିବା କଥା ବିଜୟ ମୁଣ୍ଡକୁ ଜୁଟିଥିଲା । ଆଉ ରବିବାର ସକାଳେ ସେହି ଉଦ୍ଦେଶ୍ୟରେ ବିଜୟ ଏକ ସ୍କୁଟିରେ ଚମ୍ପଟ ମାରୁଥିବାବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ କାବୁ କରିଥିଲେ ପରିବାର ଲୋକେ । ହତ୍ୟା ପରେ ଶବକୁ ଖାଇବାକୁ ଦେଉଥିଲା ଅଭିଯୁକ୍ତ ! ଶବ ସହ କଥା ହେଉଥିଲା ଅଭିଯୁକ୍ତ ! ଅନ୍ୟପଟେ ସ୍ତ୍ରୀ ଓ ଶାଳି ନିର୍ଯାତନା ଦେଉଥିବାରୁ ହତ୍ୟା କରିଛି । ଶାଳିକୁ ହତ୍ୟା କରିବା ପରେ ଘଟଣାସ୍ଥଳରେ ଏଭଳି ଚିଠି ଲେଖିଛି ହତ୍ୟାକାରୀ ସ୍ୱାମୀ । ଏଥିରେ ସେ ଲେଖିଛି, ବାହାଘରର ବହୁଦିନ ପରେ ସନ୍ତାନ ହେଉନଥିବାରୁ ଉଭୟ ମିଶି ଗାଳିଗୁଲଜ କରିବା ସହ ମାନସିକ ନିର୍ଯାତନା ଦେଉଥିଲେ । ଯେଉଁଥିପାଇଁ ଏଭଳି ଚରମ ନିଷ୍ପତ୍ତି ନେଇଥିଲି ।

# ଓ.ଇ.ଆର.ସି ଅଧ୍ୟକ୍ଷ ନିଯୁକ୍ତି କେବେ ? : ସମାଜବାଦୀ ପାର୍ଟି

ଭୁବନେଶ୍ୱର, ୨୪/୦୪ (ନି.ପ୍ର): ରାଜ୍ୟରେ ପ୍ରବଳ ଖରା ସହିତ ଘନ ଘନ ବିଜୁଳିକାଟରେ ରାଜ୍ୟବାସୀ ଅତିଷ୍ଠ । ରାଜ୍ୟରେ ବିଜୁଳିର ଲୁଚକାଳୀ ଖେଳ ଚାଲିଥିବା ସମୟରେ ଦୁଃଖଦାୟକ ହେଉଛି ଦୀର୍ଘ ୩ ମାସ ହେଲା ବିଜୁଳି ବିଭାଗର ସର୍ବୋଚ୍ଚ ସଂସ୍ଥା ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ (ଓ.ଇ.ଆର.ସି.)ର ଅଧ୍ୟକ୍ଷ ପଦବୀ ଖାଲି ପଡ଼ିବା । ୯୨ଲକ୍ଷ ବିଜୁଳି ଗରାଖ ନିଜ ସମସ୍ୟାର ସମାଧାନ ପାଇଁ ଯିବେ କାହା ପାଖକୁ ବୋଲି ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ପ୍ରଶ୍ନ କରିଛନ୍ତି । ତୁରନ୍ତ ଓ.ଇ.ଆର.ସି.ର ଅଧ୍ୟକ୍ଷ ପଦବୀ ପୂରଣ କରିବା ପାଇଁ ଶ୍ରୀ ବେହେରା ରାଜ୍ୟ ସରକାରଙ୍କ ପାଖରେ ଦାବି କରିଛନ୍ତି । ଏହା ସହିତ ମାଟ୍ରିକ୍ ପରୀକ୍ଷା ଓ ଯୁକ୍ତ୨ପରୀକ୍ଷା ଆରମ୍ଭ ହେବାକୁ ଯାଉଥିବା ହେତୁ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଜୁଳି କାଟ ବନ୍ଦ ରଖିବା ପାଇଁ ରାଜ୍ୟ ସରକାର ତୁରନ୍ତ ଟାଟା ପାୱାରକୁ ନିର୍ଦ୍ଦେଶ ଦେବାକୁ ସେ ଦାବି କରିଛନ୍ତି । ବିଦ୍ୟୁତ୍ ଗ୍ରାହକମାନଙ୍କର ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ତୁରନ୍ତ ଏକ ଉତ୍ସର୍ଗୀକୃତ ଟେଲିଫୋନ୍ ନମ୍ବର ନିଃଶୁଳ୍କ ଭାବରେ ଜାରି କରିବାକୁ ଶ୍ରୀ ବେହେରା ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି । ଜିଲ୍ଲାସ୍ତରୀୟ ବିଦ୍ୟୁତ୍ କମିଟି ପ୍ରତି ସପ୍ତାହକୁ ଥରେ ଲେଖାଏଁ ବସି ବିଜୁଳି ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ରାଜ୍ୟ ଶକ୍ତି ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି । ତା ନହେଲେ ବିଜୁଳି ବିଭ୍ରାଟକୁ ନେଇ ଜନସାଧାରଣଙ୍କ ଭିତରେ ଯେଉଁ ନିଆଁ କୁହୁଳିଛି, ତାହା କେତେବେଳେ ତ ବିସ୍ଫୋରଣ ପରିସ୍ଥିତି ସୃଷ୍ଟି ନ କରିବ ତାହା କହିହେବ ନାହିଁ । ଏଣୁ ବେଳହୁଁ ସାବଧାନ ନୀତିରେ ରାଜ୍ୟ ସରକାର ଅଘୋଷିତ ବିଜୁଳିକାଟକୁ ବନ୍ଦ କରିବା ସଙ୍ଗେସଙ୍ଗେ ୩୦୦ ୟୁନିଟ୍ ମାଗଣା ବିଜୁଳି ଯୋଗାଇ ଦେବାପାଇଁ ଏବଂ ଓ.ଇ.ଆର.ସି.ର ଅଧ୍ୟକ୍ଷ ପଦ ପୁରଣ କରିବାକୁ ପଦକ୍ଷେପ ନେବାକୁ ଶ୍ରୀ ବେହେରା ଦାବି କରିଛନ୍ତି ।

# ସରକାରୀ କାର୍ଯ୍ୟକ୍ରମରେ ସାଂସଦଙ୍କୁ ଉପେକ୍ଷା ବିରୋଧରେ ବିଜେପିର ସମ୍ବାଦଦାତା ସମ୍ମିଳନୀ

ଜଳେଶ୍ୱର, ୨୪/୪ (ନି.ପ୍ର): ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଉପେକ୍ଷା କରାଯାଉଥିବାରୁ ଏହା ବିରୋଧରେ ଜଳେଶ୍ୱର ବିଜେପି ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି । ନିକଟରେ ଜିଲ୍ଲା ସ୍ତରୀୟ ଦୁଇ ଦିନିଆ ବିଜ୍ଞାନ-ଗଣିତ-ପରିବେଶ ପ୍ରଦର୍ଶନୀ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତୃବୃନ୍ଦଙ୍କୁ ଅତିଥିଭାବେ ନିମନ୍ତ୍ରଣ କରି ମଂଚାସୀନ କରିଥିବା ବେଳେ ସାଂସଦଙ୍କୁ ଏଥିରୁ ବାଦ ଦିଆଯାଇଛି । ଆଜି ରବିବାର ପାର୍ଟି କାର୍ଯ୍ୟାଳୟରେ ଅନୁଷ୍ଠିତ ସମ୍ବାଦଦାତା ସମ୍ମିଳନୀରେ ସଂଘୀୟ ବ୍ୟବସ୍ଥାରେ ବ୍ୟତିକ୍ରମ ହେଉଥିବା ଅଭିଯୋଗ କରାଯାଇଛି । ଏହି କାର୍ଯ୍ୟକ୍ରମର ଆବାହକ ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଓ ସାଂଗଠନିକ ସଂପାଦକ ସାଂସଦଙ୍କୁ ରାଜନୈତିକ ଆକ୍ରୋଶ ରଖି ଉପେକ୍ଷା କରିଥିବା କୁହାଯାଇଛି । ଏପରିକି ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ମାନଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇନଥିବା ହୀନମନ୍ୟତାର ପରିଚୟ ବୋଲି କୁହାଯାଇଛି । ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ କୌଣସି ଘଟଣାରେ ଫୋନ କଲେ ତାହା ଉଠାଉନଥିବା ଅଭିଯୋଗ ହୋଇଛି । ତେଣୁ ଆସନ୍ତା ଦିନରେ ଏହାର ପୁନରାବୃତ୍ତି ହେଲେ ଦଳ ପକ୍ଷରୁ ବିରୋଧ କରାଯିବା ସହିତ ଏ ସମ୍ପର୍କରେ ଜିଲାପାଳ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଦାବି କରାଯାଇଛି । ଏଥିରେ ବରିଷ୍ଠ ବିଜେପି ନେତା ଅରୁଣ ବେଜ, ଜିଲ୍ଲା ବିଜେପି ଉପସଭାନେତ୍ରୀ ସାବିତ୍ରୀ ଜେନା, ଟାଉନ୍ ସାଂସଦ ପ୍ରତିନିଧି ଫାଲଗୁନୀ ପାଣିଗ୍ରାହୀ, ବ୍ଲକ ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, କାଉନ୍ସିଲର ଚନ୍ଦନ ଦାସ, ଶିବନାରାୟଣ ଦାସ, ଆଦିତ୍ୟ ନାରାୟଣ ପାତ୍ର, ରବିନ୍ଦ୍ର କୁମାର ପାତ୍ର, ଜଗନ୍ନାଥ ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଲିଆପାଳ ସୂଚନା ଅଧିକାର ଅଭିଯାନ ଶାଖାର ବାର୍ଷିକ ସମ୍ମିଳନୀ




ବାଲିଆପାଳ, ୨୪/୦୪ (ନି.ପ୍ର): ସୂଚନା ଅଧିକାର ଅଭିଯାନ ବାଲିଆପାଳ ଶାଖାର ବାର୍ଷିକ ସମ୍ମିଳନୀ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ବାଲିଆପାଳ ଶାରିରୀକ କ୍ରୀଡା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶାଖାର ସଭାପତି ଅନୁଜ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ସୂଚନା ଅଧିକାର ଅଭିଯାନର ରାଜ୍ୟସଭାପତି ପ୍ରଦୀପ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ପ୍ରଫେସର ଡ. ଅଦ୍ୱୈତ ପାତ୍ର,ସମ୍ମାନୀତ ଅତିଥିଭାବରେ ବାଲିଆପାଳ ବିଡିଓ ଦୀପକ କୁମାର ପ୍ରଧାନ, ଥାନା ଅଧିକାରୀ ପର୍ଶୁରାମ ସାହୁ, ବାଲେଶ୍ୱର ବାର କାଉନସିଲର ସଭାପତି ମନୋଜ ନାୟକ, ରାଜ୍ୟ ମାନବଅଧିକାର କମିଟିର ସଦସ୍ୟ ଅଖଣ୍ଡ,ସନ୍ତୋଷ ମହାନ୍ତି ପ୍ରମୁଖ ଯୋଗଦେଇ ସୂଚନା ଅଧିକାର ଆଇନ ଯୋଗୁଁ ଦୁର୍ନୀତି କୁ ରୋକାଯାଇପାରୁଛି । ଏହି ଅବସରେ ଏହି ଆଇନର ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ ଆହ୍ୱାନ ଦିଆଯାଇଥିଲା ।ଏହି ସମ୍ମିଳନୀରେ ପ୍ରଫେସର ଅଦ୍ୱୈତ ପାତ୍ର, ଖବରକାଗଜ ବିକ୍ରେତା ନଗେନ୍ଦ୍ର ବିଶ୍ୱାଳ, କୃଷକ ମୋର୍ଚ୍ଚା ସଭାପତି କୁଶଧ୍ୱଜ ଜେନା ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଗୋପୀନାଥ ଗଙ୍ଗାଇ, ଅକ୍ଷୟ ଦାସ, ଦେବେନ୍ଦ୍ର ଦାସ,ଗୋପାଳ ଗଙ୍ଗାଇ, ସୁବୋଧ ପାତ୍ର, ଘନଶ୍ୟାମ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।ଏହି କାର୍ଯ୍ୟକ୍ରମରେ ସୂଚନା ଅଧିକାର ଅଭିଯାନର ଭୋଗରାଇ, ସିଂଲାଶାଖା ସମେତ ସ୍ଥାନୀୟ ଅଂଚଳର ବହୁ ବୁଦ୍ଧିଜିବୀ ଓ ସାମ୍ବାଦିକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ବାଲେଶ୍ୱର, ସୋମବାର, ୨୫ ଅପ୍ରେଲ, ୨୦୨୨
ଧ୍ୱନି ପ୍ରତିଧ୍ୱନି


# ଶିକ୍ଷା ବିକାଶ ସମିତି ଓଡିଶାରସାଧାରଣ ସଭା ଉଦ୍ ଯାପିତ

କଟକ, ୨୪/୦୪ (ନି.ପ୍ର): ରବିବାର ଦିନ କଟକ ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର କେଶବ ଧାମରେ ଶିକ୍ଷା ବିକାଶ ସମିତି ଓଡିଶାର ସାଧାରଣ ସଭା ଉଦ୍ ଯାପିତ ହୋଇଯାଇଅଛି । ଏହି ଉଦ୍‌ଯାପନୀ ସତ୍ରରେ ମୁଖ୍ୟଅତିଥି ଭାବେ ବିଦ୍ୟା ଭାରତୀର ସଂଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତ ଯୋଗ ଦେଇ ଶିକ୍ଷାର ଗୁଣାତ୍ମକ ବିକାଶ ଘଟିଲେ ରାଷ୍ଟ୍ରରେ ସାଂସ୍କୃତିକ ଜାଗରଣ ସୃଷ୍ଟି ହେବ ଯଦ୍ୱାରା ଏକ ସୁସଂସ୍କୃତ ସୁସଂହତ ରାଷ୍ଟ୍ର ଉକ୍ତ ଯୁବପୀଢ଼ି ନିର୍ମାଣ ହୋଇ ପାରିବ ବୋଲି କହିଥିଲେ। । ଏହି ଦୁଇଦିନ ବୈଠକରେ ପୂର୍ବ କ୍ଷେତ୍ରର କ୍ଷେତ୍ରୀୟ କାର୍ଯ୍ୟବାହ ଡଃ ଗୋପାଳପ୍ରସାଦ ମହାପାତ୍ର, ପୂର୍ବ ୬କ୍ଷେତ୍ରର ସଭାପତି ଡଃ ଲକ୍ଷ୍ମୀକାନ୍ତ ମହାରଣା , ଶିକ୍ଷା ବିକାଶ ସମିତି, ଓଡିଶାର ସଭାପତି ଡଃ.କିଶୋର ଚନ୍ଦ୍ର ମହାନ୍ତି ଉପସଭାପତି ଲିଙ୍ଗରାଜ ଗୌଡ,ସଂପାଦକ କମଳାକାନ୍ତ ମିଶ୍ର, କୋଷାଧ୍ୟକ୍ଷ ସତ୍ୟନାରାୟଣ ପଟ୍ଟନାୟକ ଆଦି କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଜାତୀୟ ଶିକ୍ଷାନୀତି, ଜିଲ୍ଲା କେନ୍ଦ୍ର ବିଦ୍ୟାଳୟ ସଶକ୍ତିକରଣ , ଆଦର୍ଶ ଶିଶୁ ବାଟିକା, ସଂସ୍କାର କେନ୍ଦ୍ର , ଚାରି ଆୟାମ, ଆଚାର୍ଯ୍ୟ ପ୍ରଶିକ୍ଷଣ, କୌଶଳ ବିକାଶ , ପର୍ଯ୍ୟାବରଣ , ପ୍ରଚାର,ସଂପର୍କ ଓ ସ୍ୱତନ୍ତ୍ରତାର ଅମୃତ ମହୋତ୍ସବ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ପ୍ରାଦେଶିକ ମେଧା ଓ ଭାରତୀ କୃଷ୍ଣ ଗଣିତ ପ୍ରତିଭା ପରୀକ୍ଷା ଫଳାଫଳ ପୁସ୍ତିକା ଉନ୍ମୋଚନ ହେବା ସହିତ ବରିଷ୍ଠ ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ଶ୍ରୀ ଶଶି ଭୂଷଣ ପଲେଇଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶିକ୍ଷା ବିକାଶ ସମିତିର ଯୁଗ୍ମ ସଂପାଦକ ତଥା ବିଦ୍ୟାଳୟର ସଂପାଦକ ଉମେଶ ଚନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ଏହି କାର୍ଯ୍ୟକ୍ରମରେ ସମଗ୍ର ଓଡିଶା ପ୍ରଦେଶରୁ ୨୬୨ ଜଣ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସରସ୍ୱତୀ ବିଦ୍ୟାମନ୍ଦିର କେଶବଧାମର ପ୍ରଧାନ ଆଚାର୍ଯ୍ୟ ତଥା ଆଚାର୍ଯ୍ୟ ଓ ସେବକମାନଙ୍କ ପୂର୍ଣ୍ଣ ସହଯୋଗରେ ଏହି କାର୍ଯ୍ୟକ୍ରମଟି ସଫଳ ରୂପାୟନ ହୋଇପାରିଥିଲା।

# 'ଫିଲ୍ମ ଜର୍ଣ୍ଣାଲିଷ୍ଟସ୍ ଫୋରମ୍'ର ଅଷ୍ଟାଦଶ ସ୍ମୃତିଛାୟା 'ଅପରିଚିତା' ପ୍ରଦର୍ଶିତ

ଭୁବନେଶ୍ୱର, ୨୩/୦୪ (ନି.ପ୍ର): ୧୯୮୦ ମସିହାରେ ମୁକ୍ତିଲାଭ ଓଡ଼ିଆ କଳାଧଳା ଚଳଚ୍ଚିତ୍ର 'ଅପରିଚିତା' ଆଜି ମଧ୍ୟ ଅନେକ ଦର୍ଶକଙ୍କ ସ୍ମୃତିରେ ରହିଛି । ଏହି ଚଳଚ୍ଚିତ୍ରକୁ ଦେଖିବାର ସୁଯୋଗ ଆଉ ନାହିଁ । ଡ. ପ୍ରତିଭା ରାୟଙ୍କ ମୂଳ ଉପନ୍ୟାସ 'ନଦୀ ନିସ୍ତରଙ୍ଗ'ର ଚଳଚ୍ଚିତ୍ର ରୂପ ହେଉଛି 'ଅପରିଚିତା' ଏବଂ ଏହାର ନିର୍ଦ୍ଦେଶନା ଦେଇଥିଲେ ସାଧୁ ମେହେର । ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟରତ ସିନେ ସାମ୍ବାଦିକଙ୍କ ଅନୁଷ୍ଠାନ 'ଫିଲ୍ମ ଜର୍ଣ୍ଣାଲିଷ୍ଟସ୍ ଫୋରମ୍' ପକ୍ଷରୁ ଅଷ୍ଟାଦଶତମ ସ୍ମୃତିଛାୟା କ୍ରମରେ ଓଡ଼ିଆ ଚଳଚ୍ଚିତ୍ର 'ଅପରିଚିତା'ର ସ୍କ୍ରିନିଂ ଉତ୍ସବ ଏପ୍ରିଲ ୨୪ ତାରିଖରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ଦର୍ଶକ ଫେରିଥିଲେ ଓଡ଼ିଆ ଚଳଚ୍ଚିତ୍ରର ସୁବର୍ଣ୍ଣ ଅତୀତକୁ । ଉଲ୍ଲେଖଯୋଗ୍ୟ ସେ ଅନିୟମିତ ଅନ୍ତରାଳରେ 'ଫିଲ୍ମ ଜର୍ଣ୍ଣାଲିଷ୍ଟସ୍ ଫୋରମ୍' ବିଭିନ୍ନ ବ୍ୟାବସାୟିକ ଓ କ୍ଲାସିକ୍ ଓଡ଼ିଆ ଚଳଚ୍ଚିତ୍ରର ପୁନରୁଦ୍ଧାର ଓ ସ୍କ୍ରିନିଂ ଉତ୍ସବର ଆୟୋଜନ କରିଥାଏ । ସଂପ୍ରତି ଉପଲବ୍ଧ ହେଉ ନଥିବା କ୍ଲାସିକ ଓଡ଼ିଆ ଚଳଚ୍ଚିତ୍ରର ସଂରକ୍ଷଣ ପାଇଁ ଏହି ଫୋରମ୍ କାର୍ଯ୍ୟ କରି ଆସୁଛି । ଉତ୍ସବ ଆରମ୍ଭରେ 'ଫିଲ୍ମ ଜର୍ଣ୍ଣାଲିଷ୍ଟସ୍ ଫୋରମ୍'ର ଅନୁଷ୍ଠାନ ସଂଗୀତ ଭାବରେ ପରିବେଶିତ ହୋଇଥିଲା । ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତାବିବାହ'ର ସଂଗୀତ ଓ ଉତ୍ସବ ଉଦ୍‌ଘାଟିତ ହୋଇଥିଲା । ଓଡ଼ିଆ ଚଳଚ୍ଚିତ୍ରର ଦିବଙ୍ଗତ ପ୍ରତିଭାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପରେ ସାହିତ୍ୟ ଓ ଚଳଚ୍ଚିତ୍ରର ସଂଯୋଗ କ୍ରମରେ 'ଅପରିଚିତା' ଚଳଚ୍ଚିତ୍ର ବିବରଣୀ ପୁସ୍ତିକା ଉନ୍ମୋଚିତ ହୋଇଥିଲା । ପୁନରୁଦ୍ଧାର ସହ ସଂପୃକ୍ତ ତିନିଜଣ ବ୍ୟକ୍ତିବିଷଶଷଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ପରେ 'ଅପରିଚିତା' ସହ ସଂପୃକ୍ତ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇଥିଲା 'ଅପରିଚିତା' ଚଳଚ୍ଚିତ୍ରର ସ୍ମାରକୀ ଫଳକ । ଏହି ଅବସରରେ ଓଡ଼ିଆ ଚଳଚ୍ଚିତ୍ର କଳାଧଳା ଯୁଗ ସମ୍ବନ୍ଧିତ 'ନିଶାନ୍ତ' ପତ୍ରିକାର ବିଶେଷ ସଂଖ୍ୟା ଉନ୍ମୋଚିତ ହୋଇଥିଲା । ଉତ୍ସବର ଶେଷ ଆକର୍ଷଣ ଥିଲା 'ଅପରିଚିତା'ର ସ୍କ୍ରିନିଂ । ତେବେ ହଲ୍ ବାହାରେ ମଧ୍ୟ ପ୍ରଦର୍ଶିତ ହୋଇଥିଲା 'ଅପରିଚିତା'ର ଅନେକ ଫଟୋ ପ୍ରତିଛାୟା, ସ୍ନାପ୍ ସଟ୍ ଏବଂ 'ଅପରିଚିତା' ସହ ସଂପୃକ୍ତ ଥିବା ପରଲୋକଗତ ବ୍ୟକ୍ତିତ୍ୱଙ୍କ ଛବି । ଏହା ସହ ସଙ୍ଗୀତକାର ପ୍ରଫୁଲ୍ଲ କରଙ୍କ ପ୍ରତି ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି ସ୍ୱରୂପ ଏକ ଛବି ମଧ୍ୟ ଉତ୍ସବରେ ସଂଯୁକ୍ତ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଆର୍‌କେ ଗୁଡ଼ି ଓ ଆର୍‌ଜେ କେପି ।

# ସାରସ୍ୱତ ଅନୁଷ୍ଠାନ ଓ ପ୍ରତିଭା ବିକାଶ କ୍ଷେତ୍ରରେ 'ସମୟର ଚକ୍ର'ର ଭୂମିକା ଅନନ୍ୟ



ବାଲେଶ୍ୱର, ୨୪/୦୪ (ନି.ପ୍ର): ସ୍ଥାନୀୟ ବ୍ରିଟ୍ କଲ୍ୟାଣ ମଣ୍ଡପ ଠାରେ ବାଲେଶ୍ୱର ନିୟମିତ ଭାବେ ପ୍ରକାଶ ପାଉଥିବା ମାସିକ ସମ୍ବାଦ ଭିତ୍ତିକ ପତ୍ରିକା ସମୟର ଚକ୍ରର ୧୧ତମ ବାର୍ଷିକ ଉତ୍ସବ, କବିତା ପାଠ, ନୃତ୍ୟ ପ୍ରତିଯୋଗୀତା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ପୂର୍ବତନ ସାଂସଦ ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ପ୍ରଥମେ ଆନୁଷ୍ଠାନ ଭାବେ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ । ବାଲେଶ୍ୱର ଜିଲ୍ଲା ରକ୍ତ ଦାତା ସଂଘର ସାଧାରଣ ସମ୍ପାଦକ ଇଂ. ହୃଷିକେଶ ସାହୁ, ସମାଜସେବୀ ସାଇରୁଲ ହକ୍, ରଜନୀକାନ୍ତ ମହାପାତ୍ର, ରାଧାକୃଷ୍ଣ ସାହୁ, ବାଲେଶ୍ୱର ଜିଲ୍ଲା ରକ୍ତ ଭଣ୍ଡାରର ମୁଖ୍ୟ ଡାକ୍ତର ବସନ୍ତ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ରହିଥିଲେ । ବହୁ ସଂଖ୍ୟାରେ ବ୍ୟକ୍ତି ରକ୍ତଦାନ କରିଥିଲେ । କବି ବ୍ରଜେନ୍ଦ୍ରନାଥ ଗିରିଙ୍କ ଅଧ୍ୟକ୍ଷତାରେ ଏକ କବିତା ପାଠ ଆସର ଅନୁଷ୍ଠିତ ହୋଇଥିଲା । ଦୀନକୃଷ୍ଣ ସ୍ମୃତି ପରିଷଦର ସଭାପତି ବିପିନୀ ବିହାରୀ ବିଶ୍ୱାଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ସୁସାହିତିକ ଅଧ୍ୟାପକ ସୁକାନ୍ତ ଗିରି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନ୍ତ କୁମାର ପାଣିଗ୍ରାହୀ, ମୟୂର ସାହିତ୍ୟ ସଂସଦର ସଭାପତି ଯତୀନ୍ଦ୍ରନାଥ ସାହୁ, ଅନନ୍ୟା ସାହିତ୍ୟ ପରିଷଦର ଉପଦେଷ୍ଟା ନିମାଇ ଚରଣ ବେହେରା, ମାନସ ସ୍ୱାଇଁ, କଲ୍ୟାଣୀ ନନ୍ଦ, କବି ବ୍ରଜଗୋପାଳ ମହାନ୍ତି, କବି ନିରଦ ସୁନ୍ଦର ଜେନା, କବି ସୁବ୍ରତା ମହାନ୍ତି ପ୍ରମୁଖ ଉପସ୍ଥିତିରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ କବି କବିତା ପାଠ କରିଥିଲେ । ଦ୍ୱିତୀୟ ଅଧିବେଶନ ସଭା କାର୍ଯ୍ୟରେ କବି କାଳିକିଙ୍କର ଦାସଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ସମାଜସେବୀ ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଡଃ. ରାଧାରଞ୍ଜନ ପଟ୍ଟନାୟକ ବରେଣ୍ୟ ଅତିଥି ଭାବେ ବାଲେଶ୍ୱର ପୌରପାଳିକାରେ ନବନିର୍ବାଚିତ ଅଧକ୍ଷା ସବିତା ସାହୁ, ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ବହି ଘରର ମୁଖ୍ୟ ଅଭୟ ଦାସ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଗୁରୁ ଆଚାର୍ଯ୍ୟ ବିଜୟ ଜୀ, ଆର୍ଯ୍ୟଭଟ୍ଟ ମହାନ୍ତି, ସମାଜସେବୀ ସୁମନ୍ତ ଜେନା, ସୁଶାନ୍ତ କର ପ୍ରମୁଖ ଯୋଗଦେଇ ସମ୍ବାଦ ଓ ସାହିତ୍ୟର ଯୁଗଳବନ୍ଦି ଏହି ପତ୍ରିକା ପ୍ରତିଭା ଅନ୍ୱେଷଣ, ସାରସ୍ୱତ ପ୍ରତିଭା ଧରଙ୍କ ବିକାଶ, ଅନୁଷ୍ଠାନ ସୃଷ୍ଟି ଓ ବିକାଶ, ସାମାଜିକ ସେବା କ୍ଷେତ୍ରରେ ସମୟର ଚକ୍ରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସମୟର ଚକ୍ର ବାର୍ଷିକ ବିଶେଷାଙ୍କ ପତ୍ରିକା ଲୋକାର୍ପଣ କରାଯାଇଥିଲା । ବିଭିନ୍ନ ବର୍ଗରେ ୨୭ଜଣ ପ୍ରତିଭାବାନ ବ୍ୟକ୍ତିଙ୍କୁ ଏବଂ ଚାରିଗୋଟି ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ୩ ବର୍ଷରୁ ୧୫ ବର୍ଷ ଭିତରେ ବିଦ୍ୟାଳୟ ସ୍ତରୀୟ ପିଲାମାନଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ୩୬ ଜଣ ପିଲା ଭାଗ ନେଇଥିଲେ । ଯାତ୍ରା ଅଭିନେତା ସରୋଜ କୁମାର ମହାପାତ୍ର, ସମାଜସେବୀ ପ୍ରତିମା ପଣ୍ଡା, ଚିତ୍ରଶିଳ୍ପ ଦେବଜିତ୍ ବାରିକ୍, ସାହିତ୍ୟିକ ହାଡ଼ବନ୍ଧୁ ପାତ୍ର, ଦୀପକ ସେନ୍, ଜ୍ୟୋର୍ତିମୟୀ ଶତପଥି, ନୃତ୍ୟଗୁରୁ ଜୟନ୍ତ ସାର୍ ଓ ରବି ସାର୍ ପ୍ରମୁଖ ଉପସ୍ଥିତ ରହି ସମସ୍ତ ଭାଗନେଇଥିବା ନୃତ୍ୟ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ ପ୍ରଶସ୍ତି ପତ୍ର ପ୍ରଦାନ କରିଥିଲେ । ଏ ସମସ୍ତ କାର୍ଯ୍ୟକୁ କବି ରମେଶ ବେହେରା, ଗଛ ମଣିଷ ରବୀନ୍ଦ୍ର ବେହେରା,କବି ତିର୍ଥେଶ ରାୟ ମହାଶୟ, ଅଭୟ ସାହୁ ପ୍ରମୁଖ ସହଯୋଗ କରିଥିଲେ । ସହସମ୍ପାଦିକା ସତ୍ୟଭାମା ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ପ୍ରେମାନନ୍ଦ ଅର୍ଯ୍ୟବ୍ରତ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

# ସ୍ତ୍ରୀରୋଗ ଚିକିତ୍ସା ଓ ଜରାୟୁ ମୁଖ କର୍କଟ ଚିହ୍ନଟ ଶିବିର



ଜଳେଶ୍ୱର, ୨୪/୪ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସମ୍ପଡିଆ ପଂଚାୟତର ଡେମୁରିଆ ହାଟପଡିଆରେ ଏକ ନିଶୁଳ୍କ ସ୍ତ୍ରୀରୋକ ଚିକିତ୍ସା ଓ ଜରାୟୁ ମୁଖ ଦ୍ୱାର କର୍କଟ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଅନ୍ୟ କୌଣସି କର୍କଟ ରୋଗର ପ୍ରତିଷେଧକ ଲାଗି ବ୍ୟବସ୍ଥା ନ ଥିବା ବେଳେ ଜରାୟୁ କର୍କଟ ରୋଗର ଚିକିତ୍ସା କରାଯାଇ ପାରୁଥିବାରୁ ଆଜି ଏପରି ଚିହ୍ନଟ ଶିବିରକୁ ଗୁରୁତ୍ୱ ଦିଆଯାଇଥିଲା । ଏହି ରୋଗ ହ୍ୟୁମାନ ପିପିଲୋମା ନାମକ ଏକ ଭାଇରସ ଦ୍ୱାରା ବ୍ୟାପୁଥିବାରୁ ଏଥିଲାଗି ପ୍ରତ୍ୟେକେ ସଚେତନ ହେବା ଉଚିତ ବୋଲି ଡା. ଦୀପ୍ତିମୟୀ ମହାପାତ୍ର ପ୍ରକାଶ କରିଛନ୍ତି । ଜଳେଶ୍ୱରସ୍ଥିତ ଦୀପଶିଖା ଟ୍ରଷ୍ଟ ଓ ଡେମୁରିଆସ୍ଥିତ ଗଣେଶ ଗ୍ରୁପ ଅଫ ଫାଉଣ୍ଡେସନ ମିଳିତ ସହଯୋଗରେ ଏପରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଡ. ମହାପାତ୍ର ୩୦ଜଣ ମହିଳାଙ୍କୁ ନିଶୁଳ୍କ ଚିକିତ୍ସା ଯୋଗାଇଥିବା ବେଳେ ୧୩ ଜଣ ଜରାୟୁ ମୁଖଦ୍ୱାର କର୍କଟ ଚିହ୍ନଟ କରିଥିଲେ। ନିର୍ଦ୍ଦିଷ୍ଟ ସମୟରେ ବାଳିକା ଓ ସ୍ତ୍ରୀ ଲୋକଙ୍କୁ ହ୍ୟୁମାନ ପିପିଲୋମା ଭାଇରସ ଟିକା ଦେବାଲାଗି ପରାମର୍ଶ ଦେଇଥିଲେ। ସ୍ଥାନୀୟ ସରପଂଚ ସୁଶାନ୍ତ ପ୍ରଧାନ, ସମିତି ସଦସ୍ୟ ରଶ୍ମିତା ପ୍ରଧାନ, ପ୍ରମୋଦ କୁମାର ହୁଇ, କାରୁବାକି ଉତ୍କଳିକା, ସୁବ୍ରତ କୁମାର ରଣା, ତନୁସ୍ମିତା ହୁଇ, ଝରଣା ପ୍ରଧାନ, ତାପସ କୁମାର ଚନ୍ଦ, ଜ୍ୟୋସ୍ନାରାଣୀ ଦତ୍ତ, ରାଧାକୃଷ୍ଣ ପ୍ରଧାନ, ତନ୍ମୟ ମହାନ୍ତି, ରାଜକିଶୋର ଘୋଷ, ତପନ ସେନାପତି ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସହାୟତା କରିଥିଲେ ।

# ଅଯୋଧା ସମିତିସଭ୍ୟ ଓ ୨ ୱାର୍ଡସଭ୍ୟଙ୍କୁ ନେଇ ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ନୀଳଗିରି, ୨୪/୦୪ (ନି.ପ୍ର): ନବନିର୍ବାଚିତ ଆଦିବାସୀ ସମିତି ସଭ୍ୟ ର ଦୁର୍ବଳ ମୁହୂର୍ତ୍ତରୁ ଫାଇଦା ନେବାକୁ ବିଜେଡି ଚାହିଁଥିଲା ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ନୀଳଗିରି ବିଧାୟକ ଇଂ.ସୁକାନ୍ତ କୁମାର ନାୟକ ଏକ ଗୁରୁତର ଅଭିଯୋଗ ଆଣିଛନ୍ତି । ସୂଚନାଥାଉକି ଅଯୋଧ୍ୟା ପଂଚାୟତର ସମିତି ସଭ୍ୟ ସୁକଦେବ ସିଂ ଆଦିବାସୀ ପରମ୍ପରା ପାଇଁ ପୂଜାରେ ବସିଥିବା ବେଳେ ତାଙ୍କୁ ବିଜେଡି ଦଳ ପକ୍ଷରୁ ନୂତନ ବ୍ଲକ ଅଧକ୍ଷାଙ୍କୁ ସୌଜନ୍ୟମୂଳକ ସାକ୍ଷାତ ଓ ପଂଚାୟତର ସମସ୍ୟା ସଂପର୍କରେ ଆଲୋଚନା ପାଇଁ ବିଜେଡି ନେତା ସନ୍ତୋଷ ଖଟୁଆ ତାଙ୍କ ଫାର୍ମ ହାଉସ କୁ ଡାକିଥିଲେ । ସେଠି ଉପସ୍ଥିତ ଥିବା ବିଜେଡି ନେତାମାନେ ଦଳର ଉତରୀୟ ଦେଇ ସ୍ୱାଗତ କରିବା ସହିତ ଦଳରେ ଯୋଗଦେଇଥିବା ନେଇ ସୋସିଆଲ ମିଡିଆରେ ତାଙ୍କ ଫଟୋକୁ ପୋଷ୍ଟ କରିଥିଲେ । କିନ୍ତୁ୨୪ଘଂଟା ନ ପୁରୁଣୁ ପୁଣି ବିଜେପି ଦଳକୁ ସୁକଦେବ ପ୍ରତ୍ୟାବର୍ତନ କରିଛନ୍ତି ।ସାମ୍ବାଦିକ ସମ୍ମିଳନୀରେ ସୁକଦେବ କହିଛନ୍ତି ମୁଁ ଜଣେ ଆଦିବାସୀ ନେତା । ମୋର ସରଳ ପଣିଆ ଓ ଦୁର୍ବୁଳ ମୁହୂର୍ତର ଫାଇଦା ନେବାକୁ ବିଜେଡି ଚାହିଁଥିଲା ବୋଲି ପ୍ରକାଶ କରିଛନ୍ତି । ବାଧ୍ୟବାଧକତାରେ ମୋତେ ମିଶାଯାଇଥିଲା ବୋଲି ସୁକଦେବ ଅଭିଯୋଗ କରିବା ସହିତ ମୁଁ ବିଜେପିର ଥିଲି ଓ ରହିବି ବୋଲି କହିଛନ୍ତି । ଅପରପକ୍ଷରେ ଅଯୋଧ୍ୟା ପଂଚାୟତର ୧୬ନଂ. ୱାର୍ଡ ସଭ୍ୟ ଜନ୍ମେଜୟ ସିଂ, ୧୭ନଂ. ୱାର୍ଡ ସଭ୍ୟ ବାଦଲ ସିଂ ମଧ୍ୟ ବିଜେପି ଦଳକୁ ପ୍ରତ୍ୟାବର୍ତନ କରିଛନ୍ତି । ସମସ୍ତଙ୍କୁ ବିଜେପି ଦଳ ତରଫରୁ ବିଧାୟକ ସୁକାନ୍ତ ନାୟକ ଟୋପି ଉତରୀୟ ଦେଇ ସ୍ୱାଗତ କରିଥିଲେ । ସାମ୍ବାଦିକ ସମ୍ମିଳନୀରେ ବିଜେପି ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର, ବିଧାୟକ ପ୍ରତିନିଧି ଉପେନ୍ଦ୍ର ଦାସ, ସିଆଡ଼ିମାଳ ସମିତିସଭ୍ୟ ରାଜୀବ ଦାସବାବୁ, ସରପଂଚ ସୁରଥ ସିଂ, ଅଯୋଧ ସରପଂଚ ତାରିଣୀ ସିଂ, ଜୟକୃଷ୍ଣ ସ, ସୁଶାନ୍ତ ଖୁଂଟିଆ, ଜଗା ସିଂ, ସର୍ବା ସିଂ, ପ୍ରଦୀପ ମହାପାତ୍ର, ରମାକାନ୍ତ ମୁଖୀ, ଉମେଶ ମୁଖୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରୀମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର



ବାରିପଦା, ୨୪/୦୪ (ନି.ପ୍ର): ବାରିପଦା ର ଶ୍ରୀମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ନଟବର ଗିରିଙ୍କ ଅଧକ୍ଷତାରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇ ଯାଇଛି । ମୋଟ ୨୪୨ଜଣ ଛାତ୍ରୀଙ୍କୁ ୮ଟି ଗ୍ରୁପରେ ବିଭକ୍ତ କରି ୮ଜଣ ଟ୍ରେନର ୮ଦିନ ଧରି ଛାତ୍ରୀ ମାନଙ୍କୁ ଆତ୍ମରକ୍ଷା ପାଇଁ ବିଭିନ୍ନ କୌଶଳର ପ୍ରଶିକ୍ଷଣ ଦେବେ ବୋଲି ଜଣା ଯାଇଛି । ଏହି ଉଦଘାଟନୀ ଉତ୍ସବରେ ଚିତ୍ରଡା କଲେଜର ଅର୍ଥନିତୀ ବିଭାଗର ପ୍ରଧାପିକା ତଥା ଶ୍ରୀରାମ ଚନ୍ଦ୍ର ଭଂଜ ବିଶ୍ୱ ବିଦ୍ୟାଳୟର ପୂର୍ବତନ ଜାତୀୟ ସେବା ଶିବିର ର ସଂଯୋଜିକା ଉଷା ଶତପଥି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରୀ ମାନେ କୌଣଷି ଗୁଣରେ କମ ନୁହଁନ୍ତି କେବଳ ଆତ୍ମବଳ ଜୁଟାଇ କୌଶଳ ଶିଖିଲେ ନିଜେ ନିଜର ସୁରକ୍ଷା କରିପାରିବେ ବୋଲି କହିଥିଲେ । ପ୍ରଶାସନିକ ଅଧିକାରୀ ଗୀତା ଶତପଥି ଛାତ୍ରୀ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ର ଲକ୍ଷ ଓ ଉଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିବା ବେଳେ, କାର୍ଯ୍ୟକ୍ରମ ସଂଯୋଜିକା ବାସନ୍ତି ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ । କ୍ରୀଡା ଶିକ୍ଷକ ମିହିର ସଦୁଆଳ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ଅନ୍ୟମାନଙ୍କ ମଧ୍ୟରେ ପ୍ରାଧାପିକା ସ୍ମିତା ଭଂଜ, ପ୍ରଣତି ମହାପାତ୍ର, ମାନସୀରାଣି ବାରିକ, ପ୍ରଧାପକ ଶ୍ରୀକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ରହି ନିଜନିଜର ବକ୍ତବ୍ୟ ରଖିଥିଲେ । ଉଦଘାଟନୀ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଓ ଅଣଶିକ୍ଷା କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ପ୍ରଭାତ ରାଉତଙ୍କ ସ୍ମୃତିସଭା

ଭଦ୍ରକ, ୨୪/୦୪ (ନି.ପ୍ର): ବାରିକପୁର ନିକଟ ରାଜେନ୍ଦ୍ରପୁର ଗ୍ରାମରେ ରବିବାର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ହିନ୍ଦୀ ଶିକ୍ଷକ ସ୍ୱର୍ଗତ ପ୍ରଭାତ ଚନ୍ଦ୍ର ରାଉତଙ୍କ ଏକାଦଶାହ ପାଳନ ଅବସରରେ ସ୍ମୃତିଚାରଣ ସଭା ରବିବାର ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି। ଶିକ୍ଷାବିତ ଗୟାଧର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଶିକ୍ଷାବିତ ପ୍ରେମାନନ୍ଦ ନାୟକ, ରବିନ୍ଦ୍ର କୁମାର ନନ୍ଦ, ପୂର୍ଣ୍ଣଚନ୍ଦ୍ର ରାଉତ, ନିତ୍ୟାନନ୍ଦ ଦାସ, ବୈଷ୍ଣବ ବେହେରା, ସନ୍ତୋଷ କୁମାର ସାହୁ, ଘନଶ୍ୟାମ ସ୍ୱାଇଁ, କରୁଣାକର ବାରିକ, ହରିଶଙ୍କର କର, ସୁବ୍ରତ ଦାସ, ପୁରୁଷୋତମ ରାଉତ, ପ୍ରଦୀପ୍ତ ରାଉତ, ରିତାରାଣୀ ରାଉତ, ସିପ୍ରା ରାଉତ, ପୂର୍ଣଚନ୍ଦ୍ର ନାଥ, ଗୌରାଙ୍ଗ ମହାପାତ୍ର ଯୋଗଦେଇ ସ୍ୱର୍ଗତ ଶିକ୍ଷକଙ୍କ ଆଦର୍ଶ ଶିକ୍ଷାଦାନ ଶୈଳୀ, ଛାତ୍ରବତ୍ସଳତା, ଆଧାତ୍ମିକବାଦ ଜୀବନ ଆଦି ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଅମରଆତ୍ମାର ସଦଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପୁରୁଷୋତମ ଧଳ ମଂଚ ଆହ୍ୱାନ, ପଣ୍ଡିତ ରମାକାନ୍ତ ଜେନା ବେଦପାଠ, ପ୍ରଫୁଲ୍ଲ କୁମାର ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

# ଗୋଟିଏ ଦିନରେ ୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୪/୦୪ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୭୯୮୯ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୮୭୨୯ ହୋଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୮୩ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୬ ଜଣ ସଂଗରୋଧରୁ ଓ ୩ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରୁ ୧, କଟକ ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧା ଜିଲ୍ଲାରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୁନ୍ଦରଗଡ ଜିଲ୍ଲାରୁ ୧ ଜଣ ସଂକ୍ରମିତ ହୋଇଛନ୍ତି । ଷ୍ଟେଟ ପୁଲରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୬ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

# କଦମ୍ବଗଡ଼ିରେ ଆମ ଆଦମି ପାର୍ଟିର ବ୍ଲକସ୍ତରୀୟ ସଭା




ନୀଳଗିରି, ୨୪/୦୪ (ନି.ପ୍ର): ଲୋକଙ୍କୁ ମାଗଣା ୨୦୦ ୟୁନିଟ ବିଜୁଳି , ବିଜୁଳି କାଟ ଉପରେ ରୋକ, ବିଜୁଳି ଦର ବୃଦ୍ଧି ବିରୋଧରେ ଦୀର୍ଘଦିନ ଧରି ଓଡ଼ିଶାରେ ଦାବୀହେଉଥିଲେ ସୁଦ୍ଧା ରାଜ୍ୟ ସରକାର ନ ଶୁଣିବା ଘଟଣା ସମସ୍ତଙ୍କୁ ଚକିତ କରିଛି । ଦୀଲ୍ଲି ସରକାର ଗ୍ରାହକମାନଙ୍କୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣରେ ଯୋଗାଇ ଦେଉଥିବା ବେଳେ ଓଡ଼ିଶା ସରକାର କାହିଁକି ଦେବେ ନାହିଁ ବୋଲି ଆମ ଆଦମି ପାର୍ଟି ପକ୍ଷରୁ ଅଭିଯାଗ କରିବା ସହିତ ସ୍ୱାସ୍ଥ୍ୟ , ଶିକ୍ଷା ଓ ବେକାରି ସମସ୍ୟା ଦୂର କରିବାରେ ଓଡ଼ିଶା ସରକାର ବିଫଳତାକୁ ନେଇ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅନ୍ତର୍ଗତ ଗରଡିହି ପଂଚାୟତର କଦମ୍ବଗଡ଼ି ଗ୍ରାମରେ ଏକ ସଭା ଅନୁଷ୍ଠିତ ହୋଇଥିଲେ । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଆମ ଆଦମି ପାର୍ଟିର ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର, ରାଜ୍ୟ କମିଟିର ଦୁଇ ସଦସ୍ୟ ଅମିୟ କୁମାର ଶର୍ମା, ଓ ରୁଚିରୁଦ୍ର ରଥ, ବାଲେଶ୍ୱର ଜିଲ୍ଲାର ଆବାହକ ସ୍ୱର୍ଣ୍ଣଭାରତ ମଲ୍ଲିକ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ସଭାକୁ ଉଦଘାଟନ କରିଥିଲେ ।ମୁଖ୍ୟ ଅତିଥି ଶ୍ରୀଯୁକ୍ତ ମହାପାତ୍ର ନିଜ ବକ୍ତବ୍ୟରେ ଓଡ଼ିଶା ସରକାରଙ୍କ ସମସ୍ତ ବ୍ୟବସ୍ଥାରେ ପରିବର୍ତନ ହେବା ଆବଶ୍ୟକ ବୋଲି ଦାବୀ କରିବା ସହିତ ବିଜୁଳି ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା, ବିଜୁଳି କାଟ ଉପରେ ରୋକ, ବିଜୁଳି ଦରରେ ଅହେତୁକ ଦରବୃଦ୍ଧି ଓ ଶିକ୍ଷା, ସ୍ୱାସ୍ଥ୍ୟ, ବେକାରୀ ସମସ୍ୟା ଦୂରୀକରଣ ପାଇଁ ଦାବୀ କରିବା ସହିତ ଆମ ଆଦମୀ ପାର୍ଟି ରାଜ୍ୟରେ ଶାସନ ଭାର ଗ୍ରହଣ କଲେ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି କହିଥିଲେ । ଆସନ୍ତା ଦିନରେ ୨୫ଲକ୍ଷ ପରିବାରର ଦସ୍ତଖତ ସଂଗ୍ରହ କରି ରାଜ୍ୟ ସରକାରଙ୍କୁ ଭେଟି ଉକ୍ତ ସମସ୍ୟାର ସମାଧାନ ଦିଗରେ ପାର୍ଟି କାର୍ଯ୍ୟ କରିବ ବୋଲି ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କମିଟି ସଦସ୍ୟ ପୁରୁଷୋତମ ସାହୁ,ସଂଜୀବ ସ, ଦିଲ୍ଲୀପ କୁମାର ଗିରି, ରାମକୃଷ୍ଣ ରାମ, ବାବୁଲି ନାୟକ, କେଶବ ବାରିକ, ସର୍ବେଶ୍ୱର ବେହେରା ସମେତ ନୀଳଗିରିର ୨୫ଟି ପଂଚାୟତରୁ ଶତାଧିକ କର୍ମୀ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ କେଶବ ବାରିକ, ସର୍ବେଶ୍ୱର ବେହେରା, ଗଦାଧର ସଂଖୁଆ, ବିବେକ ଦାସ, ଖଗେନ୍ଦ୍ରନାୟକ, ସରୋଜ ରାଉତ, ସଂଜୀବ ମହାନ୍ତି, କୃଷ୍ଣ ତ୍ରିପାଠି, ତପନ ସାହୁ, ଜଳେନ୍ଦ୍ର ବିଶ୍ୱାଳ, ବାଞ୍ଛାନିଧି ନାକ, ଦୀପକ ଗିରି, ସାବିତ୍ରୀ ନାୟକ, ଯାତ୍ରୀ ନାୟକ, ରଘୁନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ପଂଚାୟତିରାଜ ଦିବସରେ ପଂଚାୟତିରାଜ ଅନୁଷ୍ଠାନକୁ ଶକ୍ତିଶାଳୀ କରିବାକୁ ଆହ୍ୱାନ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪/୦୪ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଂଚାୟତିରାଜ ଦିବସରେ ପଂଚାୟତିରାଜ ଅନୁଷ୍ଠାନକୁ ଶକ୍ତିଶାଳୀ କରିବାକୁ ଆହ୍ୱାନ ଦେଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ତୃଣମୂଳସ୍ତରରୁ ଗଣତନ୍ତ୍ରକୁ ସୁଦୃଢ କରିବା ପାଇଁ ବିଜୁ ବାବୁ କ୍ଷମତାର ବିକେନ୍ଦ୍ରୀକରଣ ସହ ପଂଚାୟତର ସଶକ୍ତିକରଣ ଉପରେ ପ୍ରାଥମିକତା ଦେଉଥିଲେ। ତାଙ୍କରି ମାର୍ଗଦର୍ଶନରେ ପଂଚାୟତିରାଜ ଅନୁଷ୍ଠାନକୁ ସଶକ୍ତ କରିବାକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଜାତୀୟ ପଂଚାୟତିରାଜ ଦିବସରେ ଆସନ୍ତୁ ସଂକଳ୍ପବଦ୍ଧ ହେବା ଏହାକୁ ଆହୁରି ଦୃଢ କରିବା।

# ଗୁରୁକୁଳ ବିଦ୍ୟା ମନ୍ଦିରର ସ୍ୱାଗତ ଉତ୍ସବ ଅନୁଷ୍ଠିତ




ଉଦଳା, ୨୪/୦୪ (ନି.ପ୍ର): ଗୁରୁକୁଳ ଦାତବ୍ୟ ଅନୁଷ୍ଠାନ ଦ୍ୱାରା ପରିଚାଳିତ, ଉଦଳା / ସାଇଁକୁଳା ଠାରେ ୨୦୧୬ ରେ ସ୍ଥାପିତ, ଗୁରୁକୁଳ ବିଦ୍ୟା ମନ୍ଦିରର ସ୍ୱାଗତ ଉତ୍ସବ – ୨୦୨୨-୨୩ ଚଳିତ ଏପ୍ରିଲ ୨୪ ତାରିଖ ରବିବାର ଦିନ ସ୍ଥାନୀୟ ତୁଳସୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଉତ୍ସବରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୁର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଶିକ୍ଷାର ଗୁଣାତ୍ମକ ମାନ ହ୍ରାସ ପାଉଥିବାରୁ ଦେଶକୁ କିପରି ବିପଦ ମାଡ଼ିଆସୁଛି ବର୍ଣ୍ଣନା କରିଥିଲେ । ସେହିପରି ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଦେଶକୁ ସମୃଦ୍ଧ କରିବାକୁ ହେଲେ ଶିକ୍ଷା ବ୍ୟବସ୍ଥାକୁ ସଜାଡ଼ିବାର ପ୍ରଥମ ଆବଶ୍ୟକତା ରହିଛି ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଗୁଣାତ୍ମକ ଓ ମୂଲ୍ୟବୋଧ ଶିକ୍ଷାର ସହଯୋଗୀ ଭାବରେ ଦାୟିତ୍ୱ ତୁଲାଉଥିବା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବ୍ରହ୍ମାକୁମାରୀ ଦମୟନ୍ତି, ଯୋଗ ଶିକ୍ଷାର ସହଯୋଗୀ ଭାବରେ ନିଜର ଦାୟିତ୍ୱ ତୁଲାଉଥିବା ପତଞ୍ଜଳୀ ଯୋଗ ସମିତିର ବ୍ରହ୍ମାନନ୍ଦ ନାୟକ, ଆଧାତ୍ମିକ ଶିକ୍ଷାର ସହଯୋଗୀ ଭାବରେ ନିଜର ଦାୟିତ୍ୱ ତୁଲାଉଥିବା ଗାୟତ୍ରୀ ପରିବାରର ସଦସ୍ୟ ବୃନ୍ଦ ଉପସ୍ଥିତ ରହି ନିଜ ନିଜର ଢ଼ଙ୍ଗରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଗୁରୁକୁଳ ବିଦ୍ୟା ମନ୍ଦିରର ନିର୍ଦ୍ଦେଶକ ତନୁରେଖା ମହାପାତ୍ର ମଞ୍ଚପରିଚାଳନା କରିବା ସହିତ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo